ଜଟାୟୁ

ଅନ୍ୟାନ୍ୟ ରଚନା

ଇଂରାଜୀ ସାହିତ୍ୟର ଗତିଧାରା

କବି ରଘୁନାଥ ଦାସ

ଇଂରେଜୀ ସାହିତ୍ୟର ଗତିଧାରା (୧)

ପ୍ରାଚୀନ ଯୁଗ

ଜୀବନର ବିକାଶରେ ପରିସ୍ଥିତି ହାତ ବରାବର ରହିଥାଏ। ଯେ କୌଣସି ଜାତିର ଦୃଷ୍ଟିକୋଣ , ଚିନ୍ତା ଓ ଭାବଧାରା ଏହି ପରିସ୍ଥିତି ଦ୍ୱାରା ଅନେକ ପରିମାଣରେ ନିୟନ୍ତ୍ରିତ ହୋଇ ଆତ୍ମପ୍ରକାଶ କରେ। ତେଣୁ କୌଣସି ଜାତିର ପରିଚୟ ପାଇବାକୁ ହେଲେ ଆମ ତା'ର ଭୂଗୋଳ ଓ ଇତିହାସକୁ ଅବଜ୍ଞା କରିପାରିବା ନାହିଁ ଇଂରେଜୀ ସାହିତ୍ୟ ଯେଉଁ ପ୍ରାଣସ୍ପନ୍ଦନକୁ ଲିପିବଦ୍ଧ କରିଛି , ଯେଉଁ ଆଶା ଆକାଙ୍କ୍ଷା , ଯେଉଁ ଆଦର୍ଶ ବା ଅନୁଭୂତିକୁ ପ୍ରକାଶ କରିଛି , ତାହା ବୁଝିବାକୁ ହେଲେ ଆମେ ସେ ଦେଶର ପାଣିପବନ, ସେ ଦେଶର ପ୍ରାକୃତିକ ଦୃଶ୍ୟ , ସେ ଜାତିର ଉତ୍ଥାନ ପତନ, ସେ ସମାଜର ଆଚାର ବ୍ୟବହାର,ପ୍ରବାହ ଓ ସଂକଟ ଓ ପାରିପାର୍ଶ୍ୱିକ ପ୍ରଭାବ ପ୍ରତି ଅବହେଳା ପ୍ରକାଶ କରି ନ ପାରୁ।

ୟୁରୋପ ମହାଦେଶର ପଶ୍ଚିମରେ ଆଟଲାଣ୍ଟିକ୍ ମହାସାଗରର ଏକ ପ୍ରାନ୍ତରେ ଏକ ଦ୍ୱୀପ ଇଂଲାଣ୍ଡ ,ଆୟତନରେ ବଙ୍ଗ ପ୍ରଦେଶ ଭଳି। ଚାରିପାଖେ ଦରିଆ। ସେ ଦେଶରେ କୌଣସି ଉନ୍ନତ ଉଦାର ଗିରିମାଳା ନାହିଁ କିମ୍ବା ଦୀର୍ଘପ୍ରବାହିତା ନଦୀ ନାହିଁ ସ୍ୱଚ୍ଛ ଚାଷଜମି ନେଇ ସେ ଦେଶର ଲୋକେ ମେଷ ପାଳିବାକୁ ଜୀବନର ପ୍ରଧାନ ଅବଲମ୍ବନ କରିଥିଲେ। ସେ ଦେଶର ଆକାଶ ଅଧିକାଂଶ ବେଳେ ମେଘାଚ୍ଛନ୍ନ ,ସୂର୍ଯ୍ୟଙ୍କର ସୁନେଲି କିରଣ ତହିଁ ମୂଲ୍ୟବାନ ଚନ୍ଦ୍ରର ରଜତକାନ୍ତି କୁହେଳିକାର ପରପାରରୁ ମଳିନ ଦିଶେ। ଶୀତ ଦିନରେ ଇଂଲାଣ୍ଡ ବରଫରେ ଛାଇ ହୋଇଯାଏ। ଅଳ୍ପ ଯେ କେତେକ ବୃକ୍ଷଲତା , ସେସବୁ ପତ୍ରଝଡ଼ା ଦେଇ ଗ୍ରୀଷ୍ମକାଳକୁ ଅପେକ୍ଷା କରି ରହନ୍ତି। ଗ୍ରୀଷ୍ମକାଳରେ ବରଫ ତରଳେ , କ୍ଷେତରେ ଶସ୍ୟ ଛିଡ଼ା ହୁଏ , ତରୁଲତା ପୁଣି ପଲ୍ଲବିତ ହୁଏ , ପ୍ରକୃତି ପୁଷ୍ପସମ୍ଭାରରେ ହସେ।

ଏହି ଭୌଗଳିକ ଭିତ୍ତି ଉପରେ ଯେଉଁ ଜାତି ପ୍ରତିଷ୍ଠିତ ସେ ଜାତିର କବିକଣ୍ଠରେ ଯେ ପ୍ରବଳ କର୍ମପ୍ରେରଣା ବାଜିଉଠିବ , ତା'ର କବିତା ଉପରେ ଯେ ବିଷାଦର ଗଭୀର ଛାୟାପାତ ହେବ, ଏହା ସ୍ୱାଭାବିକ ମାତ୍ର। ଇଂରେଜୀ ସାହିତ୍ୟରେ ବାସ୍ତବତାର ପକ୍ଷପାତିତା ଓ କଳ୍ପନାବିଳାସତାର ଅଭାବ ଆଦିର କାରଣସନ୍ଧିତ୍ସୁ ବ୍ୟକ୍ତି ତା'ର ପ୍ରଶ୍ନର ଉତ୍ତର ପାଇବ ସେ ଦେଶର ଭୌଗଳିକ ଅବସ୍ଥିତିରେ।

ବ୍ରିଟେନ୍ମାନେ ଇଂଲାଣ୍ଡର ଆଦିମ ଅଧିବାସୀ। ଖ୍ରୀଷ୍ଟପୂର୍ବ ପ୍ରଥମ ଶତାବ୍ଦୀରେ ଜୁଲିଅସ୍ ସିଜର ଇଂଲାଣ୍ଡ ଆକ୍ରମଣ କରି ବ୍ରିଟେନ୍ମାନଙ୍କୁ ପରାସ୍ତ କରନ୍ତି ଓ ସେଠାରେ ରୋମ ସଭ୍ୟତା ସ୍ଥାପିତ ହୁଏ। କିନ୍ତୁ ରୋମାନ୍ମାନେ ଇଂଲାଣ୍ଡ ଛାଡ଼ିଯିବାରୁ ଆଙ୍ଗ୍ଲ , ସାକ୍ସନ୍ ଓ ଜୁଟ୍ମାନେ ସେ ଦେଶ ଆକ୍ରମଣ କରି ବ୍ରିଟେନମାନଙ୍କୁ ପାର୍ବତ୍ୟ ବେଲ୍ସ ଅଞ୍ଚଳକୁ ତଡ଼ିଦେଇ ସମତଳ ଅଞ୍ଚଳରେ ସେମାନଙ୍କ ବସବାସ ସ୍ଥାପନ କଲେ। ଆଙ୍ଗେ୍ଲ। , ସାକ୍ସନ୍ ଓ ଜୁଟ୍ମାନେ ସେ ଦେଶ ଆକ୍ରମଣ କରି ବ୍ରିଟେନ୍ମାନଙ୍କୁ ପାର୍ବତ୍ୟ ବେଲ୍ସ୍ ଅଞ୍ଚଳକୁ

Powered by Tekons

1

ଇଂରାଜୀ ସାହିତ୍ୟର ଗତିଧାରା

କବି ରଘୁନାଥ ଦାସ

[illegible]

[illegible]-[illegible] [illegible] [illegible] [

ଇଂରାଜୀ ସାହିତ୍ୟର ଗତିଧାରା

କବି ରଘୁନାଥ ଦାସ

[illegible]

[illegible]

[illegible]

Steap stanlitho-stinge nearwe

Steep stone slopes, paths narrow.

[illegible]

[illegible]

ଅନ୍ୟାନ୍ୟ ରଚନା

ଇଂରାଜୀ ସାହିତ୍ୟର ଗତିଧାରା

କବି ରଘୁନାଥ ଦାସ

[illegible]

[illegible]

[illegible]

ଅନ୍ୟାନ୍ୟ ରଚନା

ଇଂରାଜୀ ସାହିତ୍ୟର ଗତିଧାରା

କବି ରଘୁନାଥ ଦାସ

[illegible]

[illegible]

[illegible]

[illegible]

[illegible]

[illegible]

ଇଂରାଜୀ ସାହିତ୍ୟର ଗତିଧାରା

କବି ରଘୁନାଥ ଦାସ

[illegible]

[illegible] (ଘ)

[illegible] [illegible] (1400-1500)

[illegible]

[illegible]

[illegible]

ଜଟାୟୁ

ଅନ୍ୟାନ୍ୟ ରଚନା

ଇଂରାଜୀ ସାହିତ୍ୟର ଗତିଧାରା

କବି ରଘୁନାଥ ଦାସ

ପଲ୍ଲୀ -କବିତା (Ballad) ମୂଳତଃ ବର୍ଣ୍ଣନାତ୍ମକ କବିତା ; କୌଣସି କାହାଣୀ ବା ଘଟଣାକୁ ଆଶ୍ରୟ କରି ତାହା ରଚିତ। ଗୀତି କବିତା ହୃଦୟର ଏକ ଅନୁଭୂତି , ମନର ଏକ ଅବସ୍ଥାକୁ ରୂପ ଦିଏ। ପଲ୍ଲୀ -କବିତାର ପ୍ରଚଳନ ଆଂଗ୍ଲୋ ସାକ୍ସନ୍ମାନଙ୍କ ମଧ୍ୟରେ ପୂର୍ବରୁ ଥିଲା ସତ, କିନ୍ତୁ ନର୍ମାନ୍ମାନଙ୍କ ସଂପର୍କରେ ଆସି ତାହା ଭାଷା , ଛନ୍ଦ ଓ ଭାବ ଦିଗରୁ ଅଧିକ ପରିମାର୍ଜିତ ହୋଇ ସାହିତ୍ୟ ହିସାବରେ ରୁଚିକର ହେଲା।

ଏହିପରି ବହୁ ସଂଖ୍ୟକ ଖଣ୍ଡକାବ୍ୟ ଯେଉଁ ସାଂସ୍କୃତିକ ଜାଗରଣର ସୂଚନା ଅନାମଧେୟ ପଲ୍ଲୀ କବିର ଶବ୍ଦ -ଶିଳ୍ପ -ପ୍ରୟାସ ଯେଉଁ ସାହିତ୍ୟିକ ମନୋଭାବର ଆଭାସ , ତାର ପୂର୍ଣ୍ଣତାର ବିକାଶ ମିଳେ ଉଇଲିୟମ୍ ଲାଙ୍ଗାଲାଡ୍ (Willam Langlad) ନାମକ କବିଙ୍କଠାରେ , ତାହା ପରିପକ୍ୱତା ଲାଭ କରେ ଚଶର୍ (Chaucer) ଙ୍କର “କାଣ୍ଟର୍ବରୀର କଥାମାଳା ”ରେ।

ଦରିଦ୍ର ଉଇଲିୟମ୍ ଲାଙ୍ଗ୍ଲାଡ୍ ଲଣ୍ଡନର ଏକ ଗୀର୍ଜାରେ କାର୍ଯ୍ୟ କରି ବହୁ କଷ୍ଟରେ ଆପଣାର ଭରଣପୋଷଣ କରୁଥିଲେ। ସ୍ୱଭାବତଃ ସେ ଥିଲେ ଅଳ୍ପଭାଷୀ। ପୁସ୍ତକ ତାଙ୍କର ସହଚର ଥିଲା। ସେ ଲଣ୍ଡନ -ଜୀବନଯାପନ କରି ସମାଜର ବହୁବିଧ ଅଭିଜ୍ଞତା ଲାଭ କରିପାରିଥିଲେ। ଗୀର୍ଜା ସହିତ ସଂପୃକ୍ତ ଥିବାରୁ ସମାଜର କୁସଂସ୍କାରରେ ତାଙ୍କର ପ୍ରାଣ କ୍ଷୁବ୍ଧ ହୋଇଥିଲା। ତାଙ୍କର ଶ୍ରେଷ୍ଠ କାବ୍ୟ ‘କୃଷକ ପିଅର୍ସର ସ୍ୱପ୍ନାବେଶ ’ ରେ (The vision concerning Piers the Ploughman) ସେ ଇଂଲାଣ୍ଡରେ ତଦନୀନ୍ତନ ଚିତ୍ର ସଙ୍ଗେ ସମାଜର (ଧର୍ମଯାଜକମାନଙ୍କ) ଦୋଷଗୁଣ ଦର୍ଶାଇ ସତ୍ପଥର ସନ୍ଧାନ ଦେଇ କାବ୍ୟଟି ସାତଟି ସର୍ଗରେ ବିଭକ୍ତ। ସ୍ୱପ୍ନରେ କବି ଦେଖିଲେ ଏକ ଜନାକୀର୍ଣ୍ଣ ପ୍ରାନ୍ତର। ବହୁ ବଣିକ , ତୀର୍ଥଯାତ୍ରୀ , ସନ୍ନ୍ୟାସୀ , ଏକ ରାଜା ଓ ଏକ ସ୍ୱର୍ଗଦୂତ ସମସ୍ତେ ସେଠି ଠୁଳ ହୋଇଛନ୍ତି।ଏହି ପ୍ରାନ୍ତରର ଏକ ପ୍ରାନ୍ତରେ ସତ୍ୟର ମନ୍ଦିର , ଅପର ପ୍ରାନ୍ତରେ ନରକ ଅବସ୍ଥିତ। ସ୍ୱପ୍ନରେ ସମାଜର ବିଭିନ୍ନ ଅନୁଷ୍ଠାନରେ କାର୍ଯ୍ୟକଳାପ କବି ଦେଖିପାରୁଛନ୍ତି। ଜନତାର ଚିତ୍ର ଦେବାକୁ ଯାଇ ସମାଜରେ ପାପ ଆଚରଣ ଓ ତାହାର ଶେଷ ପରିଣତି ବିଷୟ କବି ଗଳ୍ପ ଛଳରେ ବର୍ଣ୍ଣନା କରିଅଛନ୍ତି। ଏହି ମହାକାବ୍ୟରେ ଚରିତ୍ର -ଚିତ୍ରଣ କରିବାରେ କବି ସଫଳ ହୋଇନାହାନ୍ତି ସତ୍ୟ , ତଥାପି କବିଙ୍କ ବିରାଟ କଳ୍ପନା ଓ ତୀକ୍ଷ୍ଣ ଦୃଷ୍ଟି ତାଙ୍କର ଗଭୀର ଆନ୍ତରିକତା ଓ ମହତ୍ ଭାବନିଚୟ ଏହି କବିତାକୁ ଉଚ୍ଚ ଆସନ ଦେଇଛି।

ଲାଙ୍ଗଲାଡ୍ ତାଙ୍କର ଅବଦାନ ଦ୍ୱାରା ଇଂରାଜୀ ସାହିତ୍ୟରେ ଯେଉଁ ଛାଞ୍ଚ ରଖିଗଲେ , ସେହି ଛାଞ୍ଚ ଉପରେ ଚାରୁଚିତ୍ର କଲେ ମହାକବି ଚଶର। ରାଜ ପରିବାରର ଟହଲକରା ଚାକରରୂପେ ଜୀବନ ଆରମ୍ଭ କରିଥିଲେ ମଧ୍ୟ ଚଶର୍ ସାମାଜର ବହୁବିଧ ଅନୁଷ୍ଠାନ ବିଷୟରେ ଜ୍ଞାନ ଓ ଅଭିଜ୍ଞତା ଲାଭ କରିବାର ସୁଯୋଗ ପାଇଥିଲେ , ବହୁଲୋକଙ୍କର ସଂସର୍ଗରେ ଆସିପାରିଥିଲେ।

ଚଶରଙ୍କ ସମୟରେ ଇଂଲାଣ୍ଡ ଫ୍ରାନ୍ସ ସହ ଯୁଦ୍ଧରେ ବ୍ୟାପୃତ , ତେଣେ ରୋମ୍ର ପୋପ୍ଙ୍କ ସହ ଇଂଲାଣ୍ଡର ସମ୍ପର୍କ ତିକ୍ତ ହୋଇଉଠିଥାଏ। ତେଣୁ ରାଜନୈତିକ କ୍ଷେତ୍ରରେ ଇଂଲାଣ୍ଡବାସୀଙ୍କ ମନରେ ଜାତୀୟ ଚେତନା ଜାଗରୁକ ହୋଇଥାଏ। ଜନ୍ ଉଇକ୍ଲିଫ୍ଙ୍କର ପ୍ରଚାର

Powered by Tekons

7

ଅନ୍ୟାନ୍ୟ ରଚନା

ଇଂରାଜୀ ସାହିତ୍ୟର ଗତିଧାରା

କବି ରଘୁନାଥ ଦାସ

[illegible]

[illegible]

[illegible]

ଜଟାୟୁ

ଅନ୍ୟାନ୍ୟ ରଚନା

ଇଂରାଜୀ ସାହିତ୍ୟର ଗତିଧାରା

କବି ରଘୁନାଥ ଦାସ

ପ୍ରତ୍ୟେକ ଚରିତ୍ରକୁ ପାଠକ ଆଗରେ ଛିଡ଼ା କରାଇଛନ୍ତି। କାହାରି ଗୁଣରେ ସେ ମୁଗ୍ଧ ହୋଇ ପ୍ରଶଂସାମୁଖର ହୋଇନାହାନ୍ତି , କାହାରି ଦୋଷରେ କ୍ଷୁବ୍ଧ ହୋଇ ସେ ଭର୍ତ୍ସନା କରିନାହାନ୍ତି। ତାଙ୍କର ବ୍ୟାପକ ଅଭିଜ୍ଞତା ଓ ସାର୍ବଜନୀନ ସହାନୁଭୂତି ହେତୁ ପ୍ରତ୍ୟେକ ଚରିତ୍ର ଜୀବନ୍ତ ଓ ବଳଶୀଳା ହୋଇପାରିଛି।

ଚଶର୍ଙ୍କ ଲେଖା ଇଂରେଜୀ ସାହିତ୍ୟରେ ପଥପ୍ରଦର୍ଶକ ହେଲା ; ଇଂରେଜ ଜାତିର ଭାବରାଶିକୁ ପ୍ରକାଶ କରିବାର ପ୍ରକୃଷ୍ଟ ଭାଷା ଓ ଶୈଳୀ ଆବିଷ୍କାର କଲା। ମହାକବି ଚଶର୍ଙ୍କୁ ସେଥିଲାଗି ଇଂରେଜୀ ସାହିତ୍ୟର ଆଦିଗୁରୁ (Father of Modern English Literature) ଆଖ୍ୟା ଦିଆଯାଏ।

ଇଂରେଜୀ ସାହିତ୍ୟର ଗତିଧାରା (୩)

ପଞ୍ଚଦଶ ଶତାବ୍ଦୀର ଆଦ୍ୟରୁ ଇଂରେଜ ଜାତୀୟ ଜୀବନରେ ଯେଉଁ ନୂତନ ପର୍ଯ୍ୟାୟର ସୂତ୍ରପାତ ହୋଇଥିଲା , ତାହାର ଗୌରବମୟ ଅଧ୍ୟାୟ ବିକାଶ ଲାଭ କଲା ଷୋଡ଼ଶ ଶତାବ୍ଦୀର ମଧ୍ୟଭାଗରେ। ଏହି ସମୟରେ (ବିଶେଷତଃ ରାଣୀ ଏଲିଜାବେଥଙ୍କ ରାଜତ୍ୱ ବେଳେ) ଇଂଲାଣ୍ଡ ରାଜନୀତିରେ ଓ ବାଣିଜ୍ୟ ବ୍ୟବସାୟରେ ଯେପରି ପ୍ରତିଷ୍ଠା ଲାଭ କରିଥିଲା , ସେହିପରି ସାହିତ୍ୟରେ ମଧ୍ୟ ଇଂଲାଣ୍ଡରେ ବିଶିଷ୍ଟ କବି , ନାଟ୍ୟକାର ଓ ମନୀଷୀମାନଙ୍କର ଜନ୍ମ ଓ ବିକାଶ ସମ୍ଭବ ହୋଇଥିଲା।

ଏଡ୍ମଣ୍ଡ୍ ସ୍ପେନ୍ସର୍

ସ୍ପେନ୍ସର୍ ଏକ ଦରିଦ୍ର ପରିବାରରେ ଜନ୍ମଲାଭ କରିଥିଲେ ଖ୍ରୀଷ୍ଟାବ୍ଦ ୧୫୫୨ ରେ । ଆର୍ଥିକ ବହୁ ବାଧାବିଘ୍ନ ସତ୍ତ୍ୱେ ସେ ଯେ ଏମ୍ .ଏ. ଡିଗ୍ରୀପର୍ଯ୍ୟନ୍ତ ଅଧ୍ୟୟନ କରିଥିଲେ , ତାହାର ମୂଳରେ ଥିଲା ତାଙ୍କର ଅସୀମ ଅଧ୍ୟବସାୟ ଓ ଉତ୍ସାହ। ଲିଚେଷ୍ଟରର ସାମନ୍ତଙ୍କ ସହିତ ପରିଚିତ ହେବା ପରେ ତାଙ୍କର ପୃଷ୍ଠପୋଷକତା ହେତୁ ସ୍ପେନ୍ସରଙ୍କ ଦୁଃଖ କିୟତ୍ ପରିମାଣରେ ଅବସାନ ହେଲା ଏବଂ ଲିଚେଷ୍ଟରଙ୍କର ଚାକିରିରେ ରହିଲେ। ଏହିଠାରେ ସ୍ପେନ୍ସରଙ୍କୁ ଇଂଲାଣ୍ଡର ବିଶିଷ୍ଟ ବ୍ୟକ୍ତିମାନଙ୍କର ସଂସର୍ଗରେ ଆସିବାକୁ ସୁଯୋଗ ଜୁଟିଲା ଏବଂ ତାଙ୍କର ସାହିତ୍ୟିକ ଜୀବନ ଲାଗି ଅନୁକୂଳ ପରିସ୍ଥିତି ମିଳିଲା। ଅତଃପର ସ୍ପେନ୍ସର ଚାକିରି ଅନୁରୋଧରେ ଦେଶଛାଡ଼ି ଆୟର୍ଲାଣ୍ଡକୁ ଗଲେ ଏବଂ ଏହିଠାରେ ବହୁକାଳ ରହିଲା ପରେ ସାହିତ୍ୟିକ -ବନ୍ଧୁ ସାର୍ ୱାଲ୍ଟର ରାଲେଙ୍କ ଆନୁକୂଲ୍ୟରେ ରାଣୀ ଏଲିଜାବେଥ୍ଙ୍କ ସହିତ ତାଙ୍କ ପରିଚୟ ହୁଏ। ରାଣୀ ତାଙ୍କୁ ବାର୍ଷିକ କିଛି ଅର୍ଥ ସାହାଯ୍ୟ ଦେଲେ ମଧ୍ୟ ସ୍ପେନ୍ସର ଆଜୀବନ ଚାକିରୀ ଛାଡ଼ିଦେଇ କେବଳ ସାହିତ୍ୟିକ ଜୀବନଯାପନ କରିବାକୁ ସମର୍ଥ ହୋଇଥିଲେ। ସ୍ପେନ୍ସର ଆଜୀବନ ଆର୍ଥିକ ଦୂରବସ୍ଥାର ସମ୍ମୁଖୀନ ହୋଇ ସତଚାଳିଶବର୍ଷ ବୟସରେ ମୃତ୍ୟୁମୁଖରେ ପତିତ ହେଲେ। ଶେଷ ଜୀବନରେ ତାଙ୍କୁ ଯେଉଁ ଦାରିଦ୍ର୍ୟର କ୍ରୂର ନିର୍ଯ୍ୟାତନା ସହ୍ୟ କରିବାକୁ ହୋଇଥିଲା ତା ’ର ଇତିହାସ ଅତି କରୁଣ।

Powered by Tekons

9

ଜଟାୟୁ

ଅନ୍ୟାନ୍ୟ ରଚନା

ଇଂରାଜୀ ସାହିତ୍ୟର ଗତିଧାରା

କବି ରଘୁନାଥ ଦାସ

ସାମାଜିକ ଜୀବନରେ ସ୍ପେନ୍ସର ଆପଣାର ପ୍ରତିଷ୍ଠା କରିପାରିନଥିଲେ ସତ୍ୟ, କିନ୍ତୁ କବିତା ରାଜ୍ୟରେ ସେ ସମ୍ରାଟ୍ର ସିଂହାସନରେ ଆରୋହଣ କରିଥିଲେ। ବିଶ୍ୱର ସୌନ୍ଦର୍ଯ୍ୟରେ ମୁଗ୍ଧ ହୋଇ କବି ତାହାରି ଜୟଗାଥା ଲେଖି ଅମର ହୋଇଛନ୍ତି। ଜୀବନରେ ସୌନ୍ଦର୍ଯ୍ୟ ହିଁ ସତ୍ୟ, ସୌନ୍ଦର୍ଯ୍ୟର ଉପାସନା ଜୀବନର କାମ୍ୟ, ସୌନ୍ଦର୍ଯ୍ୟ ଉପଲବ୍ଧିରେ ପ୍ରାଣର ତୃପ୍ତି - ଏହାହିଁ ତାଙ୍କର କବିତାର ମୂଳମନ୍ତ୍ର। ସ୍ପେନ୍ସରଙ୍କର ଉପରେ ଯେପରି ଏକ ଦିଗରେ ଯୁଗର ଧର୍ମାନ୍ଦୋଳନ ପ୍ରଭାବ ବିସ୍ତାର କରିଥିଲା, ସେହିପରି ବି ଇତାଲୀୟ ଭୋଗବିଳାସିତା ତାଙ୍କ ପ୍ରାଣକୁ ସ୍ପର୍ଶ କରିଥିଲା। ଫଳତଃ କବିଙ୍କ ପ୍ରତିଭା ପ୍ରକାଶଲାଭ କଲା ଗାମ୍ଭୀର୍ଯ୍ୟପୂର୍ଣ୍ଣ ଧର୍ମୋପଦେଶ ମୂଳକ ବୀରଗାଥା ପ୍ରଣୟନ କରିବାରେ, କଳ୍ପନାର ତୂଳୀରେ ଚମତ୍କାର ରୂପକଥାର ସୃଷ୍ଟିରେ, ଅଳଙ୍କାର ବହୁଳ ମହାକାବ୍ୟ ରଚନାରେ।

କବି ବୀରତ୍ୱର କାହାଣୀ ଦ୍ୱାରା, ପାଠକକୁ ସହଜେ ମନ୍ତ୍ରମୁଗ୍ଧ କରିପାରୁଥିଲେ। ତାଙ୍କ ଯାଦୁକର କବିତା ପଢ଼ୁ ପଢ଼ୁ ପାଠକ ଭାସିଯାଉଥିଲା କେଉଁ ସ୍ୱପ୍ନପୁରୀକୁ। ତାଙ୍କର ସୌନ୍ଦର୍ଯ୍ୟ ଉପାସନାରେ ଉଚ୍ଛୃଙ୍ଖଳା ନଥିଲା। ଧୀର, ଗମ୍ଭୀର ଭାବରେ ସେ ଏ ଧାରଣାର ବସ୍ତୁଗତ ମାଧୁରୀରେ ମୁଗ୍ଧ ହୋଇଥିଲେ। ସ୍ପେନ୍ସରଙ୍କୁ ଅନେକଟା ଆମର ରାଧାନାଥଙ୍କ ସହିତ ତୁଳନା କରାଯାଇପାରେ। ତାଙ୍କର ପ୍ରଧାନ ରଚନା ମଧ୍ୟରେ ଫେଆର କୁଇନ୍ ବା ପରୀରାଣୀ (Fair Queen),□□□□□□□□□ ପାଞ୍ଜିକା (The Shepherd’s), ଏମୋରେଟି (Amoretti)□(Astrophel) ଉଲ୍ଲେଖଯୋଗ୍ୟ।

ବିଶ୍ୱକବି ଉଇଲୟମ୍ ସେକ୍ସପିୟର

ଭାରତୀୟ ସାହିତ୍ୟରେ କାଳିଦାସ ଯେଉଁ ସ୍ଥାନ ଅଧିକାର କରନ୍ତି, ଇଂରେଜୀ ସାହିତ୍ୟରେ ସ୍ପେକ୍ସପିୟରଙ୍କ ସ୍ଥାନ ଠିକ୍ ସେଇଠା।କାଳିଦାସଙ୍କ ଜୀବନବୃତ୍ତାନ୍ତ ସେପରି ଅନିଶ୍ଚିତତାପୂର୍ଣ୍ଣ ଓ କାହାଣୀ କୁହେଳିକାମୟ, ସେକ୍ସପିୟରଙ୍କର ବି ସେହିପରି। ଅଦ୍ୟାବଧି ଐତିହାସିକମାନେ ସେକ୍ସପିୟରଙ୍କ ଇତିବୃତ୍ତି ବିଷୟରେ ସନ୍ଦିଗ୍ଧ। ଏପରିକି, କେହି କେହି କହନ୍ତି ସେକ୍ସପିୟର ବୋଲି କେହି ବ୍ୟକ୍ତି ନଥିଲେ, ଏହା ଛଦ୍ମନାମ। କିନ୍ତୁ ସାଧାରଣତଃ ନିମ୍ନ ଜୀବନବୃତ୍ତାନ୍ତ ଉପରେ ଆସ୍ଥା ସ୍ଥାପନ କରାଯାଇଥାଏ।

ଉଇଲିୟମଙ୍କ ପିତା ଜନ, ପିତାମହ ରିଚାର୍ଡ଼, ଗ୍ରାମଷ୍ଟାଫୋର୍ଡ଼ ଜିଲ୍ଲାରେ। ଖ୍ରୀଷ୍ଟାବ୍ଦ ୧୫୬୩ ବା ସେହି ସମୟରେ ଅଳ୍ପବିତ୍ତ ପରିବାରରେ ଜନ୍ମଗ୍ରହଣ କରି ସେକ୍ସପିୟର ସାମାନ୍ୟ ବିଦ୍ୟାର୍ଜନ ପରେ ପିତାଙ୍କୁ ତାଙ୍କ ବ୍ୟବସାୟରେ ସାହାଯ୍ୟ କଲେ। ଅଳ୍ପ ବୟସରେ ସେକ୍ସପିୟରଙ୍କୁ ଏକ ବୟୋଜେଷ୍ଠା କନ୍ୟା ସହିତ ବିବାହକରିବାକୁ ହୋଇଥିଲା, ଏହାପରେ ସେକ୍ସପୟର ଜୀବିକା ନିର୍ବାହ ଲାଗି ବୋଧହୁଏ ଶିକ୍ଷକତା ଓ ନାନାଦି କର୍ମ କରିଥିଲେ। ପ୍ରବାଦ, ସେ ଥରେ ହରିଣ ଚୋରି କରିଥିବା ଅପରାଧରେ ବେତମାଡ଼ ଖାଇଥିଲେ। ଯାହାହେଉ, ବିବାହର ଚାରିବର୍ଷ ପରେ ସେ ଲଣ୍ଡନକୁ ଯିବାକୁ ମନସ୍ଥ କଲେ। ସେଠାକୁ ଯାଇ ପ୍ରଥମ ଛ ବର୍ଷ ତାହାଙ୍କୁ ବହୁ କଷ୍ଟ ସହ୍ୟ କରିବାକୁ ପଡ଼ିଥିଲା। କଥିତ ଅଛି, ନାଟ୍ୟ

Powered by Tekons

10

ଅନ୍ୟାନ୍ୟ ରଚନା

ଇଂରାଜୀ ସାହିତ୍ୟର ଗତିଧାରା

କବି ରଘୁନାଥ ଦାସ

[illegible]

[illegible]

[illegible]

ଅନ୍ୟାନ୍ୟ ରଚନା

ଇଂରାଜୀ ସାହିତ୍ୟର ଗତିଧାରା

କବି ରଘୁନାଥ ଦାସ

[illegible]

[illegible]

[illegible]

ଇଂରାଜୀ ସାହିତ୍ୟର ଗତିଧାରା

କବି ରଘୁନାଥ ଦାସ

[illegible]

[illegible]

[illegible]

ଜଟାୟୁ

ଅନ୍ୟାନ୍ୟ ରଚନା

ଇଂରାଜୀ ସାହିତ୍ୟର ଗତିଧାରା

କବି ରଘୁନାଥ ଦାସ

ନ୍ୟୁ ଅଟ୍ଲାଣ୍ଟିସ୍ (New Atlantis) ବେକନ୍‌ଙ୍କର ଅନ୍ୟତମ ବିଶିଷ୍ଟ ଦାନ।ଏହି ଗ୍ରନ୍ଥରେ ମୁରଙ୍କ ୟୁଟୋପିଆ ଭଳି ଏକ କାଳ୍ପନିକ ଜଗତର ପରିକଳ୍ପନା କରାଯାଇଛି। ବେକନ୍ ନିଜେ ଜଣେ ଦାର୍ଶନିକ ଓ ବୈଜ୍ଞାନିକ ଥିଲେ। ପ୍ରକୃତିକୁ ପର୍ଯ୍ୟାବେକ୍ଷଣ କରି କେତେକ ଘଟଣାରୁ କିପରି ସାଧରଣ ସତ୍ୟରେ ଉପନୀତ ହେବାକୁ □□□□-(Induction) ଏହି ଜାତିର ସେ ଉଦ୍ଭାବକ । ସେହି ହେତୁରୁ ଅଦ୍ୟାବଧି ଦାର୍ଶନିକ ଓ ବୈଜ୍ଞାନିକମାନେ ବେକନ୍‌ଙ୍କୁ ଜ୍ଞାନଗୁରୁ ରୂପେ ସ୍ୱୀକାର କରି ଆସିଛନ୍ତି। ନ୍ୟୁ ଆଟ୍ଲାଣ୍ଟିସ୍ ଗ୍ରନ୍ଥରେ ବେକନ୍‌ଙ୍କର କେତେକ ପରିକଳ୍ପନା (ଆକାଶରେ ଉଡ଼ିବା ଉଡ଼ାଜାହାଜ ରୋଗମୁକ୍ତ ହେବାଲାଗି ମୁକ୍ତବାୟୁର ପ୍ରକୋଷ୍ଠ ଆଦି) ତାଙ୍କର ପରବର୍ତ୍ତୀ କାଳମାନଙ୍କରେ ସମ୍ଭବ ଓ ବାସ୍ତବ ହୋଇଅଛି।

ୟୁଟୋପିଆର ମୁର୍ ଆଦର୍ଶ ସାମାଜିକ ଜୀବନର ଚିତ୍ର , ଆଙ୍କିଛନ୍ତି , ସରଳ ଜୀବନଯାପନ ପ୍ରଣାଳୀକୁ ସେ ସମାଜର କାମ୍ୟ ବୋଲି ନିର୍ଦ୍ଦେଶ ଦେଇଛନ୍ତି। ବେକନ୍ ସମାଜର ମନକୁ ନିର୍ମଳ ଓ ଉନ୍ନତ କରିବାର ପକ୍ଷପାତୀ , ସରଳ ଜୀବନ ତାଙ୍କର ଆଦର୍ଶ ନୁହେଁ ,ବେକନ୍ ଆଡ଼ମ୍ବରପୂର୍ଣ୍ଣ ଅଥଚ ଶୃଙ୍ଖଳାବଦ୍ଧ ଜୀବନର ପକ୍ଷପାତୀ।

ବେକନ୍ ଇଂରେଜୀ ସାହିତ୍ୟରେ ବହୁ ଗ୍ରନ୍ଥ ପ୍ରଣୟନ କରି ନଥିଲେ ମଧ୍ୟ ତାଙ୍କର ବ୍ୟକ୍ତିତ୍ୱ ଓ ଭାବଧାରା ଇଂରେଜୀ ଗଦ୍ୟ ସାହିତ୍ୟକୁ ବହୁ ପରିମାଣରେ ରୂପଦାନ କରିଅଛି ଓ ଇଂରେଜ ଜାତୀୟ ଚିନ୍ତାଧାରାକୁ ବିଶେଷଭାବେ ପ୍ରଭାବିତ କରିଆସିଛି।

ବେନ୍ ଜନସନ୍

ଆମେରିକା ଆବିଷ୍କାର ଓ ବାଣିଜ୍ୟର ପ୍ରସାର , ଛାପାକଳର ପ୍ରତିଷ୍ଠା , ଗ୍ରୀକ୍‌ଗ୍ରନ୍ଥ ଓ ସଭ୍ୟତାର ପ୍ରସାର ଓ ରାଜନୈତିକ ଶାନ୍ତି , ଶୃଙ୍ଖଳା ଓ ସମୃଦ୍ଧି ଫଳରେ ଇଂରେଜ ସମାଜରେ ଯେଉଁ ଜ୍ଞାନାଲୋକର ରଶ୍ମି ବିଚ୍ଛୁରିତ ହୋଇଥିଲା ତାହା ସପ୍ତଦଶ ଶତାବ୍ଦୀ ବେଳକୁ ରୂପାନ୍ତର ଗ୍ରହଣ କଲା। ପ୍ରଥମେ ନବାଲୋକ -ପ୍ରାପ୍ତ ଜନତା ବିଦ୍ୟା ଓ କଳା ବିଷୟରେ ଉତ୍ସାହୀ ହୋଇ ଉଠିଥିଲେ। ପରେ ଜନସାଧାରଣଙ୍କ ମଧ୍ୟରେ ଜ୍ଞାନର ପ୍ରସାର ହେତୁ ଜନତା ରାଜନୀତିରେ ଭଲମନ୍ଦ ବାଛିଲା , ଧର୍ମ ଓ ସମାଜରେ ଦୋଷ ଓ କୁସଂସ୍କାର ପ୍ରତି ନଜର ଦେଲା, ଲୋକଙ୍କ ମଧ୍ୟରେ ସମାଲୋଚନା ପ୍ରବୃତ୍ତି ପ୍ରକାଶ ପାଇଲା। ଜାତୀୟତାରେ ଉଦ୍ବୁଦ୍ଧ ଆବେଗ ଉଲ୍ଲାସମୟ ଷୋଡଶ ଶତାବ୍ଦୀର ଜନତା ରୂପକଥା ମୂଳକ କବିତା ଓ ନାଟକ ସୃଷ୍ଟି କରିବାରେ ପକ୍ଷପାତୀ ଥିଲା। ସେକ୍ସପିୟରଙ୍କ ପରବର୍ତ୍ତୀ ସମାଜରେ ଏହି ପରିବର୍ତ୍ତନ ବଶତଃ ସାହିତ୍ୟରେ ରୂପକଥାର କୁହୁକ କାହାଣୀ ଲାଗି ଅବସର ରହିଲା ନାହିଁ ; ବ୍ୟଙ୍ଗ ଓ ସମାଲୋଚନା ଲାଗି କ୍ଷେତ୍ର କ୍ରମେ ପ୍ରଶସ୍ତ ହେଲା। ସାମାଜିକ , ରାଜନୈତିକ ଓ ଆଧାତ୍ମିକ କ୍ଷେତ୍ରରେ ବିଭିନ୍ନ ମତବାଦର ସୃଷ୍ଟି ହେଲା ଏବଂ ବିଭିନ୍ନ ମତବାଦ ମଧ୍ୟରେ ତୀବ୍ରତା ଦେଖାଦେଲା। ସପ୍ତଦଶ ଶତାବ୍ଦୀର ପ୍ରାରମ୍ଭରେ ସାମାଜିକ ଭାବଧାରାରେ ଏହି ପରିବର୍ତ୍ତନର ସୁସ୍ପଷ୍ଟ ସୂଚନା ଆମେ ପାଉଁ ବେନ୍ ଜନସନ୍ ଓ ଅନ୍ୟାନ୍ୟ ବହୁ

Powered by Tekons

14

ଜଟାୟୁ

ଅନ୍ୟାନ୍ୟ ରଚନା

ଇଂରାଜୀ ସାହିତ୍ୟର ଗତିଧାରା

କବି ରଘୁନାଥ ଦାସ

ଲେଖକଙ୍କର ନାଟକରୁ। ଅବଶ୍ୟ ଏତେବେଳକୁ ସମାଜ ଏକ ଅବସ୍ଥାରୁ ଅନ୍ୟରେ ପରିଣତ ହୋଇନାହିଁ, ତଥାପି ଜ୍ଞାନାଲୋକର ଯୁଗ ମଉଳି ଯାଉଛି। ନାଟକରେ , ତେଣୁ ସେକ୍ସପିୟରଙ୍କ କାଳର ଜୀବନର ଉଚ୍ଛ୍ୱସିତ ଅଭିବ୍ୟକ୍ତି ପରିବର୍ତ୍ତେ ସାମାଜିକ ଚାଲିଚଳନରେ ସମାଲୋଚନା ଓ ନୀତିଶିକ୍ଷା ଅଧିକ ଆଦର ପାଇଲା। ବିଚକ୍ଷଣ ବେନ୍ ଜନ୍ସନ୍ ଇଂରେଜ ସମାଜିକ ମନବୃତ୍ତିରେ ଏହି ପରିବର୍ତ୍ତନ ଲକ୍ଷ୍ୟ କରିପାରିଥିଲେ ଏବଂ ତଦନୁସାରେ ତାଙ୍କର ଶକ୍ତିଶାଳୀ ଲେଖନୀକୁ ଚାଳିତ କରି ସେ ଯୁଗର ସର୍ବଶ୍ରେଷ୍ଠ ସାହିତ୍ୟିକର ସ୍ଥାନ ଅଧିକାର କରିଥିଲେ।

ବେନ୍ ଜନ୍ସନ୍ଙ୍କ ସାହିତ୍ୟିକ ଜୀବନ ସେକ୍ସପିୟରଙ୍କ ଜୀବଦ୍ଦଶାରେ ଆରମ୍ଭ ହୋଇଥିଲା। ସେକ୍ସପିୟର ଜନସନ୍ଙ୍କ କେତେକ ନାଟକରେ ଅଭିନୟ କରିଛନ୍ତି ମଧ୍। ବେନ୍ ଜନ୍ସନ୍ଙ୍କ ନାଟକମାନଙ୍କରେ ମନୁଷ୍ୟର ଦୋଷଦୁର୍ଗୁଣକୁ ଉପହାସ କରି ବ୍ୟଙ୍ଗ ଚିତ୍ର ପ୍ରଣୟନ ହୋଇଛି। ଏ ପ୍ରକାର ଫାର୍ସ ସୃଷ୍ଟି କରିବାରେ ଜନ୍ସନ୍ଙ୍କ ଅତୁଳନୀୟ ପ୍ରତିଭା ଥିଲା। ସେକ୍ସପିୟରଙ୍କ ସମସାମୟିକ ନାଟ୍ୟକାରମାନେ ଗ୍ରୀକ୍ ନାଟକର ଐକ୍ୟତ୍ରୟ ଲଂଘନ କରି ମୁକ୍ତତର ନାଟକ ଲେଖିବାର ପକ୍ଷପାତୀ ଥିଲେ। କିନ୍ତୁ ବେନ୍ ଜନ୍ସନ୍ ତାଙ୍କ ଯୁଗର ନାଟକରେ ଜୀବନର ଯେପରି ଅଗଭୀର ସମାଲୋଚନା ହେଉଥିଲା ତାହା ଲକ୍ଷ୍ୟ କରି ନାଟକୀୟ କଥାବସ୍ତୁକୁ ଅଧିକ ସଂଶ୍ଳିଷ୍ଟ ଓ ଉପଭୋଗ୍ୟ କରିବା ମାନସରେ ଐକତ୍ରୟର ଆଶ୍ରୟ ନେଇ ଅଛନ୍ତି। ନାଟ୍ୟକାର ତାଙ୍କର ନାଟକମାନଙ୍କରେ ଗଦ୍ୟର ବହୁଳ ବ୍ୟବହାର କରିଛନ୍ତି ଏବଂ ପାଠକେ କବିତା ଅପେକ୍ଷା ତାଙ୍କର ଗଦ୍ୟରେ ଅଧିକ ଚମତ୍କାରିତା ଉପଲବ୍ଧି କରିଥାଆନ୍ତି। ତାଙ୍କର ରଚିତ ନାଟକ ମଧ୍ୟରୁ ଭଲପୋନ୍ (Volpone), ନୀରବ ନାରୀ (The Sillent Women) ଓ ଆଲ୍କେମିଷ୍ଟ (alchemist) ଉଲ୍ଲେଖଯୋଗ୍ୟ।

ଇଂରେଜୀ ସାହିତ୍ୟର ଗତିଧାରା (୪)

ନାଟ୍ୟକଳା

ଜ୍ଞାନପ୍ରସାର ଫଳରେ ଓ ସମାଜରେ ମଧ୍ୟବିତ୍ତ ଶ୍ରେଣୀର ପ୍ରତିଷ୍ଠା ଯୋଗେ ଇଂରେଜ ଜାତୀୟ ଜୀବନରେ ଯେଉଁ ବିପ୍ଳବ ଜାଗରଣ ଦେଖାଦେଉଥିଲା ଓ ଜନସାଧାରଣଙ୍କ ମଧ୍ୟରେ ଯେଉଁ ଉନ୍ମାଦନା ପ୍ରକାଶ ପାଇଥିଲା , ତାହାର ପୂର୍ଣ୍ଣତମ ଅଭିବ୍ୟକ୍ତି ରଙ୍ଗମଞ୍ଚ ବିନା ଅନ୍ୟତ୍ର ହୋଇନପାରେ। ଦେଶ ବିଦେଶର ସମସ୍ୟା ଜାଣିବାକୁ ଜାତୀୟତାର ଉଦ୍ବୋଧନରେ ଆପଣାର ପ୍ରେରଣା ଲାଭ କରିବାକୁ ଓ ଜୀବନର ବହୁବିଧ କ୍ଷେତ୍ରରେ ଅଭିଜ୍ଞତା ଲାଗି ଜନସାଧାରଣଙ୍କ ରଙ୍ଗମଞ୍ଚ ଥିଲା ଏକମାତ୍ର ଆଶ୍ରୟ। ରଙ୍ଗମଞ୍ଚ ଲୋକଙ୍କର ଆମୋଦ ପ୍ରମୋଦରେ ସହାୟକ ହେଲା ; ଜ୍ଞାନାଲୋକପ୍ରାପ୍ତ ଜନସାଧାରଣଙ୍କର ରୁଚି କ୍ରମେ ପରିମାର୍ଜିତ ହୋଇ ଆସୁଥାଏ ଏବଂ ସେମାନଙ୍କ ମଧ୍ୟରେ ସାହିତ୍ୟ ପ୍ରତି ଅନୁରାଗ ପ୍ରକାଶ ପାଉଥାଏ। ପୁନଶ୍ଚ ନୂତନ ଆବିଷ୍କାରମାନ ଫଳରେ, ଜ୍ଞାନର ପରିସର ବୃଦ୍ଧି ହେବା ଯୋଗୁଁ ଲୋକଙ୍କ ମଧ୍ୟରେ କଳ୍ପନା ବିଳାସିତା ଅତିଶୟ ଲକ୍ଷ୍ୟ କରାଯାଉଥିଲା। ଜାତୀୟ ଜୀବନର ଏ ସମସ୍ତ ଆବଶ୍ୟକତା ,

Powered by Tekons

15

ଜଟାୟୁ

ଅନ୍ୟାନ୍ୟ ରଚନା

ଇଂରାଜୀ ସାହିତ୍ୟର ଗତିଧାରା

କବି ରଘୁନାଥ ଦାସ

ଲୋକମାନଙ୍କ ଏ ସକଳ ପିପାସା କେବଳ ରଙ୍ଗମଞ୍ଚ ମେଣ୍ଟାଇ ପାରୁଥିଲା। ତେଣୁ ଏ ଯୁଗର ନାଟ୍ୟକଳାର ଅଦ୍ଭୁତ ଉତ୍ଥାନ ଆମେ ଲକ୍ଷ୍ୟ କରିବାକୁ ପାଉଁ।

ଏଥିପୂର୍ବରୁ ଇଂରେଜ ସାହିତ୍ୟରେ ନାଟକ ଓ ରଙ୍ଗମଞ୍ଚ ଆଦି ଅନୁନ୍ନତ ଅବସ୍ଥାରେ ପଡ଼ି ରହିଥିଲା। ସବୁ ଜାତି ପରି ଇଂରେଜମାନଙ୍କର ନାଟ୍ୟକଳାର ଆଦିମ ପ୍ରେରଣା ଧର୍ମରୁ ଉତ୍ପତ୍ତି ଲାଭ କରିଥିଲା। ଅଜ୍ଞ ଜନସାଧରଣଙ୍କ ନିକଟରରେ ଲାଟିନ୍ ଭାଷାରେ ଲିଖିତ ବାଇବେଲ୍ ଗ୍ରନ୍ଥ ଦୁର୍ବୋଧ ଥିବାରୁ ଗୀର୍ଜାର ଧର୍ମଯାଜକମାନେ ବର୍ଷର ପ୍ରଧାନ ପ୍ରଧାନ ଦିନମାନଙ୍କରେ ଅଭିନୟ କରି ଧର୍ମଗ୍ରନ୍ଥରୁ ଏକ ଏକ ଉପାଖ୍ୟାନ ସମବେତ ଶ୍ରୋତାମାନଙ୍କ ସମକ୍ଷରେ ଦର୍ଶାଇ ପୁରାଣର ବିଷୟକୁ ସେମାନଙ୍କର ଅଧିକ ବୋଧଗମ୍ୟ କରାଉଥିଲେ। ଏଥିରେ ପ୍ରଥମେ ପ୍ରଥମେ ଅଭିନେତାମାନେ ମୂକ ଅଭିନୟ କରୁଥିଲେ , ପରେ ଅଭିନୟ ସହିତ ବକ୍ତବ୍ୟ ଯୋଗ କରାଗଲା।ଏହି ଧର୍ମମୂଳକ ନାଟକକୁ □□□□□□□□□(mystery) ବା ରହସ୍ୟ ନାଟକ ଓ ମରାକଲ୍ (miracle) ବା ଅଦ୍ଭୁତ ନାଟକ ଆଖ୍ୟା ଦିଆଯାଇଥିଲା। ରହସ୍ୟ ନାଟକ ଗୁଡ଼ିକ ଧର୍ମଗ୍ରନ୍ଥର ଆଖ୍ୟାୟିକାକୁ ଆଶ୍ରୟ କରି ଲିଖିତ , ଅଦ୍ଭୁତ ନାଟକ ଋଷି ଓ ଧର୍ମବୀରମାନଙ୍କ ଜୀବନ ବୃତ୍ତାନ୍ତ ଉପରେ ଲିଖିତ। ଏହି ନାଟକ ଗୁଡ଼ିକ ସାଧଶରଣତଃ ଗୀର୍ଜା ମଧ୍ୟରେ ଅଭିନୀତ ହେଉଥିଲା ଏବଂ ଏଥିରେ ପ୍ରାୟତଃ ଧର୍ମଯାଜକମାନେ ଅଭିନୟ କରୁଥିଲେ। କ୍ରମେ ଏହି ଯାତ୍ରା ଗୀର୍ଜାର ଏକ ଆନୁସଙ୍ଗିକ ଅନୁଷ୍ଠାନରେ ପରିଣତ ହେଲା। ଏହା ଅତିଶୟ ଲୋକପ୍ରିୟ ହେବାରୁ ଧର୍ମଯାଜକମାନେ ତଥା ଜନସାଧାରଣ ଏଥିପ୍ରତି ଅଧିକ ଯତ୍ନବାନ ହେଲେ ଓ ବିଭିନ୍ନ ଗୀର୍ଜା ମଧ୍ୟରେ ଏଥିଲାଗି ପ୍ରତିଯୋଗିତା ଆରମ୍ଭ ହେଲା। ଗୀର୍ଜାର କ୍ଷୁଦ୍ର ପରିସର ମଧ୍ୟରେ ସମସ୍ତ ଦର୍ଶକଙ୍କ ଲାଗି ବସିବାର ଆୟୋଜନ କରିବା ଯେତେବେଳେ ଅସମ୍ଭବ ହେଲା , ଧର୍ମଯାଜକମାନେ ଗିର୍ଜାର ବହିଃସ୍ଥ କୌଣସି ସ୍ଥାନରେ ଏହାକୁ ଅନୁଷ୍ଠିତ କରିବାକୁ ସମ୍ମତ ହେଲେ। ଏତଦ୍ୱାରା ଏହି ଅନୁଷ୍ଠାନ ଉପରୁ କେବଳ ଧର୍ମଯାଜକମାନଙ୍କର କର୍ତ୍ତୃତ୍ୱ ଉଠିଯାଇ ଏହା ଜନସାଧାରଣଙ୍କର ଏକ ସାମାଜିକ ଅନୁଷ୍ଠାନରେ ପରିଣତ ହେଲା। ଆପଣା ଆପଣା ଅନୁଷ୍ଠାନର ଉତ୍କର୍ଷ ଦୃଷ୍ଟିରୁ ଜନସାଧାରଣଙ୍କ ମଧ୍ୟରୁ କ୍ରମେ ଅଭିନେତା ସଂଗ୍ରହ କରାଗଲା ; କାଳକ୍ରମେ ଏଥିଲାଗି କେତେକ ଭଡ଼ାଟିଆ ଯାତ୍ରାଦଳର ସୃଷ୍ଟି ହେଲା ଏବଂ ଗୀର୍ଜା ତରଫରୁ ସେମାନଙ୍କ ଉପରେ ଅଭିନୟ କରିବାର ଭାଗ ଛାଡ଼ି ଦିଆଗଲା। କେବଳ ଧର୍ମଶିକ୍ଷା ଦ୍ୱାରା ଦର୍ଶକଙ୍କୁ ଚିତ୍ତାକର୍ଷକ କରିବା ଦୁଷ୍କର ହେଉଥିବାରୁ ବିଭିନ୍ନ ଦୃଶ୍ୟ ମଧ୍ୟରେ ହାସ୍ୟୋଦ୍ଦୀପକ ନାନା ଅଭିନୟ କରାଗଲା। ଏହି ହାସ୍ୟରସମୂଳକ ନାଟକମାନଙ୍କର ମୂଳ ନାଟକର କଥାବସ୍ତୁ ସହିତ କୌଣସି ସମ୍ବନ୍ଧ ନଥାଏ। ଏସବୁ ଇଣ୍ଟଲ୍ୟୁଡ଼ ଆମ୍ଭମାନଙ୍କ ଯାତ୍ରାରେ ଦ୍ୱାରୀ ପ୍ରହସନ ପରି ପ୍ରାୟ। ଏହିସବୁ ପ୍ରହସନ ଗୁଡ଼ିକ ଦର୍ଶକମାନଙ୍କର ଏତେ ଆଦରଣୀୟ ହେଲା ଯେ ଦର୍ଶକମାନେ ମୂଳ ନାଟକ ପ୍ରତି ଆଦୌ ଶ୍ରଦ୍ଧାବାନ୍ ହେଲେ ନାହିଁ। ଫଳତଃ ନାଟକ ଦୁଇ ଭାଗରେ ବିଭକ୍ତ ହୋଇଗଲା। ମୋରାଲୀଟି (Morality) ଏବଂ ଇଣ୍ଟରଲ୍ୟୁଡ଼ (Interlude) ମୋରାଲିଟି ନାଟକମାନ ଶିକ୍ଷାମୂଳକ ଏବଂ ଗାମ୍ଭୀର୍ଯ୍ୟପୂର୍ଣ୍ଣ। ପୂରାତନ ରହସ୍ୟ -ନାଟକ ବା ଅଦ୍ଭୁତ -ନାଟକ ମାନଙ୍କଠାରୁ ଏଗୁଡ଼ିକ ଆହୁରି ଆଗକୁ ଆଗେଇ ଯାଇଥିଲେ। ଏଥିରେ ବିଷୟବସ୍ତୁ କବିଙ୍କର ମନଗଢ଼ା ; ପାପ ,ଅନୁତାପ, ଧର୍ମ , ନ୍ୟାୟ ପ୍ରଭୃତି ଗୁଣ ଗ୍ରହଣ କରି

Powered by Tekons

16

ଜଟାୟୁ

ଅନ୍ୟାନ୍ୟ ରଚନା

ଇଂରାଜୀ ସାହିତ୍ୟର ଗତିଧାରା

କବି ରଘୁନାଥ ଦାସ

ନାଟକରେ ବିଭିନ୍ନ ବେଶରେ ଅଭିନୟ କରନ୍ତି। ଅପର ପକ୍ଷରେ ପ୍ରହସନ ଗୁଡ଼ିକର ଉଦ୍ଦେଶ୍ୟ ହେଲା ଦର୍ଶକମାନଙ୍କର ଚିତ୍ତହରଣ। ଧର୍ମଯାଜକମାନେ ଏହିପରି ନାଟକର ପ୍ରଥମେ ବିରୁଦ୍ଧାଚରଣ କରୁଥିଲେ ହେଁ ଏଗୁଡ଼ିକ ଜନସାଧାରଣଙ୍କ ମଧ୍ୟରେ ବିଶେଷ ଆଦରଲାଭ କରି କ୍ରମେ ସାମାଜିକ ଜୀବନର ଏକ ସୁଦୃଢ଼ ଅନୁଷ୍ଠାନ ହୋଇଗଲା। କିନ୍ତୁ ଏ ପର୍ଯ୍ୟନ୍ତ ଇଂରେଜ ନାଟକ ନିର୍ଦ୍ଦିଷ୍ଟ କୌଣସି ଗୁଣ ଗ୍ରହଣ କରିନଥିଲା।

ଅତଃପର ବୈଦେଶିକ, ବିଶେଷତଃ ଗ୍ରୀକ୍ ସାହିତ୍ୟ ସଂସର୍ଗରେ ଆସିବା ଫଳରେ ଇଂରେଜୀ ସାହିତ୍ୟରେ ପ୍ରଥମ କରି ରୀତିମତ ନାଟକର ସୃଷ୍ଟି ହୁଏ। ଗ୍ରୀକ୍ ଟ୍ରାଜିଡ଼ିର ଇଂରେଜ ନାଟ୍ୟକାରଙ୍କ ଉପରେ ବିଶେଷ ଭାବେ ପଡ଼ିଲା ; ସେହି କଳା ଓ ରୀତି ଅନୁସରଣ କରି ୧୫୬୨ ଖ୍ରୀଷ୍ଟାବ୍ଦରେ ପ୍ରଥମେ ଇଂରେଜ ଟ୍ରାଜିଡ଼ି ଗର୍ବୋଡକ୍ (Gorboduc) ଅଭିନୀତ ହେଲା। ଏସବୁ ଦିଗରେ ମୋରାଲ୍ଟି ନାଟକ ଯେପରି ଗ୍ରୀକ୍ ଟ୍ରାଜିଡ଼ିର ଅଂଶ ନେଇ ଗାମ୍ଭୀର୍ଯ୍ୟପୂର୍ଣ୍ଣ ଶୋକାନ୍ତ ନାଟକର ସୃଷ୍ଟି ହେଲା ; ଅପରପକ୍ଷରେ ସେହିପରି ପ୍ରହସନ ଗୁଡ଼ିକ ଉପରେ ବୈଦଶିକ, ବିଶେଷତଃ ଇତାଲୀର ପ୍ରଭାବ ପଡ଼ି ମିଳନାନ୍ତ ନାଟକ (Comedy)□□□□ ହେଲା। ଖ୍ରୀଷ୍ଟାବ୍ଦ ୧୫୬୬ ରେ ପ୍ରକାଶିତ ରଲ୍ଫ୍ ରଏଷ୍ଟର ଡଏଷ୍ଟର (Ralf Roister Doister) ନାମକ ନାଟକ ଇଂରେଜୀ ଭାଷାର ପ୍ରଥମ ମିଳନାନ୍ତ ନାଟକ ବୋଲି ଗଣ୍ୟ ହୁଏ। ରଙ୍ଗମଞ୍ଚ ଏ ପର୍ଯ୍ୟନ୍ତ ବି ଅତିଶୟ ଅନୁନ୍ନତ ଅବସ୍ଥାରେ । ଯେତେବେଳେ ରହସ୍ୟ ନାଟକମାନେ ଅଭିନୀତ ହେଉଥିଲା, ଗୀର୍ଜା ମଧ୍ୟରେ ଅତି ସାଧାରଣ ଉପକରଣ ମାନଙ୍କ ସାହାଯ୍ୟରେ ଧର୍ମଯାଜକମାନେ ଅଭିନୟ କରୁଥିଲେ ଏହି ଅଭିନୟ ପୂଜା ଉପାସନା ବିଧିଠାରୁ ଈଷତ୍ ପୃଥକ୍ ଥିଲା। କିନ୍ତୁ ଯେତେବେଳେ ଉତର ଲୋକ, ବିଶେଷତଃ ଯାତ୍ରାଦଳ ହାତକୁ ଅଭିନୟ ଗଲା, ସେତେବେଳେ ରଙ୍ଗମଞ୍ଚର ଗଠନରେ ଅଧିକ ସାଜସଜ୍ଜା ଦେଖାଗଲା। ଉପକରଣମାନଙ୍କ ଉପରେ ଯାତ୍ରା ଦଳ ସବୁ ମନୋନିବେଶ କଲେ। ଏ ସମୟରେ ରାସ୍ତାର ଛକମାନଙ୍କରେ ଏହି ଅଭିନୟ ସବୁ କରାଯାଉଥିଲା , ଏକପ୍ରକାର ଭ୍ରାମ୍ୟମାଣ ରଙ୍ଗମଞ୍ଚ (pageant)□□□□। ଏହି ରଙ୍ଗମଞ୍ଚ ଦୁଇଟି ଭାଗରେ ବିଭକ୍ତ ଥିଲା , ଉପରଭାଗ ଓ ତଳଭାଗ। ଉପରତାଲା ରଙ୍ଗିନ୍ କନା ଘେରା ହୋଇଥାଏ। ତଳତାଲା ଅଭିନେତା ସାଜଶାଳା (Dressing room) ରୂପେ ବ୍ୟବହାର ହୁଏ। ରଙ୍ଗମଞ୍ଚର ନିମ୍ନଭାଗ ନରକର ଅଂଶ ଥିଲା, ରଙ୍ଗମଞ୍ଚ ଏ ପୃଥିବୀ ଓ ତହିଁର ଶୋଭା ସ୍ୱର୍ଗର ବ୍ୟଞ୍ଜକ। ସଂକୀର୍ଣ୍ଣ ରାସ୍ତାରେ ଅଭିନୟ ଦେଖିବା ଲାଗି ଭିଡ଼ ଜମୁଥିଲା ଖୁବ୍ ; ରାଜା , ସାମନ୍ତ , ସୈନିକ, ମଠାଧିକାରୀ , ବ୍ୟବସାୟୀ ଆସି ଠୁଳ ହେଉଥିଲେ। ସ୍ଥାନେସ୍ଥାନେ ରଙ୍ଗମଞ୍ଚ ଉପରେ ଅଭିନୟ ପରେ ପୁଣି ଅନ୍ୟ ସ୍ଥାନକୁ ରଙ୍ଗମଞ୍ଚକୁ ଟାଣି ନିଅହୁଏ। ଏହାପରେ ସମ୍ଭ୍ରାନ୍ତ ବ୍ୟକ୍ତିଙ୍କର ଆନୁକୂଲ୍ୟରେ ସ୍ଥାୟୀ ରଙ୍ଗମଞ୍ଚ ସମ୍ଭବ ହେଲା। ଏହିସବୁ ରଙ୍ଗମଞ୍ଚରେ ଦୃଶ୍ୟର କୌଣସି ବ୍ୟବସ୍ଥା ନଥିଲା। କେବଳ ଉଚ୍ଚା ମଞ୍ଚ ଉପରେ ଅଭିନେତାମାନେ ସେମାନଙ୍କର ଅଭିନୟ ଦେଖାଉଥିଲେ।ଏହି ମଞ୍ଚ ଉପରେ ସମ୍ଭ୍ରାନ୍ତ ବ୍ୟକ୍ତିମାନଙ୍କୁ ଆସନ ଦିଆଯାଏ ଏବଂ ଇତର ବ୍ୟକ୍ତିମାନେ ରଙ୍ଗମଞ୍ଚ ତଳେ ଭୂଇଁ ଉପରେ ବସି ଅଭିନୟ ଦେଖନ୍ତି। ଦୃଶ୍ୟର ବ୍ୟଞ୍ଜକ ଥିଲା କେବଳମାତ୍ର ଖଣ୍ଡେ କାଠପଟା ; ତାହାରି ଉପରେ ନାଟକୀୟ ଦୃଶ୍ୟ ଉଲ୍ଲେଖ କରି ଦିଆଯାଏ। ଯଥା , ବଳ,ଉଦ୍ୟାନ ,ରାଜପ୍ରସାଦ , ପଥ ଇତ୍ୟାଦି। ଦୃଶ୍ୟର ଅଭାବବଶତଃ ନାଟକୀୟ

Powered by Tekons

17

ଜଟାୟୁ

ଅନ୍ୟାନ୍ୟ ରଚନା

ଇଂରାଜୀ ସାହିତ୍ୟର ଗତିଧାରା

କବି ରଘୁନାଥ ଦାସ

ଚରିତ୍ରମାନଙ୍କର ବକ୍ତବ୍ୟ ମଧ୍ୟରେ ନାଟକୀୟ ସ୍ଥାନ ବର୍ଣ୍ଣନା କରିବାକୁ ପଡୁଥିଲା ଏବଂ ଏଥିଲାଗି ନାଟକରେ ଛନ୍ଦର ବ୍ୟବହାର ଓ କବିତାର ଚାତୁରୀ ବ୍ୟବହାର ଅତି ଆବଶ୍ୟକ ହେଉଥିଲା। ପଟ ପରିବର୍ତ୍ତନ ପ୍ରକାଶ କରି ଅପର ଏକ ଦୃଶ୍ୟର ବ୍ୟଞ୍ଜନା ହେବାଲାଗି ପ୍ରତ୍ୟେକ ଦୃଶ୍ୟର ଶେଷ ବକ୍ତବ୍ୟର ଅନ୍ତିମ ପଂକ୍ତିମାନଙ୍କରେ ମିତ୍ରାକ୍ଷର ପ୍ରୟୋଗ କରାଯାଉଥିଲା। ମୁକ୍ତ ସ୍ଥାନମାନଙ୍କରେ ଅଭିନୟ ହେଉଥିବାରୁ ନାଟକଗୁଡ଼ିକ ପ୍ରାୟତଃ ଅପରାହ୍ନରେ ଅଭିନୀତ ହୁଏ। ନାରୀଚରିତ୍ରର ଅଭିନୟ ଲାଗି ଅଭିନେତ୍ରୀର ପ୍ରଚଳନ ନଥିବାରୁ ବାଳକମାନେ ନାରୀଚିତ୍ରର ଅଭିନୟ କରୁଥିଲେ।

ରଙ୍ଗମଞ୍ଚର ଏହି ଅବସ୍ଥାରେ ରୀତିମତ ନାଟକର ସୃଷ୍ଟି ହୁଏ। ତଥାପି ନାଟକର ଆଦର ଅତିଶୟ ବ୍ୟାପକ ଥିଲା।

ଗର୍ବୋଡକ୍ ଜାତୀୟ ଜୀବନର ଏକ ଅଧ୍ୟାୟକୁ ଲିପିବଦ୍ଧ କରେ। ଗୋଲାପ ଯୁଦ୍ଧ (War of rose) ସମୟରେ ଇଂଲାଣ୍ଡର ରାଜନୈତିକ ଓ ସାମାଜିକ ଜୀବନକୁ ଭିତ୍ତିକରି ଏହି ନାଟକଟି ରଚିତ। ଇଂଲାଣ୍ଡର ରାଜା ଗର୍ବୋଡକ୍ ତାଙ୍କ ଦୁଇ ପୁଅଙ୍କ ମଧ୍ୟରେ ଆପଣାର ରାଜ୍ୟ ବାଣ୍ଟି ଦିଅନ୍ତି। ପୁଅମାନେ କଳି କରିବାରୁ ସାନଭାଇ ବଡଭାଇଙ୍କୁହତ୍ୟା କଲା। ରାଣୀ ବଡ଼ପୁଅକୁ ଅଧିକ ଦେଖିପାରୁଥିଲେ ; ତହୁଁ ସେ ସାନପୁଅକୁ ମାରି ଜେଷ୍ଠପୁତ୍ରର ହତ୍ୟାର ପ୍ରତିଶୋଧ ନେଲେ। ଏଥିରେ ଜନସାଧାରଣ ଉତ୍ତ୍ୟକ୍ତ ହୋଇ ବିଦ୍ରୋହ କଲେ ଏବଂ ବୃଦ୍ଧ ରାଜା ଓ ରାଣୀ ଉଭୟଙ୍କୁ ହତ୍ୟା କଲେ। ସାମନ୍ତମାନେ ମିଳିତ ହୋଇ ବିଦ୍ରୋହୀମାନଙ୍କୁ ଧ୍ୱଂସ କଲେ , କିନ୍ତୁ ରାଜସିଂହାସନ ଲାଗି କୌଣସି ଉତ୍ତରାଧିକାରୀ ନଥିବାରୁ ସେହି ସାମନ୍ତମାନେ ଆପଣା ଆପଣା ମଧ୍ୟରେ ବିବାଦ କରି ସମଗ୍ର ରାଜ୍ୟକୁ ବିଶୃଙ୍ଖଳିତ କରି ପକାଇଲେ। ଏହି ନୀତିମୂଳକ ନାଟକଟି ପାଞ୍ଚୋଟି ଅଙ୍କରେ ବିଭକ୍ତ। ଗ୍ରୀକ୍ ଟ୍ରାଜିଡିର ଅନୁକରଣରେ ପ୍ରତ୍ୟେକ ଅଙ୍କ ଶେଷର ଏକ ନାଟ୍ୟବାଣୀ ବା କୋରାସ୍ର ବ୍ୟବସ୍ଥା ଥିଲା। ଏହ ନାଟକଟି ଅମିତ୍ରାକ୍ଷର ଛନ୍ଦରେ କବିତା ଆକାରରେ ଲେଖା। ଏଥିରେ ପ୍ରଥମ ଥର ପାଇଁ ଇଂରେଜୀ ନାଟକ ଏକ ନିର୍ଦ୍ଦିଷ୍ଟ ରୂପ ଲାଭ କଲା।

ସେହିପରି ଇଟାଲୀୟ ମିଳନାନ୍ତ ନାଟକର ଆଦର୍ଶରେ ଇଂରେଜ ସାହିତ୍ୟରେ ମିଳନାନ୍ତ ନାଟକର ସୃଷ୍ଟି କଲା। ଏହିସବୁ ନାଟକରେ ହାସ୍ୟର ଯେଉଁସବୁ ଉପାଦାନ ପ୍ରଦାନ କରାଯାଉଥିଲା,ତାହା ଅବଶ୍ୟ ମାର୍ଜିତ ରୁଚିର ପରିଚାଳକ ନୁହେଁ , ତଥାପି ଏ ସବୁରେ ଚରିତ୍ର ଚିତ୍ରଣ ଲାଗି ନାଟ୍ୟକାରମାନଙ୍କର ପ୍ରୟାସ ସ୍ପଷ୍ଟ। ଗାମାରଗର୍ଟନ୍ର ଛୁଞ୍ଚି ନାମକ ହାସ୍ୟରସାତ୍ମକ ନାଟକର ବିଷୟବସ୍ତୁ ଏହି ଯେ ଗର୍ଡନର ଛୁଞ୍ଚି ହଜିଗଲା। ସେଥିଲାଗି ଘର ତାହାର ପାଳଗଦା ଆଦି ଖୋଲାହେଲା,ଗ୍ରାମରେ ହୁଲସ୍ଥୁଲ ପଡ଼ିଗଲା , ପୁଲିସଠାରୁ ଡାକ୍ତର ପର୍ଯ୍ୟନ୍ତ ସମସ୍ତେ ଏଥିଲାଗି ଅନୁସନ୍ଧାନ ଆରମ୍ଭ କରିଦେଲେ। ଶେଷରେ ଦେଖିଲା ବେଳକୁ ଗାମାରର ମୂଲିଆ ହଜ୍ର ମୋଜାରେ ସେହି ଛୁଞ୍ଚିଟା ଲାଗିଯାଇଛି। ଏହି ନାଟକର ବିଷୟବସ୍ତୁ ସାମାଜିକ ଜୀବନର ନିକଟତର ହୋଇଆସିଛି। କିନ୍ତୁ ନାଟକରେ ସାହିତ୍ୟିକ ମାଧୁରୀ ଏ

Powered by Tekons

18

ଜଟାୟୁ
ଅନ୍ୟାନ୍ୟ ରଚନା

ଇଂରାଜୀ ସାହିତ୍ୟର ଗତିଧାରା

କବି ରଘୁନାଥ ଦାସ

ପର୍ଯ୍ୟନ୍ତ ଫୁଟି ପାରିନାହିଁ।

ଏହାପରେ ଗ୍ରୀକ୍ ସାହିତ୍ୟ ବିଶାରଦ କେତେକ ସାହିତ୍ୟିକ ଯେତେବେଳେ ନାଟକରେ ହାତ ଦେଲେ, ଆମେ ପ୍ରଥମଥର ପାଇଁ ଇଂରେଜ ସାହିତ୍ୟରେ ଉଚ୍ଚଧରଣର ନାଟକର ସନ୍ଧାନ ପାଇଁ । ଏହି ନାଟ୍ୟକାରମାନଙ୍କ ମଧ୍ୟରୁ ମାର୍ଲୋ ,ଗ୍ରୀନ୍ ,ଲିଲି ,ପିଲ୍ ,ଲଜ୍ ଓ ନାସଙ୍କର ନାମ ପ୍ରଧାନ।ଗ୍ରୀକ୍ ନାଟକମାନଙ୍କର ତିନି ଐକ୍ୟ (Three Unities) ରୀତି ପାଳନ କରାଯାଏ ; ନାଟକୀୟ ବସ୍ତୁ ଏକଦିନ ମଧ୍ୟରେ ଏବଂ ଏକ ସ୍ଥାନରେ ସମ୍ପନ୍ନ ହୁଏ ଏବଂ ସମସ୍ତ କାର୍ଯ୍ୟ (action) ର ଏକ ସମନ୍ୱୟ ଥାଏ। ଏହାଦ୍ୱାରା ନାଟକୀୟ କଥାବସ୍ତୁର ପରିସର ନିରୂପିତ ହୋଇଯାଏ। ଏଥିପୂର୍ବରୁ ଇଂରେଜ ନାଟ୍ୟକଳାରେ ସେମିତି ପ୍ରକାର କୌଣସି ବିଶିଷ୍ଟ ରୀତି ଅନୁସୃତ ହେଉନଥିଲା। ବିଭିନ୍ନ ଦୃଶ୍ୟ ମଧ୍ୟରେ କାଳ ଓ ସମୟର ବ୍ୟବଧାନ ନଥିଲା। ଏହା ଆଗରୁ ଇଂରେଜ ସାହିତ୍ୟରେ ଯେଉଁସବୁ ନାଟକ ଲେଖାଯାଇଥିଲା ,ତାହା କେବଳ କେତେକ ଦୃଶ୍ୟମାନଙ୍କ ଏକତ୍ର ସମାବେଶ। ଏହାଦ୍ୱାରା ନାଟକର ରସ ଗ୍ରହଣପକ୍ଷେ ଦର୍ଶକମାନଙ୍କୁ କଳ୍ପନାର ଆୟାସ ପ୍ରୟୋଗ କରିବାକୁ ହେଉଥିଲା , ନାଟକ ଗୁଡ଼ିକର ସାହିତ୍ୟିକ ମର୍ଯ୍ୟାଦା ସେହିପରି ଅତି ନିମ୍ନ ସ୍ତରର ଥିଲା। ନାଟ୍ୟକାର ପ୍ରଥମେ ବିଷୟବସ୍ତୁ , ଚରିତ୍ରଚିତ୍ରଣ , ରୀତି ଓ ଶୈଳୀ ଦିଗରୁ ନାଟକକୁ ରୂପାନ୍ତର ପ୍ରଦାନ କରନ୍ତି। ନାଟକର ବିଷୟବସ୍ତୁକୁ ଉଦାର ଓ ମହତ୍ କରିବାକୁ ବାଇବେଲ୍ର ଅନୁକରଣରେ କ୍ଷୁଦ୍ର ଉପାଖ୍ୟାନ ତଥା ମୋରାଲ୍ଟି ନାଟକର ବିଷୟବସ୍ତୁ ଗଠିତ ହେଉଥିଲା। ଅନ୍ୟ ପକ୍ଷରେ ଇଣ୍ଟର୍ଲ୍ୟୁଡ଼ ନାଟକମାନଙ୍କରେ ବିଷୟବସ୍ତୁ ମର୍ଯ୍ୟାଦା ରକ୍ଷା କରାଯାଉନଥିଲା। ମାର୍ଲେଙ୍କର ବିଷୟବସ୍ତୁ ହେଲା ବିଶ୍ୱବିଜୟୀ ଟୈମୁରଲଙ୍ଗ , ଅଳଙ୍କାର ପିପାସୁ ଫଷ୍ଟ , ବିପୁଳ ଧନପତି ବାରାବସା ହୃଦୟର ଗଭୀର ଭାବରାଶିକୁ ସ୍ପନ୍ଦିତ କରି ସେ ମନୁଷ୍ୟର ଉଚ୍ଚତମ ଅଭିଳାଷ ଓ ହୀନତମ ପତନର ଚିତ୍ର କରିବାର ପ୍ରୟାସର ଚିତ୍ର କରିବାରର ପ୍ରୟାସ କଳ୍ପନାର ତୂଳୀରେ ତାଙ୍କର ଚରିତ୍ରମାନ ବିଶାଳ ଆକାରର ଧାରଣ କରିଥିଲେ ସୁଦ୍ଧା , ସେମାନେ ଆଉ ନିର୍ଜୀବ ପ୍ରାୟ ହୋଇ ରହିଲେ ନାହିଁ ମନୁଷ୍ୟର ଭାବରାଶି ପରି ସେମାନେ ପରିଚାଳିତ, ପୁଲକିତ, ଉଦ୍ବିପ୍ତ । ସେ ତାଙ୍କର ଚାରୋଟି ପ୍ରସିଦ୍ଧ ନାଟକ (୧) ଟୈମୁରଲଙ୍ଗ, (୨) ଫାଷ୍ଟସ୍ , (୩) ମାଲାଟାର ଇହୁଦୀ , (୪) ଏଡୁଆଡ଼ରେ ଅମିତ୍ରାକ୍ଷର ଛନ୍ଦର ଆଶ୍ରୟ ନେଇଥିଲେ।

ତାଙ୍କ ଲେଖନୀରେ ଏପରି ସାବଲୀଳ ହେଲା ଯେ ଏ ଯୁଗର ପ୍ରାୟ ସମସ୍ତ ନାଟକ ସେହି ଅମିତ୍ରାକ୍ଷରରେ ଲେଖାହେଲା। ମାର୍ଲୋଙ୍କ ଲେଖାମାନ କଳ୍ପନାର ଅତିଶଯ୍ୟ ଦୋଷରେ ଦୁଷ୍ଟ ହେଲେ ମଧ ତାଙ୍କର ସୌନ୍ଦର୍ଯ୍ୟବୋଧ ଅତି ସୂକ୍ଷ୍ମ ଥିଲା ଓ ତାଙ୍କର ଲେଖାମାନ ଅତି ଶକ୍ତିଶାଳୀ ଥିଲା। ମାର୍ଲୋଙ୍କ ନାଟକ ମାନଙ୍କର ଛାୟା ତାଙ୍କ ସମସାମୟିକ ନାଟ୍ୟକାରମାନଙ୍କ ଉପରେ ବିଶେଷ ଭାବେ ପଡ଼ିଛି , ବିଶେଷତଃ ସେକ୍ସପିଅରଙ୍କ ଉପରେ । ମାର୍ଲୋ ନାଟକକୁ ଏକ ସ୍ଥାୟୀ ରୁଚି ଦେଇଗଲେ ଏବଂ ଅତଃପର ଭାରବେ ମାର୍ଲୋଙ୍କର ପ୍ରଦର୍ଶିତ ପଥରେ ଯାଇ ବିଶ୍ୱ କବି ସେକ୍ସପିଅର ନିଜର ଖ୍ୟାତି ଅର୍ଜନ କଲେ। ଏଥିଲାଗି ମାର୍ଲୋଙ୍କୁ ଇଂରେଜ ନାଟକର ଆଦିଗୁରୁ (Father of English drama) ଆଖ୍ୟା ପ୍ରଦାନ କରାଯାଏ।

Powered by Tekons
19

ଜଟାୟୁ
ଅନ୍ୟାନ୍ୟ ରଚନା

ଇଂରାଜୀ ସାହିତ୍ୟର ଗତିଧାରା

କବି ରଘୁନାଥ ଦାସ

ଏ କାଳର ଜୀବନରେ ତଥା ସାହିତ୍ୟରେ କଳ୍ପନାର ଏକାନ୍ତ ବିଳାସ ପରିଲକ୍ଷିତ ହୁଏ। ବାସ୍ତବତାର ଗଦ୍ୟମୟ ସଂକୀର୍ଣ୍ଣ ପରିସର ଏ ଯୁଗର ମୁକ୍ତିକାମୀ ଆଶାୟୀ ଅଭିଳାଷୀମାନବକୁ କୌଣସି ପ୍ରକାରେ ସନ୍ତୁଷ୍ଟ କରପାରିନଥିଲେ। ତେଣୁ ଆମେ ନାଟକରେ ତଥା ଅନ୍ୟତ୍ର ବହୁ ଅବାସ୍ତବ ବିଷୟରେ ଅବତାରଣା ପାଉଁ ଏବଂ ଏହି ଅବାସ୍ତବ ଅଲୌକିକ ଓ କାଳ୍ପନିକ ବିଷୟବସ୍ତୁ ଜରିଆରେ ନାଟ୍ୟକାର ଓ ସାହିତ୍ୟିକମାନେ ସେମାନଙ୍କର ପାଠକ ଓ ଦର୍ଶକମାନଙ୍କୁ ଅତ୍ୟନ୍ତ ସମ୍ଭାବନାର ଇଙ୍ଗିତ ଦେଉଥିଲେ। ସେହି ଯୁଗକୁ ରୋମାଣ୍ଟିକ୍ ଯୁଗ ବୋଲି ତେଣୁ ବୋଲାଯାଏ। ଏହା ଇଂରାଜୀ ସାହିତ୍ୟରେ ଏ ସୁବର୍ଣ୍ଣ ଅଧ୍ୟାୟ।

ଇଂରେଜୀ ସାହିତ୍ୟର ଗତିଧାରା (୫)

ନବଜ୍ଞାନାଲୋକ (୧୪୦୦-୧୬୬୦)

ଚଶରଙ୍କ ମୃତ୍ୟୁ ପରେ ବହୁ ବର୍ଷ ଧରି ଇଂରେଜ ସାହିତ୍ୟର ପୃଷ୍ଠାରେ ରେଖାପାତ ହୋଇନାହିଁ କିନ୍ତୁ ଏହା ଭାଷାର ପୂର୍ବ ତମିସ୍ରାର ବହୁଳତା ମାତ୍ର।

ଦ୍ୱାଦଶ ଶତାବ୍ଦୀରେ ଯେଉଁ ସାମନ୍ତବାଦ Feudalism ଇଂଲାଣ୍ଡର ସାମାଜିକ ଜୀବନର ମେରୁଦଣ୍ଡ ହୋଇ ଶିକ୍ଷା ଓ ସଭ୍ୟତା ,ସଂସ୍କୃତି ଓ ବିକାଶ ପଥରେ ଭାଷାକୁ ଉଜ୍ଜୀବିତ କରିଥିଲା , ପଞ୍ଚଦଶ ଶତାବ୍ଦୀରେ ସେହି ସାମନ୍ତବାଦର ରୁଗ୍ଣ କୁତ୍ସିତ କଙ୍କାଳ ଜାତିର ଚକ୍ଷୁଶୂଳ ହୋଇ ଉଠିଲା। ଇଂଲାଣ୍ଡର ରାଜନୈତିକ କ୍ଷେତ୍ରରେ ସାମନ୍ତ ସାମନ୍ତଙ୍କ ମଧ୍ୟରେ ନାନା ଚକ୍ରାନ୍ତ ,ଈର୍ଷା , ବିଦ୍ୱେଷ , ଷଡଯନ୍ତ୍ର ଓ ଯୁଦ୍ଧ ନାଗରିକ ଜୀବନକୁ ଅଶାନ୍ତ କରି ଦେଇଥିଲା। ତେଣୁ ଫ୍ରାନ୍ସ ସହିତ ବହୁ ବର୍ଷ ବ୍ୟାପି ନିରର୍ଥକ ସମର ଦ୍ୱାରା ଇଂଲାଣ୍ଡର ଶାସନ ଦୁର୍ବଳ ହୋଇପଡ଼ିଲା। ଅଜସ୍ର ଯୁଦ୍ଧଦ୍ୱାରା ରାଜା ଓ ରାଜ୍ୟର ଶକ୍ତି ଦୁର୍ବଳ ହୋଇଗଲା ଏବଂ ଜନସାଧାରଣ ମଧ୍ୟ ଦୁର୍ବଳ ହୋଇପଡ଼ିଲେ। ଜନସାଧାରଣଙ୍କର ଯୁଦ୍ଧ ଓ ବିଜୟ ଲାଗି ଉତ୍ସାହ ଥିଲା କମ୍। ବ୍ୟବସାୟର ପ୍ରସାର , ଧନ ବୃଦ୍ଧି ଓ ନାଗରିକ ଜୀବନରେ ଶାନ୍ତିଶୃଙ୍ଖଳାହିଁ ସେମାନଙ୍କର ଥିଲା କାମ୍ୟ । ଯେତେବେଳେ ସାମନ୍ତ ସାମନ୍ତ ମଧ୍ୟରେ ବିବାଦର ଧୂଳି ଉଡୁଥିଲା , ମଧ୍ୟବିତ୍ତ ଶ୍ରେଣୀ -କୃଷକ ଓ ବଣିକ-ସେହି ଗଣ୍ଡଗୋଳରୁ ବିଜୟ ଉଲ୍ଲାସ ବୃଥା ଆଡ଼ମ୍ବରରୁ ଦୂରରେ ରହି ଆପଣାର ଭାଗ୍ୟ ଗଢୁଥିଲେ।ସମୃଦ୍ଧିଶାଳୀ ମଧ୍ୟବିତ୍ତ ଜନସାଧାରଣଙ୍କ ସମ୍ମୁଖରେ ଉଚ୍ଛନ୍ନ ସାମନ୍ତକୂଳ ହୀନପ୍ରଭ ହୋଇପଡ଼ିଲେ। ରାଜଶକ୍ତିଠାରୁ ମଧ୍ୟବିତ୍ତ ଶ୍ରେଣୀ ଆପଣାର ମୁକ୍ତି କ୍ରମଶଃ ହାସଲ କରିବାକୁ ଲାଗିଲେ। ସମାଜରେ ଏହି ନୂତନ ସଂପ୍ରଦାୟର ଆଧିପତ୍ୟ ଜାତୀୟ ଜୀବନରେ ଉନ୍ନତି ସ୍ରୋତ ଆଣିଦେଲା। ସାମନ୍ତମାନେ ଉଦ୍ଧତ ପ୍ରକୃତିର ଥିଲେ ,ରଣର ଉନ୍ମାଦନ ତାଙ୍କଠାରେ ଗଭୀର ଥିଲା ; ଅପର ଦେଶମାନଙ୍କ ସହିତ ଯୁଦ୍ଧରେ ରତ ହେବାରେ ଥିଲା ସେମାନଙ୍କ ମହାଆନନ୍ଦ। ଧନିକ ମଧ୍ୟବିତ୍ତ ଶ୍ରେଣୀର ଯେଉଁ ବ୍ୟକ୍ତିମାନେ ରାଜଅନୁଗ୍ରହ ଲାଭ କରି ରାଜ୍ୟ ଶାସନରେ କୌଣସି ଉଚ୍ଚପଦ

Powered by Tekons

20

ଅନ୍ୟାନ୍ୟ ରଚନା

ଇଂରାଜୀ ସାହିତ୍ୟର ଗତିଧାରା

କବି ରଘୁନାଥ ଦାସ

[illegible]

[illegible]

[illegible]

[illegible]

[illegible]

ଅନ୍ୟାନ୍ୟ ରଚନା

ଇଂରାଜୀ ସାହିତ୍ୟର ଗତିଧାରା

କବି ରଘୁନାଥ ଦାସ

[illegible]

[illegible]

[illegible]

ଜଟାୟୁ
ଅନ୍ୟାନ୍ୟ ରଚନା

ଇଂରାଜୀ ସାହିତ୍ୟର ଗତିଧାରା

କବି ରଘୁନାଥ ଦାସ

ଆକାଂକ୍ଷା , ଦୁଃଖ ଓ ବେଦନାକୁ ବ୍ୟକ୍ତ କରିବାରେ। ଉପନ୍ୟାସ ମାନବର ବାସ୍ତବ ଅନୁଭୂତିକୁ ରୂପଦିଏ। ପରବର୍ତ୍ତୀ ଯୁଗରେ ଯେଉଁ ଉପନ୍ୟାସ ସାହିତ୍ୟରେ ଏକ ପ୍ରଧାନ ସ୍ଥାନ ମାଡ଼ିବସିଲା , ତାହାର ଆଭାସ ମଧ୍ୟଯୁଗର ଏହି କିମ୍ଭୁତ କିମାକାର କାହାଣୀରେ ମିଳେ।

ଏହି ସମୟରେ ବିଦେଶ ପର୍ଯ୍ୟଟନ ବିଶେଷତଃ ଇତାଲୀ ଯାତ୍ରା କରିବା ଥିଲା ଏକ ସୌଖୀନ। ଇତାଲୀରେ ବୋକାସିଓ (Boccacia) ନାମକ ଜଣେ ଲେଖକ ୧୩୫୦ ଖ୍ରୀଷ୍ଟାବ୍ଦରେ ନୋଭେଲା □□□□□□□(Novella storia) ନାମକ ଏକ ଗଦ୍ୟ ପୁସ୍ତକ ପ୍ରକାଶ କରନ୍ତି। ଏହି ପୁସ୍ତକ ଦୁଃସାହସିକ ପ୍ରେମିକର ଅନୁଭୂତି ଉପରେ ଲିଖିତ କେତେଗୁଡ଼ିଏ ଗଳ୍ପର ସମାବେଶ। ଏହି ପୁସ୍ତକ ସାହିତ୍ୟରେ ଏକ ନୂତନ ରାଜ୍ୟର ସନ୍ଧାନ ଦେଲା। ପ୍ରଥମେ ଯଦିଓ ନଭେଲ୍ ବୋଇଲେ ନୂଆ ଗଳ୍ପ ବୁଝାଉଥିଲା , କ୍ରମଶଃ ନଭେଲ୍ ଏକ ଅର୍ଥ ହେଲା ଗଦ୍ୟରେ ଲିଖିତ ଆଖ୍ୟାୟିକା , ଉପନ୍ୟାସର କଥାବସ୍ତୁ ମଧ୍ୟଯୁଗର କାହାଣୀର କଥାବସ୍ତୁଠାରୁ ପୃଥକ୍ ହେଲା । ଔପନାସିକ ବାସ୍ତବ ଜୀବନ ଚିତ୍ର କଲା। ଇତାଲୀର ପ୍ରଭାବ ହେତୁ ଇଂରାଜୀରେ ଗଳ୍ପ ସାହିତ୍ୟର ପ୍ରସାର ହେଲା ଲିଲିଙ୍କ □□□□□□□(Euphues), ଟୋମସ୍ଲସ୍ଙ୍କ '□□□□□□□□□'(Rosalynda), ଟୋମସ୍ ମାସ୍ଙ୍କ 'ହତଭାଗା ପଥିକ', ସିଡ଼ିଙ୍କର '□□□□□□□'(Arcadila)□□□□□□□ ଗଳ୍ପ ସାହିତ୍ୟକୁ ଯଦିଓ ଉପନ୍ୟାସର ଆଖ୍ୟା ଦିଆଯାଇପାରିବ ନାହିଁ , ତଥାପି ଉପନ୍ୟାସର ସୃଷ୍ଟି ଦିଗରେ ସେସବୁ ସୁବର୍ଣ୍ଣ ପାବଚ୍ଛ ହୋଇ ରହିଲେ।

ଗଦ୍ୟର ପ୍ରସାର ସହିତ ଇଂରେଜ ସାହିତ୍ୟରେ ସମାଲୋଚନା ପ୍ରଥମେ ଆରମ୍ଭ ହୁଏ। ରୋଗର ଆଚ୍ଛାମ୍ ତାଙ୍କର ସ୍କୁଲ ମାଷ୍ଟର ନାମକ ସମାଲୋଚନା ଗ୍ରନ୍ଥରେ କଳ୍ପନାର ଅତିଶଯ୍ୟକୁ ନିନ୍ଦା କରି ବାସ୍ତବ ଜୀବନ ଚିତ୍ର କରିବା ସପକ୍ଷରେ ତାଙ୍କର ମତବ୍ୟକ୍ତ କରିଛନ୍ତି। ଗାସକ୍ଏନ୍ (Gascoigne) ଉପଦେଶ ବାଣୀ (Gascoigne)□□□□ ଗ୍ରନ୍ଥରେ କିପରି ବହୁ କବିତା ଛନ୍ଦ ଦୋଷରେ ଦୁଷ୍ଟ ହୋଇଅଛି ତାହା ଦର୍ଶାଇଥିଲେ। କବିତା ଲାଗି କ୍ଷମା ପ୍ରାର୍ଥନା (Apologie for poetric) ନାମକ ଗ୍ରନ୍ଥରେ ସିଡ଼ିନି ସମାଜରେ କବିଙ୍କର ସ୍ଥାନ ନିର୍ଦ୍ଦେଶ କରିଛନ୍ତି ଏବଂ ସାହିତ୍ୟରେ କବିତାକୁ ସର୍ବୋଚ୍ଚ ସ୍ଥାନ ଦେଇଛନ୍ତି।

ଏହି ନବ ଜାଗୃତିର ପ୍ରଥମ ଭାଗରେ ପଞ୍ଚଦଶ ଶତାବ୍ଦୀର ବିଶେଷ ଉଲ୍ଲେଖ୍ୟ ଦାବି କଲେ ମୁର୍ଙ୍କର ୟୁଟୋପିଆ (Utopia)। ଏହା ପ୍ରଥମେ ଇତାଲୀୟ ଭାଷାରେ ଲିଖିତ ହୋଇଥିଲେ ମଧ ଅଳ୍ପକାଳ ମଧ୍ୟରେ ଏହାର ଇଂରେଜୀ ଅନୁବାଦ ହୋଇଗଲା। ବହୁ ଦେଶାଟନ କରି ସଂସାରରେ ବହୁ ଅଭିଜ୍ଞତା ଅର୍ଜନ କରି , ସାମାଜର ଦୁଃଖଦୈନ୍ୟ ଓ କୁସଂସ୍କାରରେ ବ୍ୟଥିତ ହୋଇ ଟୋମସ୍ ମୁର୍ ଏକ ଆଦର୍ଶ ସମାଜର ପରିକଳ୍ପନା କରିଅଛନ୍ତି। ହିଥ୍ଲୋଡେ ନାମକ ଜଣେ ପର୍ତ୍ତୁଗୀଜ୍ ନାବିକ ସହିତ ଗଳ୍ପାଳାପ ଛଳରେ ମୁର୍ ଏ ଦିଗରେ ନିଜ ସମାଜର ଦୋଷ ଓ ଦୁର୍ନୀତିକୁ ବ୍ୟଙ୍ଗ କରିଛନ୍ତି ଏବଂ ଅପର ଦିଗରେ ଏକ ମନଗଢ଼ା ସର୍ବାଙ୍ଗ ସୁନ୍ଦର ସମାଜର ଚିତ୍ର ଦେଇଛନ୍ତି। ଇଂଲାଣ୍ଡରେ ହିଥ୍ଲୋଡେ ଦେଖନ୍ତି ଯେ ଚୋରି ଲାଗି ଲୋକଙ୍କୁ ଫାଶିଦଣ୍ଡ ଦିଆଯାଉଛି । "ଆଚ୍ଛା , ପ୍ରତ୍ୟେକ ଲୋକ ଲାଗି ତାର ଜୀବନଧାରଣ ପାଇଁ ବ୍ୟବସ୍ଥା ଖଞ୍ଜିଦେଲେ ,ଚୋରି

Powered by Tekons
23

ଜଟାୟୁ

ଅନ୍ୟାନ୍ୟ ରଚନା

ଇଂରାଜୀ ସାହିତ୍ୟର ଗତିଧାରା

କବି ରଘୁନାଥ ଦାସ

କରିବାକୁ କାହାର କାହିଁକି ଗରଜ ପଡ଼ନ୍ତା, ଚୋରି କରିବା ଲାଗି କିଏ ବା କାହିଁକି ମରନ୍ତା? ତୁମେ ଲୋକଙ୍କୁ ମୂର୍ଖ ହେବାକୁ ଛାଡ଼ିଦେଲ, ବାଲ୍ୟକାଳରୁ ତାଙ୍କ ଆଚାର ବ୍ୟବହାର କଳୁଷିତ ହେବାର ସୁଯୋଗ ଦେଲ, ପୁଣି ସେହି ଶିକ୍ଷା ହେତୁରୁ ଯେଉଁ ଅପରାଧମାନ କଲେ ସେଥିଲାଗି ତାଙ୍କୁ ଶାସ୍ତି ଦେଲ। ଏଥିରୁ କ’ଣ ବୁଝାଯାଉନାହିଁ ଯେ ତୁମେ ସେହି ଲୋକମାନଙ୍କୁ ଚୋରି କରିବା ଶିଖାଅ, ଆଉ ପରେ ଚୋର ବୋଲି ତାଙ୍କୁ ଦଣ୍ଡ ଦିଅ?”

ଆଦର୍ଶ ଦେଶ ୟୁଟୋପିଆର ଅଧିବାସୀମାନେ ସକାଳରୁ ସଞ୍ଜଯାଏ ଖଟି ଖଟି ବେଦମ୍ ହୋଇଯାଆନ୍ତି ନାହିଁ ଦିନର ଚବିଶ ଘଣ୍ଟାରୁ ଛ’ଘଣ୍ଟା କାମ ଲାଗି, ତିନି ଘଣ୍ଟା କାରଖାନାରେ, ତିନି ଘଣ୍ଟା ଅନ୍ୟ କାମରେ, ଆଠଘଣ୍ଟା ନିଦ୍ରା, ବାକି ସମସ୍ୟା ନିଜସ୍ୱ। ସମସ୍ତେ କୌଣସି ନା କୌଣସି ଉପକାରୀ କାର୍ଯ୍ୟରେ ସମୟ ଅତିବାହିତ କରନ୍ତି। ସେ ଦେଶର ରାସ୍ତା ପ୍ରଶସ୍ତ, ସ୍ୱାସ୍ଥ୍ୟ ଭଲ ଓ ସବୁ ସହରରେ ନିର୍ମଳ ପାଣି ଯୋଗାଇବାର ବ୍ୟବସ୍ଥା ଅଛି।

ୟୁଟୋପିଆରେ ଆଇନ ପ୍ରଚଳନ ନାହିଁ “ଗୋଛାଏ ଆଇନ ଦୁର୍ବୋଧ ଗଣ୍ଠି ଭିତରେ ମନୁଷ୍ୟକୁ ବାନ୍ଧିରଖିବା ଅନୁଚିତ ଅଟେ। ଆଇନର କଳେବର ଏତେବଡ଼ ଓ ତାହାର ଅର୍ଥ ଏତେ ଅଗମ୍ୟ ଯେ ତାକୁ ପ୍ରତ୍ୟେକ ନାଗରିକ ପଢ଼ି ବୁଝିବା ଅସମ୍ଭବ”।

ୟୁଟୋପିଆରେ ପୁରୁଷ ଓ ସ୍ତ୍ରୀ ଲୋକ ସାମରିକ ବିଦ୍ୟା ଶିଖି ଯୁଦ୍ଧାଭ୍ୟାସ କଲେ ମଧ୍ୟ ଯୁଦ୍ଧ ଏକ ଘୃଣ୍ୟ ଓ ପାଶବିକ ଅନୁଷ୍ଠାନ ବୋଲି ସେମାନେ ଜ୍ଞାନ କରନ୍ତି। “ଯୁଦ୍ଧ ଜୟରେ ଯେଉଁ ଗୌରବକେତନ ଉଡ଼େ ତାହାଠାରୁ ଅଧିକ ଗ୍ଲାନିମୟ ପଦାର୍ଥ ଏ ପୃଥିବୀରେ ନାହିଁ” ତଥାପି, ଆବଶ୍ୟକ ବେଳେ ଆପଣାକୁ ରକ୍ଷା କରିବା ଲାଗି, ଅନ୍ୟାୟ ଆକ୍ରମଣର ପ୍ରତିରୋଧ ଲାଗି, ଅତ୍ୟାଚାରର ବଦଳରୁ କୌଣସି ବ୍ୟକ୍ତିକୁ ରକ୍ଷା କରିବା ଲାଗି, ସମରର ଆବଶ୍ୟକତା ରହିଛି ବୋଲି ଅଧିବାସୀମାନେ ସ୍ୱୀକାର କରନ୍ତି।

ୟୁଟୋପିଆ ଗ୍ରନ୍ଥକୁ ଅନେକ ‘ଆଧୁନିକ ସାହିତ୍ୟର ଆଦିସ୍ତମ୍ଭ’ ଆଖ୍ୟା ଦେଇଥାନ୍ତି। ମୁର୍ଙ୍କ ରାଜ୍ୟ ଜନତାର ଗଣତାନ୍ତ୍ରିକ ରାଜ୍ୟ। ରାଜ୍ୟର ସଭାପତି ଭୋଟ ଦ୍ୱାରା ନିର୍ବାଚିତ ହୁଅନ୍ତି। ଯଦିଓ ୟୁଟୋପିଆ ଏକ ଆଦର୍ଶବାଦୀର ମଧୁର ସ୍ୱପ୍ନ, ତଥାପି ସମାଜ ସଂସ୍କାରକଙ୍କ ଏଥିରେ ଯଥେଷ୍ଟ ଉପାଦାନ ଓ ଚିନ୍ତାର ସାମଗ୍ରୀ ନିହିତ। ‘ନବ-ଆଲୋକ’ ଯେଉଁ ଆଦର୍ଶବାଦର ଆଭାରେ ଇଉରୋପକୁ ଉଦ୍ଭାସିତ କରିଥିଲା, ତାହାର ଆଭାସ ଏହି ପୁସ୍ତକରୁ ମିଳେ। କିନ୍ତୁ ଇଂଲାଣ୍ଡର ଆଦର୍ଶବାଦୀ ସ୍ୱପ୍ନବିଳାସୀ ନୁହେଁ, ସେ ତାହାର ଆଦର୍ଶକୁ ଜୀବନର ଉପଯୋଗୀ କରିବାକୁ ତତ୍ପର। ଭାବନାର ଉତ୍କର୍ଷରେ ସେ ଜଗତକୁ ଚମତ୍କୃତ କରିବାକୁ ଚାହେଁ ନାହିଁ ଦୈନନ୍ଦିନ ଘଟଣା ପ୍ରବାହରେ ସେହି ଆଦର୍ଶକୁ ନିୟୋଜିତ କରିବାହିଁ ତା’ର ଆକାଂକ୍ଷା।

ନୂଆ ଯୁଗର ଉନ୍ମାଦନା କବିତାର ତନ୍ତ୍ରୀରେ ସତେଜ ରାଗରାଗିଣୀ ଫୁଟାଇବା

Powered by Tekons

24

ଜଟାୟୁ

ଅନ୍ୟାନ୍ୟ ରଚନା

ଇଂରାଜୀ ସାହିତ୍ୟର ଗତିଧାରା

କବି ରଘୁନାଥ ଦାସ

ସ୍ୱାଭାବିକା ଆଲୋକ ଉଦ୍ଭାସିତ ଛବିଳ ଭାଷା ସମକ୍ଷରେ ଛିଡ଼ା ହୋଇ କବି ପ୍ରଥମେ ସସଂଭ୍ରମ ହୋଇପଡ଼ିଥିଲା। ଏ ନୂତନ ଅନୁଭୂତିର ରୂପରେଖା ଦେବାକୁ ସେ ଇତସ୍ତତଃ; କେଉଁ ଛନ୍ଦ କି ଭାଷା , କି ଶୈଳୀ ଯେ ଏ ଜୀବନର ପ୍ରକାଶ ଲାଗି ଉପଯୋଗୀ ହେବ ସେ ବିଷୟରେ କବି ପ୍ରଥମେ ସ୍ଥିର କରିପାରିନଥିଲା। ତେଣୁ ପଞ୍ଚଦଶ ଶତାବ୍ଦୀର ଇଂରେଜ କବିଙ୍କର ଅଙ୍ଗୁଳି ସ୍ପର୍ଶରେ ବୀଣାର ଏ ତାର ସେ ତାର ମଧ୍ୟେ ମଧ୍ୟେ ଝଙ୍କାରି ଉଠିଥିଲେ ମଧ୍ୟ ତହିଁରୁ ଅନିଶ୍ଚିତତାର ସ୍ୱର ଅତି ସ୍ପଷ୍ଟ। କବି ଓ୍ୟାଟ୍ ଓ କବି ସର୍ଭେଙ୍କର ସମ୍ମିଳିତ କବିତାଗୁଚ୍ଛ (Tottels' Miscellaney)୧୫୫୭ ଶତାବ୍ଦୀରେ ପ୍ରକାଶ ପାଏ। ଏହି କବିତାଗୁଚ୍ଛ ଇଂରେଜୀ କବିତା ମହଲରେ ଏକ ନୂଆ ଅଧ୍ୟାୟ ଖୋଲିଲା ସବୁଜଯୁଗ।

ଇତାଲୀୟ କବିତା କି ଛନ୍ଦ କି ଭାବ ସବୁରେ ସମୃଦ୍ଧ। ଜ୍ଞାନର ପ୍ରସାର ସହିତ ବୈଦେଶିକ ବିଶେଷତଃ ଗ୍ରୀକ୍ ଓ ଇତାଲୀ ସାହିତ୍ୟ ଇଂରାଜୀ ସାହିତ୍ୟ ଉପରେ ବିଶେଷ ପ୍ରଭାବ ବିସ୍ତାର କରିଥିଲା। ଓ୍ୟାଟ୍ (Wyatt) ଇତାଲୀୟ ବହୁ ଛନ୍ଦ ପ୍ରକ୍ରିୟାର ଅନୁକରଣରେ କେତେକ ଗୀତ, ଚତୁର୍ଦ୍ଦଶପଦୀ କବିତା (Sonnet), ବିଳାପ ଇତ୍ୟାଦି ରଚନା କରିଥିଲେ। ସର୍ଭେ (Survey) □□□□(Aeneid), ନାମକ କବିତା ଅନୁବାଦ କରିବାକୁ ଯାଇ ଇଂରାଜୀ ସାହିତ୍ୟରେ ଅମିତ୍ରାକ୍ଷର ଛନ୍ଦର ପ୍ରଚଳନ କଲେ। ଏଥିପୂର୍ବରୁ କବିତାରେ ମିତ୍ରାକ୍ଷରର କେବଳ ପ୍ରୟୋଗ ଥିଲା। କିନ୍ତୁ ଗ୍ରୀକ୍ ଓ ଇତାଲୀୟ କବିତାମାନଙ୍କରେ ଏହି ରୀତି ଅନୁସରିତ ନ ହେଉଥିବାରୁ କବିମାନେ ମିତ୍ରାକ୍ଷରର ରୀତି ଅନୁସରଣ କରିବାକୁ ବିଶେଷ ଶ୍ରଦ୍ଧାବାନ୍ ହେଲେ ନାହିଁ। ଭାବ ଦିଗରୁ ଆଲୋଚନା କଲେ ଓ୍ୟାଟ୍ ଓ ସର୍ଭେଙ୍କର କବିତାରେ ବ୍ୟକ୍ତିଗତ ଦୁଖଦୁଃଖର ଯେଉଁ ଝଙ୍କାର ବାଜି ଉଠିଛି , ତାହା ମଧ୍ୟଯୁଗର କୌଣସି କବିତାରେ ମିଳେ ନାହିଁ। ମଧ୍ୟଯୁଗର ପଦ୍ୟ ସାହିତ୍ୟ ତୃତୀୟ ପକ୍ଷର ଆଶ୍ରୟ ନେଇ ଲିଖିତ ହେଉଥିଲା। ପାଠକ କାଳ୍ପନିକ ବ୍ୟକ୍ତିର କାହାଣୀ ଶୁଣୁଥିଲା। ପ୍ରଥମଥର ପାଇଁ ଓ୍ୟାଟ୍ ଓ ସର୍ଭେଙ୍କ କଣ୍ଠରେ ଫୁଟିଲା କବିର ଆତ୍ମଗାଥା , ଏକର ଗାନରେ ଅପରର ବାଣୀ।

ସାର୍ ଫିଲିପ୍ ସିଡିନ୍ଙ୍କର ନାମ ସାହିତ୍ୟିକ ହିସାବରେ ଯେତେ ପ୍ରସିଦ୍ଧି ଲାଭ କରିନାହିଁ , କରିଛି ତାଙ୍କର ଉଦାର ବ୍ୟକ୍ତିତ୍ୱ ଲାଗି। "ମୋର ପ୍ରୟୋଜନୀୟତାଠାରୁ ତୁମର ପ୍ରୟୋଜନୀୟତା ଅଧିକ" ବୋଲି ଯେଉଁ ମହାପୁରୁଷ ଅପରର ପିପାସା ମେଣ୍ଟାଇବା ଲାଗି ଆପଣାର ପ୍ରାଣପାତ କରିଥିଲେ , ତାଙ୍କର ଉଦାର ଭାବ ନିଚୟର ଅମରଗାଥା ଲିପିବଦ୍ଧ ହୋଇଛି , ଏଷ୍ଟୋଫେଲ୍ ଓ ଷ୍ଟେଲା (Astophel and Stella) ନାମକ ଚତୁର୍ଦ୍ଦଶପଦୀ କବିତା (Sonnet) ଗୁଚ୍ଛରେ। ଏହି ପ୍ରେମ -କବିତା ଗୁଡ଼ିକରେ ଆପେ ଏଷ୍ଟୋଫେଲ୍ ଓ ନାୟିକା ଷ୍ଟେଲା ହେଉଛି ତାଙ୍କର ପ୍ରିୟା ପେନିଲୋପା। ସିଡିନି ଇସେକ୍ସ ଜମିଦାରୀର ସାମନ୍ତଙ୍କ ଜେମା ପେନିଲୋପାଙ୍କ ପ୍ରତି ଆକୃଷ୍ଟ ହୋଇଥିଲେ ଓ ବୃଦ୍ଧ ସାସନ୍ତ ସିଡ଼ିନିଙ୍କ ହସ୍ତରେ ଜେମାଙ୍କୁ ଅର୍ପଣ କରି ପ୍ରାଣତ୍ୟାଗ କରିଥିଲେ। ଯଦିଓ ପେନିଲୋପାଙ୍କ ଲାଗି ଭାବର ସ୍ପନ୍ଦନ ଥିଲା ଅତି ଗଭୀର। ଏହି ବ୍ୟକ୍ତିଗତ ଅନୁଭୂତି ତାଙ୍କର କବିତାଗୁଡ଼ିକୁ ଅତିଶୟ ଜୀବନ୍ତ ଓ ସତେଜ କରିପାରିଛି , ତାଙ୍କର ଉଲ୍ଲାସକୁ କରିପାରିଛି ଭାବମୟ।

Powered by Tekons

25

ଜଟାୟୁ

ଅନ୍ୟାନ୍ୟ ରଚନା

ଇଂରାଜୀ ସାହିତ୍ୟର ଗତିଧାରା

କବି ରଘୁନାଥ ଦାସ

ସାଂସ୍କୃତିକ ଜାଗରଣ ଗଦ୍ୟର ପ୍ରସାର , ତଥା କବିତାରେ ନୂତନ ଭାବଧାରା ଆଣିଥିଲେ ମଧ , ତାହା ଲୋଡ଼ିଥିଲା ଅଧିକ ପ୍ରଶସ୍ତ ପରିସର , ଯୁଗର ବପୁଳ କର୍ମ ଉଦ୍ଦୀପନା , ପ୍ରାଣର ଗଭୀର ଓ ବିସ୍ତୃତ ଅନୁଭୂତିକୁ ପ୍ରକାଶ କରିବା ଲାଗି। ତାହାର ଉପଯୁକ୍ତ କ୍ଷେତ୍ର ରଙ୍ଗମଞ୍ଚ ବିନା ଅନ୍ୟତ୍ର କାହୁଁ ମେଣ୍ଟିବ ?

ଇଂରେଜୀ ସାହିତ୍ୟର ଗତିଧାରା (୬)

ପଞ୍ଚଦଶ ଶତାବ୍ଦୀଠାରୁ ୟୁରୋପୀୟ ସମାଜକୁ ଅନୁଧ୍ୟାନ କଲେ ଆମେ ଗଣତାନ୍ତ୍ରିକ ସମାଜର କ୍ରମବିକାଶ ଲକ୍ଷ୍ୟ କରିପାରୁଁ। ଏଥିପୂର୍ବରୁ ସମାଜକୁ ଆଗେଇ ନେବାର ଭାର ଥିଲା। ରାଜ୍ୟର ସାମନ୍ତ ସଂପ୍ରଦାୟ ଉପରେ। ରାଜା ଓ ତାଙ୍କର ସାମନ୍ତମାନେ ପ୍ରତ୍ୟେକ କାର୍ଯ୍ୟରେ ଅଗ୍ରଣୀ ଥିଲେ , ସମାଜର ସାଂସ୍କୃତିକ ଜୀବନ ସେହିମାନଙ୍କୁ କେନ୍ଦ୍ରକରି ଗଢ଼ି ଉଠୁଥିଲା। କିନ୍ତୁ ଏହି ସଂପ୍ରଦାୟ ଯେତେବେଳେ ବଂଶ ପରମ୍ପରାକ୍ରମେ ରାଜ୍ୟର ଏକ ସ୍ଥାୟୀ ଅଂଶରୂପେ ପରିଗଣିତ ହେଲେ, ଯେତେବେଳେ ସମାଜରେ ସେମାନଙ୍କର ଆସନ ଦୃଢ଼ ହୋଇଗଲା, ସେତେବେଳେ ସେମାନେ ସମାଜ ପ୍ରତି ସେମାନଙ୍କର ଦାୟିତ୍ୱ ଭୁଲି ଭୋଗବିଳାସରେ ମାତି ରହିଲେ। କ୍ରମଶଃ ସେମାନେ ସମାଜର ମଳାଙ୍ଗ ପ୍ରାୟ ହୋଇ ଜୀବନଯାପନ କଲେ। ଫଳରେ ସାମନ୍ତ ସଂପ୍ରଦାୟର ଶକ୍ତି ହ୍ରାସ ପାଇଲା ଓ ସମାଜର ଶକ୍ତି କ୍ରମଶଃ ସକ୍ରିୟ 'ଗଣ'ହାତକୁ ଗଲା। ଜନସାଧାରଣଙ୍କ ମଧ୍ୟରେ ଜ୍ଞାନପ୍ରସାର , ଦେଶଦେଶାନ୍ତରେ ବାଣିଜ୍ୟ ବ୍ୟବସାୟର ବୃଦ୍ଧି ସାଧନ ଆଦି ଫଳରେ ଲୋକଙ୍କ ମନରେ ଗଣତାନ୍ତ୍ରିକ ଚେତନା ଅଧିକ ସଂଜୀବିତ ହେଲା। ଦେଶର ରାଜା ଅପଦାର୍ଥ , ପରସ୍ପର କଳହରତ, ବ୍ୟସନାସକ୍ତ ସାମନ୍ତମାନଙ୍କ ଉପରେ ସନ୍ଦିହାନ ହୋଇ କାର୍ଯ୍ୟଦକ୍ଷ ଜନତାର ଶକ୍ତି ଉପରେ ଅଧିକ ନିର୍ଭର କଲେ। ଏହି ଅବସ୍ଥାରେ ଅଦ୍ୟାବଧି ଅବହେଳିତ ଜନତା ନବଜ୍ଞାନାଲୋକ ଓ ରାଜଅନୁଗ୍ରହ ନ ପାଇ , ନୂତନ ଜୀବନର ଉନ୍ମାଦନାରେ ଅତିଶୟ ଉଲ୍ଲସିତ ଓ ଉତ୍ଫୁଲ୍ଲ ହୋଇଥିଲା। ଏହି ଜୀବନର ଅଭିବ୍ୟକ୍ତି ଆମେ ପାଉଁ ସେକ୍ସପିୟର ପ୍ରଭୃତିଙ୍କ ଭାବମୟ, ଉଚ୍ଛ୍ୱସିତ ସାହିତ୍ୟରେ। ଷୋଡ଼ଶ ଶତାବ୍ଦୀରେ ଇଂରେଜ ଲୋକ ଶିକ୍ଷାକରେ ଶାସନଗୋଷ୍ଠୀ ବା ରାଜାର ଦୁରାଚାର ଦୁଃଶାସନକୁ ଘୃଣା କରିବାକୁ , ରାଜ୍ୟ ଶାସନରେ ଭାଗ୍ୟଦାର ନିଜ ଜାତୀୟତାର ଗର୍ବ କରିବାକୁ। ଏ ସମୟକୁ ଲୋକଙ୍କ ମଧ୍ୟରେ ଗଣତାନ୍ତ୍ରିକ ଭାବଧାରା ନୂତନ ମାତ୍ର ପ୍ରବେଶ ଲାଭ କରିଥାଏ ,ସେମାନେ ରାଜଶକ୍ତିର ଦୋଷଗୁଣ ନିର୍ଦ୍ଦେଶ କରି ସମାଲୋଚନା କରିବା ସ୍ତରରେ ପହଞ୍ଚିନଥାନ୍ତି ।ଗଣତନ୍ତ୍ର ଆଦର୍ଶକ୍ରମେ ପ୍ରସାର ଲାଭ କରିବା ଫଳରେ ଲୋକେ ଭଲମନ୍ଦ ବିଚାର କରିବାକୁ ଲାଗିଲେ। ସେମାନେ ସମାଜ ଓ ରାଜନିତିର ଦର୍ଶକମାତ୍ର ନ ହୋଇ ସମାଲୋଚକ ହେଲେ। ଏହି ସମୟ ସମାଜର ଭାବଧାରାରେ ଚିନ୍ତାଶୀଳତା (Intellectualism) ଜଡ଼ିତ ହେଲା। ଡେକ୍ ଜନସନ୍ଙ୍କ କାଳରେ ସାହିତ୍ୟ ଏହି ଜୀବନକୁ ଅଭିବ୍ୟକ୍ତ କରେ। ସେ ସମୟର ସାହିତ୍ୟରେ ଭାବର ମାତ୍ରା ହ୍ରାସ ଲାଭ କରି ସମାଲୋଚନାର ସ୍ୱର ସ୍ପଷ୍ଟ ହୋଇ ଆସୁଥିଲା।

ସାମନ୍ତ ପ୍ରଥା ଓ ଗଣତନ୍ତ୍ର ମାଧମରେ ଏ ଯେଉଁ ସଂଘର୍ଷ ଚାଲିଲା ,ସେଥିରେ

Powered by Tekons

26

ଅନ୍ୟାନ୍ୟ ରଚନା

ଇଂରାଜୀ ସାହିତ୍ୟର ଗତିଧାରା

କବି ରଘୁନାଥ ଦାସ

[illegible]

[illegible]

[illegible]

[illegible]

[illegible]

ଅନ୍ୟାନ୍ୟ ରଚନା

ଇଂରାଜୀ ସାହିତ୍ୟର ଗତିଧାରା

କବି ରଘୁନାଥ ଦାସ

[illegible]

[illegible] (Paradise lost) [illegible]

[illegible]

[illegible]

[

ଇଂରାଜୀ ସାହିତ୍ୟର ଗତିଧାରା

କବି ରଘୁନାଥ ଦାସ

[illegible]

[illegible](PARADISE REGAINED) [illegible], [illegible], [illegible],

ଇଂରାଜୀ ସାହିତ୍ୟର ଗତିଧାରା

କବି ରଘୁନାଥ ଦାସ

[illegible]

[illegible] (୩)

[illegible] ([illegible]-[illegible])

[illegible] [illegible] [illegible] [

ଜଟାୟୁ

ଅନ୍ୟାନ୍ୟ ରଚନା

ଇଂରାଜୀ ସାହିତ୍ୟର ଗତିଧାରା

କବି ରଘୁନାଥ ଦାସ

ଈଶ୍ୱରଦତ୍ତ ବ୍ୟବସ୍ଥା (ଏହାହିଁ ସାମନ୍ତବାଦୀ ସମାଜରେ ଖ୍ରୀଷ୍ଟିୟାନ ଧର୍ମ ଅଦ୍ୟାବଧି ପ୍ରଚାର କରୁଥିଲା) ମନେ ନ କରି ନୂତନ ମାର୍ଗରେ ଚିନ୍ତା କରିବାକୁ ଲାଗିଲେ , ପ୍ରକୃତିର ଅନାବୀଳ ଆଦର୍ଶର ପ୍ରତୀକ ରୂପେ ଉପାସନା କଲେ , ପ୍ରକୃତି ମଙ୍ଗଳମୟ , କଳୁଷହାରୀ ଓ ସତ୍ୟ - ଶିଳ୍ପ -ସୁନ୍ଦର।

ଉନ୍ନବିଂଶ ଶତାବ୍ଦୀର ପ୍ରଥମ ଭାଗ ଇଂରେଜୀ କବିତାରେ ଏକ ନୂତନ ଆଧ୍ୟାୟ ଖୋଲିଲା। ଅଷ୍ଟାଦଶ ଶତାବ୍ଦୀର କଳ୍ପନାବିମୁଖତାର ପ୍ରତିକ୍ରିୟା ରୂପେ ରୂପକଥାର ପ୍ରାବଲ୍ୟ ଏ ଯୁଗରେ ଲକ୍ଷିତ ହୁଏ। ସହରର ସଭ୍ୟତା , ସମାଜର ଅପ୍ରାକୃତିକତା ବିରୁଦ୍ଧରେ ବିଦ୍ରୋହୀ ଏ କାଳର କବିମାନେ ପଲ୍ଲୀର ସରଳ ଜୀବନ ପ୍ରତି ପ୍ରଶଂସାମୁଖର ହୋଇ ଉଠିଛନ୍ତି। ‘ପ୍ରକୃତି ’ ମଧ୍ୟରେ କବିର ବିରାଟ ସତ୍ୟ ଅନୁଭବ କରିପାରିଛନ୍ତି। ଅଷ୍ଟାଦଶ ଶତାବ୍ଦୀର କବିମାନେ ଯେଉଁ ପରିମାଣରେ ବାସ୍ତବତାର ପକ୍ଷପାତୀ ଥିଲେ ଏ କାଳର କବି ସେହି ପରିମାଣରେ ଆଦର୍ଶବାଦୀ।

ଏହି ଯୁଗର ସୂତ୍ରପାତ ପ୍ରକୃତରେ ଅଷ୍ଟାଦଶ ଶତାବ୍ଦୀର ଶେଷ ଭାଗରେ ହୋଇଥିବା ପୂର୍ବରୁ କହିଥିଲି ଗୋଲ୍ଡ଼ □□□□□□□(GOLD SMITH)□□□□□□ ତାଙ୍କର ‘□□□□□□□□□□□□□’(DESERTED VILLAGE) କବିତାରେ ଶିଳ୍ପବିପ୍ଳବର ସମାଲୋଚନା ଓ ଅତୀତର ପଲ୍ଲୀ ଜୀବନକୁ ଶ୍ରେୟଜ୍ଞାନ କରିଥିଲେ। ତାଙ୍କର ସମସାମୟିକ କବି ‘ବର୍ଣ୍ଣସ୍ ’(BURNS)ଗ୍ରାମ୍ୟ ଭାଷାରେ ପଲ୍ଲୀଜୀବନର ସୁଖଦୁଃଖ ଗାନ କରି ଜନସାଧାରଣଙ୍କର ଅତି ପ୍ରିୟ କବି ହୋଇଥିଲେ।

୧୭୮୯ ଖ୍ରୀଷ୍ଟାବ୍ଦରେ ଗ୍ରାମ୍ୟଗୀତିକା (LYRICAL BALLADS)□□□□ ୱାର୍ଡ଼ସ୍‌ୱର୍ଥ ଓ କଲରିଜ୍ଙ୍କର କବିତା ସଂକଳନ ପ୍ରକାଶ ପାଏ। ରୂପ ସାହିତ୍ୟର ଯୁଗ ଏହି ବର୍ଷଠାରୁ ଆରମ୍ଭ ହେଲା ବୋଲି ସାଧାରଣତଃ ଧରାଯାଏ। ଏହି ଗ୍ରାମ୍ୟଗୀତିକାର କବତାଗୁଡ଼ିକ ମଧ୍ୟରୁ କବି ୱାର୍ଡ଼ସ୍‌ୱର୍ଥ ଯେଉଁ କବିତାଗୁଡ଼ିକ ରଚନା କରିଛନ୍ତି , ସେ ଗୁଡ଼ିକର ବିଷୟବସ୍ତୁ ଅତି ସାଧାରଣ , ବାସ୍ତବ ଜଗତର ଅନୁଭୂତିରୁ ଗୃହୀତ , କିନ୍ତୁ କବିଙ୍କର ଭାବୋଚ୍ଛ୍ୱାସର ତୂଳିକା ସ୍ପର୍ଶରେ ତାହା ଅପାର୍ଥିବ ହୋଇ ଉଠିଛି। ଅପର ପକ୍ଷରେ କଲରିଜ୍ଙ୍କ କବିତାଗୁଡ଼ିକର ବିଷୟବସ୍ତୁ ଅପାର୍ଥିବ , କିନ୍ତୁ ବର୍ଣ୍ଣନା ଚାତୁରୀରେ କବି ସେଗୁଡ଼ିକୁ ପ୍ରାକୃତିକ ,ଅନୁଭୂତିଗତ ବିଷୟ କରି ପାରିଛନ୍ତି। ଏହି କବିତାଗୁଚ୍ଛ ପୂର୍ବଯୁଗର ବିଧିବଦ୍ଧ ଛନ୍ଦ , କଳ୍ପନାବିମୁଖ ଓ ସ୍ପନ୍ଦନହୀନ ଭାବଧାରା ବିରୁଦ୍ଧରେ ବିଦ୍ରୋହ ଘୋଷଣା କରି ମୁକ୍ତିର ଛନ୍ଦ ଓ ଭାଷାରେ ଗଭୀର ଅନୁଭୂତିମାନ ବ୍ୟକ୍ତ କରିଅଛି। ସହର ଛାଡ଼ି ପ୍ରକୃତି ଓ ପଲ୍ଲୀ ଜୀବନର ଚିତ୍ର ଫୁଟାଇବାକୁ ପ୍ରୟାସୀ ହୋଇଛି।

ଏହି ରୂପ ସାହିତ୍ୟ ଯୁଗର ସ୍ରଷ୍ଟା ଓ ଦିଗ୍‌ଦ୍ରଷ୍ଟାର ସମ୍ମାନ ୱାଡ଼ୱର୍ଥଙ୍କୁ ଦିଆଯାଇଥିଲା। ୱାଡ଼ସ୍‌ୱାର୍ଥଙ୍କ ଜୀବନ ସରଳ ଅଚଞ୍ଚଳ ଧାରାରେ ପ୍ରବାହିତ ହୋଇଥିଲା। ଉଚ୍ଛୃଙ୍ଖଳା ଘଟଣାବଳୀ ଦ୍ୱାରା ଚାଞ୍ଚଲ୍ୟମୟ ନୁହେଁ।ଆବାଲ୍ୟରୁ ଚିନ୍ତାଶୀଳ ,

Powered by Tekons

31

ଜଟାୟୁ

ଅନ୍ୟାନ୍ୟ ରଚନା

ଇଂରାଜୀ ସାହିତ୍ୟର ଗତିଧାରା

କବି ରଘୁନାଥ ଦାସ

ବିଦ୍ୟାନୁରାଗୀ , ୱାଡ଼ସ୍‌ଓ୍ୟାର୍ଥ ତାଙ୍କର ସ୍କୁଲ ପଢ଼ା ଦିନରୁ ବି ସତ୍ୟର ସନ୍ଧାନରେ ଅସ୍ଥିର ହୋଇ ଉଠୁଥିଲେ। ତାଙ୍କ ଜୀବନର ଏକ ଘଟଣା ବାହ୍ୟ ଜଗତର ଅସ୍ତିତ୍ୱ ସତ୍ୟ କି ମାୟା , ଏ ବିଷୟରେ ସନ୍ଦିହୀନ ହୋଇ ୱାଡ଼ସ୍‌ଓ୍ୟାର୍ଥ ଥରେ ପଥର କାନ୍ଥରେ ଢ଼ୋ ଢ଼ୋ ମୁଣ୍ଡ ପିଟୁଥିଲେ।

ୱାଡ଼ସ୍‌ଓ୍ୟାର୍ଥ ତଥା ଏ ଯୁଗର ପ୍ରାୟ , ସବୁ କବି ସମାଧିତତ୍ତ୍ୱ (MYSTICISM) ରେ ଆସ୍ଥାବାନ୍ ଥିଲେ। ସମାଧୀସ୍ଥ ଅବସ୍ଥାରେ କି ଅତୀନ୍ଦ୍ରିୟ ସତ୍ୟ (MYSTIC TRUTH) ର ଦର୍ଶନଲାଭ କରନ୍ତି। ଏହି ସତ୍ୟ ହେତୁବାଦ୍ ସାହିତ୍ୟରେ ପ୍ରତିପାଦିତ ହୋଇନପାରିଲେ ମଧ , କବି ତହିଁର ସତ୍ୟତା ବିଶ୍ୱାସ କରନ୍ତି। ୱାଡ୍ସ୍ୱଓ୍ୟାର୍ଥ ବିଶ୍ୱାସ କରୁଥିଲେ ଯେ ପ୍ରକୃତିର ଶିଷ୍ୟତ୍ୱ ଗ୍ରହଣ କରିବା ଦ୍ୱାରା ଆମେ ଭଗବାନଙ୍କ ନିକଟତର ହୋଇପାରିବା ; ପ୍ରକୃତିର ପ୍ରତ୍ୟେକ ପଦାର୍ଥ , ସାମାନ୍ୟ ଫୁଲ ଓ ଲତା , ସର୍ବତ୍ର ପରିବ୍ୟାପ୍ତ ପୁରୁଷ ଭଗବାନଙ୍କର ସତ୍ତା ଅନାବିଳ ଭାବରେ ଧାରଣ କରିଅଛି ;ଆମର ସମାଜରେ ମନୁଷ୍ୟର ଅନ୍ତରରେ ଯେଉଁ ସକଳ କୁତ୍ସିତତା ପରିଲକ୍ଷିତ ହୁଏ , ସେହି ସକଳ ଦୂର କରିପାରେ କେବଳ ପ୍ରକୃତିର ସାନ୍ନିଧ୍ୟ। ପ୍ରକୃତିର ସାନ୍ନିଧ୍ୟ କଳୁଷହାରୀ , ଶାନ୍ତିପ୍ରଦ ଓ ନୈସର୍ଗିକ। ବ୍ଲେକ୍ କିନ୍ତୁ ୱାଡ଼ସ୍‌ଓ୍ୟାର୍ଥଙ୍କର ଓଲଟା କଥାଟା କହିଛନ୍ତି। ସର୍ବପପରିବ୍ୟାପ୍ତ ସତ୍ତାକୁ ଅନୁଭବକରିବାରେ ପ୍ରଧାନ ଅନ୍ତରାୟ ହୋଇ ଛିଡ଼ା ହୋଇଛି - ପ୍ରକୃତି। ପ୍ରକୃତିରେ ବ୍ୟାଘ୍ର ପରି ହିଂସ୍ର ଓ ମେଷ ଛାଗଳ ପରି ନିରୀହ ଜୀବ ଦେଖିବାକୁ ମିଳେ , ଏହି ଅନୈକ୍ୟର ସମ୍ମୁଖୀନ ହୋଇ ମନୁଷ୍ୟ ସନ୍ଦିହୀନ ହୋଇଉଠେ -ଏ ପ୍ରକୃତି କଣ ଏକ ଈଶ୍ୱରଙ୍କ ସୃଷ୍ଟି ? ପ୍ରକୃତିର ମାୟାଜାଲ ଛେଦ କରିପାରିଲେ କେବଳ ମନୁଷ୍ୟ ସର୍ବମୟ ଭଗବତ୍ ସତ୍ତାର ସନ୍ଧାନ ପାଇପାରିବ - ଅନ୍ୟଥା ନୁହେଁ।ସେଲି ବିଶ୍ୱାସ କରନ୍ତି ଆକାର ଓ ପ୍ରକାର ନେଇ ପଦାର୍ଥଗତ ସ୍ଥୁଳ ଚକ୍ଷୁରେ ଦୃଶ୍ୟମାନ ଏହି ସକଳ ଅନୈକ୍ୟ ସତ୍ତ୍ୱେ ଏକ ଅତୀନ୍ଦ୍ରିୟ ସୌନ୍ଦର୍ଯ୍ୟର ସତ୍ତା ବିଶ୍ୱମୟ ବ୍ୟାପି ରହିଛି ; ଯାବତୀୟ କାର୍ଯ୍ୟ ସେହି ସୌନ୍ଦର୍ଯ୍ୟ ସତ୍ତା ଦ୍ୱାରା ନିୟନ୍ତ୍ରିତ। ପାର୍ଥିବ ବନ୍ଧନରୁ ମୁକ୍ତି ହିଁ କେବଳ ଆମକୁ ସେହି ଜ୍ଞାନର ଆଲୋକ ଦେଇପାରିବ। ସମାଧିତତ୍ତ୍ୱ ଲବ୍ଧ ସତ୍ୟ ଅପର ଠାରୁ ପୃଥକ୍ ହୋଇଥିଲେ ମଧ ସେହି ସତ୍ୟର ଅନୁପ୍ରେରଣା କବିଙ୍କର କଣ୍ଠରେ ବିଶ୍ୱାସଜନିତ ଉଚ୍ଛ୍ୱସିତ ବାଣୀ ଆଣିଦିଏ।ସତ୍ୟୋପଲବ୍ଧି ଆନନ୍ଦରେ ଏ ଯୁଗର କବିମାନେ ମୁଖର , ଭାବାତୁର। ଏହି ହେତୁ ଏହି ଯୁଗର କବିମାନେ ବହୁ ସଂଖ୍ୟକ ଗୀତି କବିତା (LYRICAL POEMS) ଦ୍ୱାରା ଇଂରେଜୀ ସାହିତ୍ୟକୁ ସଜୀବ ଓ ସମୃଦ୍ଧ କରିଥିଲେ।

କବି ସାମୁଏଲ୍ ଟେଲର୍ □□□□□□□□(COLERIDGE)□□□□□□ ଓ୍ୟାର୍ଥଙ୍କ ପରମବନ୍ଧୁ ଥିଲେ। କଲେରିଜ୍ଙ୍କର ଅସାଧାରଣ ପ୍ରତିଭା ଥିଲା। ଅତ୍ୟଳ୍ପ ବାକ୍ୟ ପ୍ରୟୋଗରେ ସେ ଯେପରି ଭାବରେ ରୂପ ରସ ଦେଇ ବର୍ଣ୍ଣନା କରି ପାରୁଥିଲେ , ତାହା ପାଠକ ଓ ସମାଲୋଚକଙ୍କୁ ମୁଗ୍ଧ ଚକିତ କରିଥାଏ। ଏହି ବର୍ଣ୍ଣନା ଚାତୁରୀ ଫଳରେ ସେ ଆଧିଭୌତିକ ଘଟନାବଳୀକୁ ସ୍ୱାଭାବିକ କରି ଥାପି ପାରୁଥିଲେ। କବି କିନ୍ତୁ ଅଳ୍ପ ବୟସରେ ଅଫିମନିଶାର ବଶବର୍ତ୍ତୀ ହୋଇପଡ଼ିବାରୁ

Powered by Tekons

32

ଜଟାୟୁ

ଅନ୍ୟାନ୍ୟ ରଚନା

ଇଂରାଜୀ ସାହିତ୍ୟର ଗତିଧାରା

କବି ରଘୁନାଥ ଦାସ

ତାଙ୍କର ପ୍ରତିଭା ବିଶେଷ ବିକାଶ ଲାଭ କରିପାରିଲା ନାହିଁ ତଥାପି ‘ପୁରାତନ ନାବିକ’,‘କ୍ରିଷ୍ଟାବେଲ୍ ’ ଅସମାପ୍ତ ’ ‘କୁବ୍ଲା ଖାଁ ’, କବିତାମାନ ତାଙ୍କୁ ଇଂରାଜୀ ସାହିତ୍ୟରେ ବିଶିଷ୍ଟ ଆସନ ହୋଇଅଛି।

ରୁଷୋ ଓ ଭଲଟାୟାରଙ୍କ କଣ୍ଠରେ ଯେଉଁ ‘ସାମ୍ୟ , ମୁକ୍ତି ଓ ମୈତ୍ରୀ ’ ଫରାସୀ ବିପ୍ଳବର ମୂଳମନ୍ତ୍ର ହୋଇଥିଲା , ସାମନ୍ତବାଦ ର ମୂଳୋତ୍ପାଟନ ଓ ଗଣତାନ୍ତ୍ରିକ ସମାଜର ପ୍ରତିଷ୍ଠାରେ ଜୀବନର ଯେଉଁ ସମ୍ଭବନା ବିକାଶଲାଭ କରିଥିଲା , ତାହାର ବିହ୍ୱଳବାଣୀ , ଇଂଲାଣ୍ଡର ଯୁବଶକ୍ତିର ଅଧିନାୟକ □□□□□□□(BYRON),□□□□□(SHELLY)□ କିଟ୍ସ (KEATS)□□□ ଲେଖନୀରେ ଫୁଟିଉଠିଲା। ଦୂର ଅତୀତ ଯେତେବେଳେ କିଟ୍ସଙ୍କ ଚିନ୍ତାଧାରାକୁ ରଙ୍ଗିନ୍ କରିଛି , ଯେତେବେଳେ ସେଲିଙ୍କର ବଳଶାଳୀ କଳ୍ପନା ଭବିଷ୍ୟତ ପ୍ରତି ପ୍ରଭାବିତ , ସାଇରନ୍ ସେତେବେଳେ ତଦାନୀନ୍ତନ ଜୀବନ ନେଇ ବ୍ୟସ୍ତ। ପିଲାଦିନୁ କବର ପାଇବା ପର୍ଯ୍ୟନ୍ତ ବାଇରନ୍ଙ୍କ ଜୀବନ ପାରିବାରିକ , ସାମାଜିକ , ନୈତିକ, ଆର୍ଥିକ ଓ ରାଜନୈତିକ ନାନା କ୍ଳେଶ ଦ୍ୱାରା ବନ୍ଧୁର ,ଦୁଃଖମୟ। ତାଙ୍କର ସୁନ୍ଦର ଚେହେରାକୁ ,ଛୋଟାଗୋଡ଼ ଏକ ବିରୋଧ ସୃଷ୍ଟି କରିଥିଲା ;ଚରିତ୍ରଗତ ଦୋଷ ତାଙ୍କର ଥିଲା ଅନେକ। ସକଳ ଦୋଷ ସତ୍ତ୍ୱେ ବାଇରନ୍ ତାଙ୍କ ଯୁଗର ଥିଲେ ଜଣେ ବଳଶାଳୀ ଲେଖକ। ସେକ୍ସପିୟରଙ୍କ ପରେ ୟୁରୋପଖଣ୍ଡରେ ଦେଶେ ଦେଶେ ସାମ୍ମାନିତ ହୋଇଥିଲେ ବାଇରନ୍ ଓ ତଙ୍କର ପ୍ରଭାବ ୟରୋପୀୟ ସାହିତ୍ୟକୁ ପ୍ରଭାବିତକରି ପାରିଥିଲା। ବାଇରନ୍ ତାଙ୍କର ଆଦର୍ଶବାଦକୁ ଚଳନ୍ତି ଜୀବନ ପ୍ରତି ପ୍ରୟୋଗ କରି ଅନ୍ୟାୟ ଓ ଅତ୍ୟାଚାରର ତୀବ୍ର ପ୍ରତିବାଦ କରି ଉଠିଥିଲେ , କୁନୀତି ଓ କୁଶାସନ ବିରୁଦ୍ଧରେ ବିଦ୍ରୋହ ଘୋଷଣାକରିଥିଲେ। ଜନତାର ମୁକ୍ତି ଲାଗି ତାଙ୍କର ଲେଖନୀ ଚାଳନା କରିଥିଲେ। ତାଙ୍କ ସୃଷ୍ଟ ଚରିତ୍ରମାନ ବାଇରନ୍ଙ୍କ ଚିନ୍ତାଧାରାର ଅନୁରୂପ -ଦୁଃସାହସିକ , ଉଦ୍ଧତ , ଅଧୀରଳ ତେଜୋମୟ ଓ ପ୍ରେମିକ ପୁରୁଷ , ଯେ ଯହିଁ ଅନ୍ୟାୟ ଦେଖେ , ସେଠି ଯୁଦ୍ଧ ଘୋଷଣା କରେ। ତାକର କବିତା କୌଣସି ସମାଧିତତ୍ତ୍ୱର ଆଧିଭୌତିକ ବାଣୀ ଦ୍ୱାରା ଝଂକୃତ ନ ହେଲେ ବି ଗଭୀର ଆନ୍ତରିକତା ତାଙ୍କର ସ୍ୱରକୁ କରିଛି ତେଜୀୟାନ , ଭାଷାକୁ ଉଗ୍ର ଓ ଭାବକୁ ବଳଶାଳୀ। ଭାବର ଉନ୍ମାଦନାରେ କବି ଏପରି ବିଚଳିତ ହୋଇପଡ଼ନ୍ତି ଯେ ଭାଷାଚିତ୍ରଣ ଦିଗପ୍ରତି ତାଙ୍କର ଆଦୌ ନଜର ପଡ଼େନାହିଁ । ଫଳତଃ ତାଙ୍କର କବିତାରେ ବହୁ ସ୍ଥଳରେ ଭାଷା ଗଦ୍ୟର ଭାଷା , ଛନ୍ଦହୀନ ଓ ଲାଳିତ୍ୟ ବର୍ଜିତ। ୟୁରୋପରେ ତାଙ୍କର ବିପୁଳ ନାମ ସତ୍ତ୍ୱେ ଇଂରେଜୀ ସାହିତ୍ୟରେ ତାଙ୍କର ପରବର୍ତ୍ତୀ ଯୁଗର ସମାଲୋଚକମାନେ ତାଙ୍କ ଲାଗି ଏକ ନିମ୍ନସ୍ତର ନିର୍ଦ୍ଧାରିତ କରିଛନ୍ତି। ତାଙ୍କ କବିତାରେ ସ୍ଥଳେ ସ୍ଥଳେ ଅତି ଚମତ୍କାର ପ୍ରାକୃତିକ ବର୍ଣ୍ଣନା ସହ ଦେଖିବାକୁ ମିଳେ ଅତି ବାସ୍ତବ , ଜୀବନ୍ତ ଓ ସତ୍ୟମୂଳକ ଚିତ୍ର। ସମାଲୋଚକମାନଙ୍କର ବିରୋଧ ସତ୍ତ୍ୱେ ଏ କଥା ସମସ୍ତେ ସ୍ୱୀକାର କରନ୍ତି ଯେ ବାଇରନ୍ ତାଙ୍କ ଯୁଗର ପ୍ରତିଭାବାନ୍ କବି ଥିଲେ ଓ ତାଙ୍କର ଦୃଷ୍ଟି ସୁଦୂରପ୍ରସାରୀ ଥିଲା। ଗ୍ରୀସ୍ର ସ୍ୱାଧୀନତା ସଂଗ୍ରାମ ଯେତେବେଳେ ତେଜି ଉଠିଲା, ମୁକ୍ତିର ପ୍ରତୀକ କବି ବାଇରନ୍ ଚିନ୍ତା ଓ ଭାବରାଜ୍ୟରେ ନିଜକୁ କିଳି ରଖିପାରିଲେ ନାହିଁ -ଯୁଦ୍ଧର ଗୋଳାବାରୁଦ ଭିତରକୁ ସେ ଆପଣାଛାଏଁ ଝାମ୍ପଦେଲେ। ସେହିଠାରେ ଅତ୍ୟଧିକ ଶାରୀରିକ ପରିଶ୍ରମ ହେତୁ ସେ ରୋଗାକ୍ରାନ୍ତ ହୋଇ ଯୁବା ବୟସରେ ଦେହ

Powered by Tekons

33

ଜଟାୟୁ

ଅନ୍ୟାନ୍ୟ ରଚନା

ଇଂରାଜୀ ସାହିତ୍ୟର ଗତିଧାରା

କବି ରଘୁନାଥ ଦାସ

ତ୍ୟାଗ କଲେ। ଜନତାର ମୁକ୍ତିକାମୀ କବିଙ୍କର ଅଧିକ ସଙ୍ଗତ ମରଣ କଣ ହୋଇପାରେ ? ବାଇରନ୍ଙ୍କର ପ୍ରଧାନ କାବ୍ୟ ମଧ୍ୟରେ ଚାଇଲ୍ଡ ହାରଲ୍ଡ , ଡନ୍ଜୁଆନ ,ମାନଫ୍ରେଡ଼ ଓ ଲାରା।

ସେଲୀ ବାଲ୍ୟରୁ କଳ୍ପନାବିଳାସୀ ଥିଲେ। ମୁକ୍ତି କାମନା ତାଙ୍କ ଚରିତ୍ରର ବୈଶିଷ୍ଟ୍ୟ। ହେରିୟଟ୍ ୱେଷ୍ଟବ୍ରୁକ୍ ନାମକ ବାଳିକା ପ୍ରତି ପାରିବାରିକ ଜୀବନରେ ଯେଉଁ ଅନ୍ୟାୟ ହେଉଥିଲା , ତାହାର ପ୍ରତିକାର କରିବାକୁ ଯାଇ ସେଲୀ ଶେଷରେ ତାହାକୁ ବିବାହ କରିଥିଲେ, କିନ୍ତୁ କିଛିକାଳ ପରେ ସେଲୀ ସେହି ପତ୍ନୀଙ୍କୁ ପରିତ୍ୟାଗ କରି ଦ୍ୱିତୀୟବାର ଦାରପରିଗ୍ରହ କଲେ। ସେଲୀ ମଧ ବାଇରନ୍ଙ୍କ ପରି ମୁକ୍ତି ସଂଗ୍ରାମରେ ସୈନିକ ହେବା ଲାଗି ଇଂଲାଣ୍ଡ ଛାଡ଼ି ଆୟାର୍ଲାଣ୍ଡ ଯାଇଥିଲେ , କିନ୍ତୁ ସେଠାକାର ଲୋକେ ଯଥେଷ୍ଟ ଉତ୍ସାହ ପ୍ରକାଶ କରି ନଥିବାରୁ ତାଙ୍କୁ ନିରାଶ ହୋଇ ପ୍ରତ୍ୟାବର୍ତ୍ତନ କରିବାକ ପଡ଼ିଥିଲା। ତିରିଶ ବର୍ଷ ବୟସରେ ନୌକା କ୍ରୀଡ଼ା କରୁକରୁ ଇଟାଲୀରେ ତାଙ୍କର ଅକାଳ ମୃତ୍ୟୁ ଘଟିଲା।

ସେଲୀ ଚଳନ୍ତି ଜୀବନନର ଦାରିଦ୍ର୍ୟ , ଅନାଟନ, କୁତ୍ସିତତାରେ ମର୍ମାହତ ହୋଇ ଏକ ସୁଷ୍ଠୁ ଆଦର୍ଶମୟ ଭବିଷ୍ୟତର କଳ୍ପନା କରିଛନ୍ତି। ଏହି ସଂସାରକୁ ଏକ ଛାଞ୍ଚରେ ଢ଼ାଳିବା ,ପୃଥିବୀ ଉପରେ ନନ୍ଦନ ସୃଷ୍ଟି କରିବା ତାଙ୍କର କାମନା। ମାନବ ସମାଜର ପ୍ରଗତି କେବଳ ପ୍ରେମ ବଳରେ ହିଁ ସମ୍ଭବ ;ନୈସର୍ଗିକ ଭାବ ଏହି ପ୍ରେମର ତୂଳିକାରେ ପ୍ରତ୍ୟେକ ପଦାର୍ଥକୁ ସୁନ୍ଦର କରିଦିଏ। ଦାସତ୍ୱ ଓ ବନ୍ଧନ ଏ ସଂସାରର ସକଳ କଳୁଷ ଓ କୁତ୍ସିତତା ଲାଗି ଦାୟୀ-ବାହ୍ୟ ବନ୍ଧନକୁ କାଟିଦେଇ ଅନ୍ତରର ବାଣୀ ଦ୍ୱାରା ଚାଳିତ ହୁଅ - ଜୀବନର ଯେଉଁ ମାର୍ଗରେ ହିଁ ପ୍ରକୃଷ୍ଟ ବିକାଶ। 'ଇସମଲାମର ବିଦ୍ରୋହ','ବନ୍ଧନହୀନ ପ୍ରୋମିଥିୟସ୍ ', 'ଅରାଜକତା ଗୀତିନାଟ୍ୟ 'ପ୍ରଭୃତି କବିତାରେ ସେ ଏହି ସମାଧିତତ୍ତ୍ୱ ବୟାନ କରିଯାଇଛନ୍ତି। ସେଲୀଙ୍କର ଭାଷା କଳ୍ପନାଦୀପ୍ତ , ଭାବମୟ ଓ ଅଗ୍ନିମୟ।

କିଟସ୍ଙ୍କ କଣ୍ଠରେ ସମାଧିତତ୍ତ୍ୱର 'ୟୁରେକ୍କା ' ନାହିଁ ; କୌଣସି ନୈସର୍ଗିକ ଭାବଦ୍ୱାରା ତାଙ୍କର ଚିନ୍ତାରାଶି ଉଦ୍ବିପ୍ତ ନୁହେଁ। ବସ୍ତୁଗତ ସୌନ୍ଦର୍ଯ୍ୟରେ ସେ ମୁଗ୍ଧ ; ରୂପ-ରସ-ଗନ୍ଧମୟ ଏ ଜୀବନର ସୁଖଦୁଃଖ, ଆନନ୍ଦ ଓ ଅଶ୍ରୁ ମଧୁର , ଅତି ପ୍ରିୟ। ଏ ଜୀବନକୁ ଏ ଦୁନିଆକୁ ସେ ବଦଳାଇବାକୁ ଚାହାନ୍ତି ନାହିଁ -କେବଳ ଭଲ ପାଆନ୍ତି। ତାଙ୍କର କବିତାର ସ୍ୱର ଅତି ନରମ , ଦରଦୀ, ପ୍ରାଣସ୍ପର୍ଶୀ। 'ଇସାବେଲ', 'ଏଣ୍ଡିମିୟନ ','ଅସମାପ୍ତ ', 'ହାମେରିୟନ' ଓ କେତେଗୁଡ଼ିଏ ଗୀତିକବିତା ଲେଖି ଅଳ୍ପ ବୟସରେ -ଛବିଶ ବର୍ଷ ବୟଃକାଳରେ ଯକ୍ଷ୍ମାରୋଗରେ ପୀଡ଼ିତ ହୋଇ ସେ ଦେହତ୍ୟାଗ କଲେ। ତାଙ୍କର କବିପ୍ରତିଭା ପୂର୍ଣ୍ଣତା ଲାଭ କରିବାକୁ ଅବସର ପାଇନାହିଁ ସତ , କିନ୍ତୁ ଯେ କେତୋଟି ରଚନା ସେ ଇଂରେଜୀ ସାହିତ୍ୟକୁ ଦେଇଯାଇଛନ୍ତି , ସେଥିରେ ତାଙ୍କର ଆସନ ଅତି ଉଚ୍ଚରେ , 'ସୁନ୍ଦର ତୃପ୍ତିର ଅବସାଦ ନାହିଁ ' କିଟ୍ସଙ୍କର (A THING OF BEAUTY OF JOY FOR EVER) ର ପ୍ରତିଧ୍ୱନି।

କବି ହିସାବରେ ସାର୍ ୱାଲଟର୍ ସ୍କଟ୍ଙ୍କୁ ମନେରଖିବାର ଯଥେଷ୍ଟ କାରଣ ଥିଲେ ମଧ ଔପନାସିକ ରୂପେ ସେ ଅଧିକ ପରିଚିତ ଥିଲେ। ସ୍କଟ୍ଲ୍ୟାଣ୍ଡର ରାଜଧାନୀ ଏଡ଼ିନ୍ବରାରେ

Powered by Tekons

34

ଜଟାୟୁ

ଅନ୍ୟାନ୍ୟ ରଚନା

ଇଂରାଜୀ ସାହିତ୍ୟର ଗତିଧାରା

କବି ରଘୁନାଥ ଦାସ

ଜନ୍ମି , ସ୍କଟ୍ ପାର୍ବତ୍ୟ ଅଞ୍ଚଳର ଜୀବନ ସହିତ ବିଶେଷ ପରିଚିତ ଥିଲେ। ତାଙ୍କର ଉପନ୍ୟାସ ସ୍କଟ୍ଲ୍ୟାଣ୍ଡରର ଅତୀତ ଜୀବନକୁ ରୂପଦାନ କରିଛି , ସାମନ୍ତମାନଙ୍କର ଉଚ୍ଛୃଙ୍ଖଳ ବୀରତ୍ୱ ଓ ଦୁଃସାହସିକ କର୍ମର ବର୍ଣ୍ଣନା କରିଛି , ଯୁଦ୍ଧ ଓ ହତ୍ୟା , ଅବରୋଧ ଓ ମୁକ୍ତିର କାହାଣୀ ରହିଛି। ଭାଷା ପ୍ରତି ବିଶେଷ ନଜର ଦେଇନଥିଲେ ବି କଥାବସ୍ତୁର ମାଦକତାରେ ସ ପାଠକମାନଙ୍କୁ ଭସାଇ ନେଇଥାନ୍ତି। ସ୍କଟ୍ ବହୁତ ଗୁଡ଼ିଏ ଉପନ୍ୟାସ ଲେଖିଯାଇଛନ୍ତି ,ସେ ସବୁ ୱେର୍ଭଲି ଉପନ୍ୟାସ ମାଳା ନାମରେ ବିଖ୍ୟାତ କବିତାରେ ମଧ୍ୟ ସେହିପ୍ରକାର ଅତୀତ ଚିତ୍ରିତ। 'ଶେଷ କବିର ପତନ' 'ମାର୍ମିଏନ୍ ' ଓ 'ହ୍ରଦର ରମଣୀ' ତାଙ୍କର କାବ୍ୟ।

ମୁଁ ମାତ୍ର ଅଳ୍ପ ସଂଖ୍ୟକ କବି ଓ ଲେଖକଙ୍କର ପରିଚୟ ଦେଲି। ଏମାନଙ୍କ ଛଡ଼ା ଏ ଯୁଗରେ ବହୁ କବି ଓ ଲେଖକ ସେମାନଙ୍କର ଦାନରେ ସାହିତ୍ୟକୁ ସମୃଦ୍ଧ କରିଛନ୍ତି। ଏ ଯୁଗ ପ୍ରଧାନତଃ କବିତାର ଯୁଗ। ନୂତନ ନୂତନ ଛନ୍ଦର ସୃଷ୍ଟି , ସାବଲୀଳ ଆବେଦନଭଙ୍ଗୀ, ଶତଚିତ୍ରସମ୍ବଳିତ ରୂପଜାଲ ,ଉଲ୍ଲାସର ଗଭୀରତା , ଆବେଗର କ୍ଷୀପ୍ରତା ,କଳ୍ପନାର ବନ୍ଧହୀନ ଗତି ଓ ଚିନ୍ତାଧାରାର ବୃହତ୍ତର ପରିସର -ଏସବୁ ଏକତ୍ର ହୋଇ ଏ ଯୁଗକୁ ଇଂରେଜୀ ସାହିତ୍ୟର ଏକ ଗୌରବମଣ୍ଡିତ ଅଧ୍ୟାୟରେ ପରିଣତ କରିଛି।

ଇଂରେଜୀ ସାହିତ୍ୟର ଗତିଧାରା (୮)

ଅଷ୍ଟାଦଶ ଶତାବ୍ଦୀରେ ଇଂରେଜମାନଙ୍କ ଜୀବନରେ ଗଣତନ୍ତ୍ର ଆଉ କେବଳ ଆଦର୍ଶ ,ଅବାସ୍ତବ ହୋଇନାହିଁ। ପାର୍ଲିଆମେଣ୍ଟ ବା ଜନସଭା ଏକଛତ୍ର ରାଜାଠାରୁ ସମସ୍ତ ରାଜନୈତିକ କ୍ଷମତା ହସ୍ତଗତ କରିଛି। ଶତାବ୍ଦୀର ପ୍ରଥମାର୍ଦ୍ଧରେ ଦେଖାଯାଏ ଯେ , ,ଏହି କ୍ଷମତା ଅଧିକାର କରିବା ଲାଗି ସାମନ୍ତମାନଙ୍କର ନାୟକତ୍ୱରେ ଜନସାଧାରଣ ବିଭିନ୍ନ ଦଳରେ ବିଭକ୍ତ , ଦଳମାନଙ୍କ ମଧ୍ୟରେ ଦଳାଦଳି ନିତିଦିନର ଘଟଣା। ଫଳତଃ ରାଜନୀତି ଲାଞ୍ଚମିଛ ଧପ୍ପାବାଜିର ଜୁଆଖେଳ ହୋଇଛି। ଏ ପ୍ରକାର ପରିସ୍ଥିତିରେ ଉଲ୍ଲସିତ ବ ଅନୁପ୍ରାଣିତ ହେବାଲାଗି କୌଣସି ଉପାଦାନ ନଥିଲା; ଲୋକଙ୍କ ମଧ୍ୟରେ କେବଳ ମାତ୍ର ସମାଲୋଚନନା କରିବାର ଆକାକ୍ଷାଂ ପ୍ରବଳ ଏବଂ କୁତ୍ସା ରଚନା କରି ପ୍ରୟାସ ଦଥେଷ୍ଟ। ଗଣତନ୍ତ୍ର ଦାୟିତ୍ୱ ଯେତେବେଳେ ଲୋକମାନେ ନିଜ କାନ୍ଧକୁ ନେଲେ ସେତେବେଳେ ପ୍ରତ୍ୟେକ ବିଷୟ ପ୍ରତି ନଜର ପଡ଼ିଲା ବୈଷୟିକ ଦୃଷ୍ଟିକୋଣରୁ , ପ୍ରତ୍ୟେକ ବିଷୟରେ ବିଚାର ଓ ସମାଧାନ ହେଲା କେବଳ ଯୁକ୍ତି ମାଧ୍ୟମରେ । ଶତାବ୍ଦୀର ଶେଷାର୍ଦ୍ଧରେ ସମାଜର ଶିରାପ୍ରଶିରାରେ ବ୍ୟାପି ରହିଥିବା କୁନୀତି ଓ କୁସଂସ୍କାର ବିରୁଦ୍ଧରେ ଜନମତ ପ୍ରବଳ ହୋଇଉଠିଲା। ଜନସାଧାରଣ ଗଣତନ୍ତ୍ର ଉପରେ ପ୍ରତିଷ୍ଠିତ ସମାଜକୁ ସୂକ୍ଷ୍ମ ଜ୍ଞାନକରି ପୁରାତନ ସାଆନ୍ତିଆ ପ୍ରଥାର ମ୍ରିୟମାଣ ଅନୁଷ୍ଠାନଗୁଡ଼ିକୁ ବ୍ୟଙ୍ଗ ଉପହାସରେ ଉଡ଼ାଇଦେଲେ ଓ ଗଣତନ୍ତ୍ରର ସ୍ଖଳନକୁ ସମାଲୋଚନା

Powered by Tekons

35

ଜଟାୟୁ

ଅନ୍ୟାନ୍ୟ ରଚନା

ଇଂରାଜୀ ସାହିତ୍ୟର ଗତିଧାରା

କବି ରଘୁନାଥ ଦାସ

କଲେ।

ଏହି କାଳର ସାମାଜିକ ଜୀବନ ପ୍ରତି ଆଖି ପକାଇଲେ ଆମେ ଏକ ବିରାଟ ବୈପଳ୍ପିକ ପରିସ୍ଥିତିର ସମ୍ମୁଖୀନ ହେଉଁ। ଏହି ଯୁଗକୁ ଯନ୍ତ୍ରସଭ୍ୟତା ଆରମ୍ଭ ହେଲା। ଜୀବନଧାରଣ ଲାଗି କୃଷି ଉପରେ ନିର୍ଭର କରି ଯେଉଁ ଜନତା ବିକ୍ଷିପ୍ତ ହୋଇ କ୍ଷୁଦ୍ର ଗ୍ରାମମାନଙ୍କରେ ଦିନ କାଟୁଥିଲେ ସେମାନେ ବର୍ତ୍ତମାନ ବଡ଼ ବଡ଼ ଶିଳ୍ପକେନ୍ଦ୍ରକୁ ଗଲେ ମଜୁରିଆ ହୋଇ। ଦେଶର କୁମ୍ଭାର ଓ କମାରଙ୍କ କୁଡ଼ିଆ ଦୁଆର ବନ୍ଦ ହେଲା ; ତାଳଗଛ ପ୍ରମାଣ ଚିମନିରୁ ଧୂଆଁର ଅବିରାମ ସ୍ରୋତ ଛୁଟିଲା କାରଖାନା ଘରୁ। ଏଥିପୂର୍ବେ ଜାତୀୟ ସଂସ୍କୃତି ପରେ ପଲ୍ଲୀ ଯେଉଁ ପ୍ରଭାବ ବିସ୍ତାର କରିଥିଲା , ତାହା ଏ କାଳକୁ ଆଉ ନାହିଁ ସହରର ଚା -କଫି ଖଟି ହେଲା ଏ ଯୁଗର ସାଂସ୍କୃତିକ କେନ୍ଦ୍ର। କବି , ନେତା, ବ୍ୟବସାୟୀ , ଦାର୍ଶନିକ -ସମସ୍ତଙ୍କର ମେଳା ଜମିଲା ସେଇଠି। ସହରର ଅବହାୱାରେ ପରିପୁଷ୍ଟ ଏ ଯୁଗର ସଂସ୍କୃତିରେ କଳ୍ପନାବିଳାସତା ବିରଳ , ଭାବର ଗଭୀର ସ୍ପନ୍ଦନର ଏକାନ୍ତ ଆଭାବ , ଶୁଷ୍କ ଭାବନା ନିୟନ୍ତ୍ରିତ ବିଧିବଦ୍ଧ ଛନ୍ଦରୁ କ୍ଷୁଦ୍ର ପରିସର ମଧ୍ୟରେ ସଙ୍କୁଚିତ ହୋଇପଡ଼ିଛି ଏବଂ ଚାଲିଚଳନୀ ପ୍ରଭୃତି ଜୀବନର ଅଗଭୀର ଅଭିବ୍ୟକ୍ତିରେ କବି ଓ ଭାବୁକର ଦୃଷ୍ଟି ନିବଦ୍ଧ ହୋଇଯାଇଛି।

ଜାତୀୟ ଜୀବନର ଉପରୋକ୍ତ ଚିତ୍ର ଏ ଯୁଗର ଇଂରେଜୀ ସାହିତ୍ୟରେ ଗଦ୍ୟ ସାହିତ୍ୟର ଉତ୍ପତ୍ତି ଓ ବିକାଶର କାରଣ ନିର୍ଦ୍ଦେଶ କରେ।ଏହି ଯୁଗ ଉତ୍କୃଷ୍ଟ କବିତା ଲାଗି ଉପଯୋଗୀ ନୁହେଁ ;ଜନମତକୁ ସଂଗଠିତ କରିବା ଲାଗି ,ସହରର ବ୍ୟସ୍ତ ଜନତାକୁ ଏକତ୍ର କ୍ଷଣକ ଆନନ୍ଦ ,ସମ୍ବାଦ , ରାଜନୈତିକ ବିଜ୍ଞତା ଓ ସଂସାରିକ ଆଦର୍ଶ ଯୋଗାଇବା ଲାଗି ଲୋଡ଼ା ଗଦ୍ୟ , ଲୋଡ଼ା ସମ୍ବାଦପତ୍ର , ରଚନା, ଉପନ୍ୟାସ। ଅଷ୍ଟାଦଶ ଶତାବ୍ଦୀ ପ୍ରଧାନତଃ ଗଦ୍ୟ ସାଦିତ୍ୟର ଯୁଗ, ଏ କାଳର ପଦ୍ୟ ବି ଗଦ୍ୟ ଠାରୁ ଆପଣାର ବିଶିଷ୍ଟତା ରକ୍ଷା କରିପାରିଲାନାହିଁ

ଜନମତ ଦ୍ୱାରା ଏ ସମୟରେ ବିଭିନ୍ନ ଦଳ ଓ ବ୍ୟକ୍ତି ବିଶେଷଙ୍କର ଶକ୍ତି ବୃଦ୍ଧି ବା ହ୍ରାସ କରୁଥିବାରୁ ଧନିକ ସାମନ୍ତମାନେ ପ୍ରତିପକ୍ଷ ଦଦଳ ବା ପ୍ରତିଦ୍ୱନ୍ଦୀ ବିରୁଦ୍ଧରେ ଜନମତକୁ ସଂଗଠିତ କରିବାକୁ ସଚେଷ୍ଟ ହେଉଥିଲେ। କୁତ୍ସା ଓ ଆକ୍ରୋଶମୂଳକ ଭାଷାରେ ଏକ ରାଜନୈତିକ ଦଳ ଅପର ରାଜନୈତିକ ଦଳକୁ ଆକ୍ରମଣ କରୁଥିଲା , ବ୍ୟଙ୍ଗ ଉପହାସ କରି ଜନସାଧାରଣଙ୍କ ଚକ୍ଷୁରେ ତାହାର ଗାମ୍ଭୀର୍ଯ୍ୟ କ୍ଷୂର୍ଣ୍ଣ କରିବାକୁ ଚେଷ୍ଟା କରୁଥିଲା। ସାମନ୍ତମାନେ ସେମାନଙ୍କର ଏହି ଅଭୀଷ୍ଟ ସାଧନ ଲାଗି ସାହିତ୍ୟିକମାନଙ୍କର ସହଚର୍ଯ୍ୟା ଲୋଡ଼ିଲେ ଓ ଶତାବ୍ଦୀର ପ୍ରଥମ ଭାଗରେ ସାହିତ୍ୟିକର ପ୍ରତିଭା ବିଶିଷ୍ଟ ରଜନୈତିକ ନେତା ତାଙ୍କର ପୃଷ୍ଠପୋଷକରେ ବିକାଶ ଲାଭ କରିବାର ସୁଯୋଗ ପାଇଲା । ଶତାବ୍ଦୀର ଶେଷ ଭାଗରେ ଦେଖାଯାଏ ଯେ ଜନସାଧାରଣ ସାହିତ୍ୟର ପୃଷ୍ଠପୋଷକତା ନିଜ ଉପରେ ନେଇଛନ୍ତି। ମାସିକପତ୍ର ଓ ବହି ବିକ୍ରି ଉପରେ ନିର୍ଭର କରି ସାହିତ୍ୟିକ ଆପଣାର ସ୍ୱାଧୀନ ମତ ବ୍ୟକ୍ତ କରିପାରୁଛି।

କହିଛି , ଅଷ୍ଟାଦଶ ଶତାବ୍ଦୀର ପଦ୍ୟ ଗଦ୍ୟର ନିକଟତର , ଏହା ମାନବର ମୌଳିକ ଅନୁଭୂତି ଓ

Powered by Tekons

36

ଜଟାୟୁ

ଅନ୍ୟାନ୍ୟ ରଚନା

ଇଂରାଜୀ ସାହିତ୍ୟର ଗତିଧାରା

କବି ରଘୁନାଥ ଦାସ

ଗଭୀର ଭାବନିଚୟକୁ ସ୍ପର୍ଶ କରେ ନାହିଁ , କେବଳ ମାତ୍ର ଜୀବନର ବହିରାଡ଼ମ୍ବର ଘେନି ଏହା ସଂଗଠିତ।

ଜନ୍ ଡ୍ରାଇଡେନ୍ (ଖ୍ରୀ ୧୬୩୧ -୧୭୦୦) ଏ ଯୁଗର ପ୍ରଧାନ କବି। ଦଳଗତ ରାଜନୀତି ଏ ଯୁଗର ଧର୍ମ , ଦଳଗତ ରାଜନୀତି ସହିତ ସମ୍ପୃକ୍ତ ରହିବା ଦ୍ୱାରା ହିଁ କେବଳ ଏ ସମୟରେ କବି ତା ’ ନିଜକୁ ପ୍ରତିଷ୍ଠା କରିପାରୁଥିଲା। ଡ୍ରାଇଡେନ୍ଙ୍କର ପ୍ରତିଭାର ବିକାଶ ସେହି ଦିଗରେ। ପ୍ରଥମେ ଡ୍ରାଇଡେନ୍ ନାଟକରେ ହାତଦେଲେ। ପ୍ରାୟ କୋଡ଼ିଏଖଣ୍ଡ ନାଟକ ବି ପ୍ରଣୟନ କରିଛନ୍ତି। କିନ୍ତୁ ନାଟ୍ୟକାର ହିସାବରେ ତାଙ୍କର ପ୍ରତିଷ୍ଠା ହୋଇପାରିନାହିଁ। ୧୬୭୦ ରେ ଯେତେବେଳେ ରାଜ ଅନୁଗ୍ରହ ଲାଭ କରି ଡ୍ରାଇଡେନ୍ ଇଂଲାଣ୍ଡର ରାଜକବି ହେଲେ , ପ୍ରତିଦ୍ୱନ୍ଦୀ ଦଳମାନେ ତାଙ୍କ ପ୍ରତି ଈର୍ଷାନ୍ୱିତ ହେଲେ ଏବଂ ଡ୍ରାଇଡେନଙ୍କୁ ବ୍ୟଙ୍ଗ କରି ଦି ରିହାର୍ସାଲ (the rehearsal) ନାମକ ବ୍ୟଙ୍ଗ କବିତା ପ୍ରକାଶ କଲେ। ଡ୍ରାଇଡେନ୍ ତା ’ର ପ୍ରତିଶୋଧ ନେଲେ ଏବସାଇଲେମ୍ ଏଣ୍ଡ୍ ଏବିଟୋଫେଲ୍ (ablalom & achitopnel) କାବ୍ୟରେ ; ରାଜା ଓ ମନ୍ମାଉଥ୍ ସେଫ୍ଟରୀ ଓ ବକିମହାମ୍ ପ୍ରଭୃତି ସାମନ୍ତମାନଙ୍କର କାର୍ଯ୍ୟକଳାପର ସମାଲୋଚନା କରାଯାଉଛି। □□□□□□(Medal)□ □□□□□□□□□□□□□(Mecflecknoe) ନାମକ ବ୍ୟଙ୍ଗ କବିତାରେ ଡ୍ରାଇଡେନ୍ ପୂର୍ବବତ୍ ରାଜନୈତିକ ନେତା , ଦଳ ଓ ସାହିତ୍ୟିକମାନଙ୍କୁ ବିଦ୍ରୂପ କରିଛନ୍ତି। କ୍ଷଣସ୍ଥାୟୀ ସମସ୍ୟା ଉପରେ କବି ତାଙ୍କର ସାମର୍ଥ୍ୟ ନିୟୋଜିତ କରିଥିଲେ ବି ତାଙ୍କର କବିତାକୁ କବିଙ୍କର ଅସାମାନ୍ୟ ପ୍ରତିଭାର ଯଥେଷ୍ଟ ପରିଚୟ ମିଳେ।

ଆଲେକ୍ଜାଣ୍ଡାର ପୋପ୍ ଏ ଯୁଗର ଜଣେ ପ୍ରତିଷ୍ଠା ସଂପନ୍ନ କବି। ପୋପ୍ଙ୍କର ପିତା ଧନଶାଳୀ ନଥିଲେ। ପୋପ୍ଙ୍କର ଶିକ୍ଷା ବିଦ୍ୟାଳୟରେ ହୋଇପାରିଲାନାହି। କିନ୍ତୁ ପୋପ୍ଙ୍କର ପୁସ୍ତକ ଅଧ୍ୟୟନ ଲାଗି କିପରି ଗୋଟାଏ ଝୁଙ୍କଥାଏ । ଯେଉଁଠି ବହି ପାଇଲେ ସବୁ ଗୋଟେଇ ପଢ଼ନ୍ତି। ବାଲ୍ୟରୁ ପୋପ୍ଙ୍କର ଶରୀର ଅତିଶୟ କ୍ଷୀଣକାୟ ଥିଲା , ରୋଗ ଥିଲା ତାଙ୍କ ଜୀବନର ଚିର ସହଚର। ପିଲାଦିନରୁ ହିଁ ପୋପ୍ଙ୍କର ପଦ୍ୟ ରଚନା କରିବା ପ୍ରବୃତ୍ତି ପ୍ରକାଶ ପାଇଥିଲା, ପ୍ରବାଦ ଅଛି କବିତା ରଚନା କରି ବୃଥା ସମୟ ନଷ୍ଟ କରୁଥିବା ଅଭିଯୋଗରେ ପୋପ୍ଙ୍କର ପିତା ତାଙ୍କୁ ଶାସ୍ତି ଦେଉଥିବା ବେଳେ ପିତାଙ୍କୁ ପ୍ରହାର ହେବାରୁ ବାରଣ କରିବାକୁ ଯାଇ ପୋପ୍ଙ୍କର ମୁହଁରୁ ପଦ୍ୟ ଆକାରରେ ବାହାରି ପଡ଼ିଥିଲା ପଦେ।

ପୋପ୍ଙ୍କ କାବ୍ୟ ମଧ୍ୟରୁ ଚାରିଗୋଟିର ନାମ ଉଲ୍ଲେଖଯୋଗ୍ୟ। - ବେଣୀହରଣ, ଡନ୍ସିଆଡ୍ , ମନୁଷ୍ୟ ସମ୍ବନ୍ଧେ □□□□(Essays on Man), ସମାଲୋଚନା ପ୍ରବନ୍ଧ (Essays on Critisism)। ପ୍ରଥମୋକ୍ତ କାବ୍ୟର କଥାବସ୍ତୁ ରାଜଦରବାରର ଏକ ରମଣୀଙ୍କର ବେଣୀକୁ ଜଣେ ଯୁବକ ସାମନ୍ତ କତୁରୀରେ କାଟିଦେଲେ , ଫଳରେ ତୁମୁଳ ଚାଞ୍ଚଲ୍ୟ ସୃଷ୍ଟି ହେଲା।ଏହି କାବ୍ୟରେ ରାଜଦରବାର ତଥା ସମସାମୟିକ ଜାତୀୟ ଜୀବନର ଯେଉଁ ଚପଳତା ପରିଲକ୍ଷିତ ହେଉଥିଲା ,

Powered by Tekons

37

ଜଟାୟୁ

ଅନ୍ୟାନ୍ୟ ରଚନା

ଇଂରାଜୀ ସାହିତ୍ୟର ଗତିଧାରା

କବି ରଘୁନାଥ ଦାସ

ତାହା ରୂପ ପାଇଛି। ‘ଡନସିଆଡ୍’ ରାଜନୈତିକ ଓ ସାମାଜିକ ଜୀବନରେ ଯେଉଁ କୁତ୍ସିତ ବାଦବିସଂବାଦ ଲାଗି ରହିଥିଲା ତାହାର ଏକ ଜୀବନ୍ତ ଚିତ୍ର ଆଙ୍କିଛି। ‘ମନୁଷ୍ୟ ସମ୍ବନ୍ଧେ ରଚନା’ କାବ୍ୟରେ କବି ଯୁଗର ଦାର୍ଶନିକ ରୂପରେ ମନୁଷ୍ୟର କର୍ମ ଓ କର୍ତ୍ତବ୍ୟ ସମ୍ବନ୍ଧରେ ନୀତିବଚନ ରଚନା କରିଛନ୍ତି। କବିଙ୍କର ତଥାକଥିତ ଦାର୍ଶନିକ ଭାବ ପ୍ରକୃତରେ ସାମାଜିକ କାୟଦା କଟକଣା ଓ ବୈଷୟିକ ବିଜ୍ଞତାରେ ସୀମାବଦ୍ଧ।

ପୋପ୍‌ଙ୍କ କବିତା ଉଚ୍ଛ୍ୱସିତ ମାନବର ବାଣୀ ନୁହେଁ , ଯୁକ୍ତି ଓ ତର୍କ ଉପରେ ତା ’ର ପ୍ରତିଷ୍ଠା। ସହର -ଜୀବନ ଏ ଯୁଗରେ ସକଳ କର୍ମର କେନ୍ଦ୍ର ଥିବାରୁ ସେହି ଜୀବନର ଚିତ୍ର ଏ ଯୁଗରେ କବି ଆଙ୍କିବାରେ ବ୍ୟସ୍ତ। ସହରର ଜୀବନ ବ୍ୟକ୍ତିଗତ ସୁଖ ଦୁଃଖ ଜନତାର ଗହଳରେ କାହିଁ ଲୁଚି ଯାଇଥିଲା , କେବଳମାତ୍ର ବେଶଭୂଷା, ଢ଼ଙ୍ଗଢ଼ାଙ୍ଗର ପାର୍ଥକ୍ୟରେ ବ୍ୟକ୍ତିତ୍ୱ ଜୀଇଁ ରହିଥିଲା , ଯାହା ଆଚାର ବ୍ୟବହାରର ବାର୍ଥକ୍ୟରେ ଯେଉଁ ସାମାନ୍ୟ ଅଯୌକ୍ତିକତା ପରିଲକ୍ଷିତ ହେଉଥିଲା , ତାହା ଏକ ବ୍ୟକ୍ତିଠାରୁ ଅପରକୁ ଚିହ୍ନାଇ ଦେଉଥିଲା। କବି ତାଙ୍କର କବିତାରେ ଏହି ଅଯୌକ୍ତିକତାକୁ ବ୍ୟଙ୍ଗ କରିଛନ୍ତି , ଉପହାସ କରିଛନ୍ତି। ପୋପ୍ ତଥା ଏ ଯୁଗର ଅନ୍ୟାନ୍ୟ କବିଙ୍କର କବିତାରେ ଉଚ୍ଛ୍ୱାସର ଏକାନ୍ତ ଅଭାବ ପରିଲକ୍ଷିତ ହେଲେ ବି ତାଙ୍କର ପଦ୍ୟ ସାର୍ଥକତା ଲାଭ କରିଛି ବ୍ୟଙ୍ଗ ସାହିତ୍ୟ ସୃଷ୍ଟି କରି।

ଶତାବ୍ଦୀର ଶେଷାର୍ଦ୍ଧରେ ସାମରିକ ମନୋବୃତ୍ତିରେ ଏକ ପରିବର୍ତ୍ତନ ଦେଖାଯାଏ। ଲୋକେ ଆଉ ନଗରର ଚାକଚକ୍ୟ ଓ ଅଗଭୀର ଜୀବନ ବିଷୟକ ଚିନ୍ତାରେ ମଜ୍ଜି ନ ରହି ଅଧିକ ଦାର୍ଶନିକ ଭାବରେ ସାମାଜିକ ଘଟଣା ଓ ଜୀବନର ସମାଲୋଚନା କରୁଛନ୍ତି। ସହରର ସଭ୍ୟତାରେ ଲୋକେ ଆଉ ଆଶାନ୍ୱିତ ନୁହନ୍ତି , କଳ-ସଭ୍ୟତା ବିରୁଦ୍ଧରେ ଲୋକଙ୍କ ମନରେ ପ୍ରତକ୍ରିୟା ଦେଖାଦେଲାଣି, ତେଣୁ ଜନ୍ସନ୍ , କାଉପର,କଲିନ୍ସ , ଗୋଲ୍‌ଡ଼ସ୍ମିଥ୍ ପ୍ରଭୃତିଙ୍କ କବିତାରେ ଆମେ ଆଉ ଚାପଲ୍ୟ ଦେଖିବାକୁ ପାଉନାହୁଁ , ସେମାନଙ୍କର ସ୍ୱର ଗଭୀର, ଭାଷା ଗୁରୁତ୍ୱପୂର୍ଣ୍ଣ। ଏମାନଙ୍କର କବିତା ଉଚ୍ଛ୍ୱାସମୟୀ ହୋଇନଥିଲେ ବି ଏହି କବିମାନେ ଗ୍ରାମ ଓ ପ୍ରକୃତି ପ୍ରତି ଦୃଷ୍ଟି ଫରାଇଛନ୍ତି ,ସରଳ ଜୀବନର ମର୍ଯ୍ୟାଦା ବୁଝିଛନ୍ତି। ଟୋମସ୍ ଗ୍ରେ ନାମକ ଏହି କାଳର ଜଣେ କବି ‘ପଲ୍ଲୀ ଶ୍ମଶାନରେ □□□□□’(Elegy) ନାମକ ଏକ କବିତା ରଚନା କରି ସାହିତ୍ୟରେ ଅମରତ୍ୱ ଲାଭ କରିଛନ୍ତି। କବିତା ସୁଦୀର୍ଘ ନ ହୋଇଥିଲେ ମଧ କବି ପଲ୍ଲୀ ଜୀବନର କେତୋଟି ଦୃଶ୍ୟକୁ ସରଳ ଭାଷାରେ ଜୀବନ୍ୟାସ ଦେଇ ତହିଁରେ ମନୁଷ୍ୟର ଅନନ୍ତ ବ୍ୟକ୍ତିତ୍ୱ ପ୍ରତିପାଦନ କରି ଅଛନ୍ତି। ଜୀବନରେ ଯଥେଷ୍ଟ ସୁଯୋଗ ପାଇଥିଲେ ଅନାମଧେୟ ଗ୍ରାମବାସୀମାନେ ମଧ ମିଲ୍ଟନ୍ ଓ କ୍ରମବେଲ୍ ହୋଇ ପାରିଥାନ୍ତେ ବୋଲି ଦୃଢ଼ ମତବ୍ୟକ୍ତ କରିଛନ୍ତି। ଏହି କବିତାଟି ଅତି ହୃଦୟସ୍ପର୍ଶୀ , କରୁଣ ରସପ୍ଳୁତ ଓ ଇଂରେଜ ଜନସାଧାରଣଙ୍କ ଅତି ପ୍ରିୟ।

ତ୍ୟକ୍ତପଲ୍ଲୀ (The Deserted Village) ନାମକ ଏକ କବିତାରେ କବି ଗୋଲ୍‌ଡ଼ ସ୍ମିଥ୍ କଳସଭ୍ୟତା ଓ ଶିଳ୍ପ ବିପ୍ଳବକୁ ତୀବ୍ର ସମାଲୋଚନା କରି ଫେରି ଚାହିଁଛନ୍ତି ତାଙ୍କର

Powered by Tekons

38

ଜଟାୟୁ

ଅନ୍ୟାନ୍ୟ ରଚନା

ଇଂରାଜୀ ସାହିତ୍ୟର ଗତିଧାରା

କବି ରଘୁନାଥ ଦାସ

ବାଲ୍ୟକାଳରରେ 'ଅବର୍ଣ୍ଣ ' ପଲ୍ଲୀରେ ଯାହା ଥିଲା। ସେଠି ପାଠୁଆ ବୋଲି ଗାଁ ଅବଧାନ , ଧର୍ମଗୁରୁ ବୋଲି ଗୀର୍ଜାର ଯଜମାନ ,କିନ୍ତୁ ସମସ୍ତେ ମୁଠେ ଖାଇବାକୁ ପାଉଥିଲେ , ହସ ଖୁସିରେ କାଳ କାଟୁଥିଲେ। ଶିଳ୍ପ ବିପ୍ଳବ ହେଲା , ବିରାଟ କାରଖାନାମାନ ବସିଲା , ଜଣେ ଅଧେ ଦେଶର ସବୁ ଧନ ଲୁଟିକରି ପୁଞ୍ଜିପତି ହୋଇ ତୁଙ୍ଗ ପ୍ରାସାଦ ନିର୍ମାଣ କଲେ , କିନ୍ତୁ ଅନ୍ୟ ଦିଗରେ ଗାଁର ଲୋକେ ସହରକୁ ଆସିଲେ, ନରକ ସମାନ ଗଳିରେ ଦରପେଟା ରୋଗା ମଢ଼ିଆ ହୋଇ କାଳ କାଟିଲେ। ଏହା କ 'ଣ ଜାତୀୟ ଉନ୍ନତି ? ଗ୍ରାମ୍ୟ ଜୀବନର ସୁଖଶାନ୍ତି ଏଠି କାହିଁ ?ଜାତିର ବଳଶାଳୀ ଜନତା କାହିଁ ? ଜନସାଧାରଣଙ୍କୁ ହୀନବଳ ଓ ମୁମୂର୍ଷୁ କରି ଏ ବାଣିଜ୍ୟଲବ୍ଧ ମୁନାଫା କେଉଁଥିକି ପାଏ ? ଏହି ପ୍ରଶ୍ନ ନେଇ କବି ବିବ୍ରତ ହୋଇପପଡ଼ିଛନ୍ତି , ସାମାଜିକ ଜୀବନର ଗତିପଥ ଲକ୍ଷ୍ୟକରି ମର୍ମାହତ ହୋଇ ଜାତକୁ ସାବଧାନ କରାଇ ଦେଇଛନ୍ତି। ଏହି କବିତାରେ କବି ପଲ୍ଲୀର ସାମାଜିକ ଜୀବନର ଯେଉଁ ଛବି ଆଙ୍କିଛନ୍ତି ତାହା ଅତି ବାସ୍ତବ ଓ ମୁଗ୍ଧକରା ବିଷୟଟି ଅର୍ଥନୈତିକ ହେଲେ ମଧ ଭାଷା ଉଚ୍ଛ୍ୱାସମୟୀ ନ ହେଲେ ବି ଛନ୍ଦ ସାବଲୀଳ ହୋଇନଥିଲେ ମଧ କବିଙ୍କର ପ୍ରକାଶଭଙ୍ଗୀ , ଚରିତ୍ର ଚିତ୍ରଣ , ସାମାଜିକ ଜୀବନର ଯଥାଯଥ ବର୍ଣ୍ଣନା ଓ ଅଭିବ୍ୟକ୍ତି ହେତୁ କବିତାଟି ଅତି ଉପାଦେୟ ହୋଇଉଠିଛି।

ଏହି ଯୁଗର ରଙ୍ଗମଞ୍ଚ ଅଧିକ ଉନ୍ନତିଲାଭ କରିଥିଲେ ବି ଏ କାଳର ନାଟକମାନ ଅତ ନିମ୍ନସ୍ତରରା ରଙ୍ଗମଞ୍ଚରେ ଦୃଶ୍ୟ ସମାବେଶରେ ବ୍ୟବସ୍ଥା ଏ ସମୟକୁ ପ୍ରଚଳିତ ହେଲାଣି ଓ ନାଟକ ଲେଖା ମଧ ବେଶ୍ ଅର୍ଥପ୍ରସୁ ହେଲାଣି। ନାରୀ ଚରିତ୍ରମାନଙ୍କର ବାଳକମାନଙ୍କର ସ୍ଥାନ ଅଭିନେତ୍ରୀମାନେ ପୂରଣ କଲେଣି। କିନ୍ତୁ ସମସାମୟିକ ଜୀବନ ଉଚ୍ଛାଙ୍ଗ ନାଟକ ବିକାଶ ପଥରେ ଅନ୍ତରାୟ ଥିଲା।ଯେତେବେଳେ ପ୍ୟୁରିଟାନ୍ମାନେ ରାଜନୀତିରେ ବଳଶାଳୀ ଥିଲେ , ନାଟ୍ୟକଳାକୁ ସେମାନେ ଆଦୌ ଆଦର କରୁନଥିଲେ। ଫଳତଃ କ୍ରମବେଲ୍ଙ୍କ ଶାସନ କାଳରେ ଅଳ୍ପ କେତେଖଣ୍ଡ ନୀରସ ଉପଦେଶାତ୍ମକ ନାଟକ ବ୍ୟତିରେକେ ଅନ୍ୟ କୌଣସି ନାଟକ ପ୍ରକାଶ ପାଇନଥିଲା। ରାଜାଙ୍କର ପୁନରାରୋହଣ ପରେ ଇଂରେଜ ସାହିତ୍ୟରେ ବହୁତ ନାଟକ ପ୍ରଣୀତ ହେଲା ସତ, କିନନ୍ତୁ ନିରଭିଳାଷୀ ନିଷ୍କ୍ରିୟ ରାଜାଙ୍କର କାଳକ୍ଷେପ କରିବା ଲାଗି ଉପାଦାନ ଯୋଗାଇଦେବା ଥିଲା ଏ ଗୁଡ଼ିକର ଉଦ୍ଦେଶ୍ୟ। ଏ ନାଟକମାନଙ୍କରେ ବିଷୟର ଗୁରୁତ୍ୱ ନାହିଁ ଗଭୀର ଭାବରରାଶିର ଅଭିବ୍ୟକ୍ତି ନାହିଁ , ଅଛି ମଜା ଓ ତାମସା , ହାସ୍ୟଲାଗି ପ୍ରଚୁର ସାମଗ୍ରୀ ଆଦି ରସାତ୍ମକ ଅଶ୍ଳୀଳତା , ଆଚାରବ୍ୟବହାରଗତ ରଙ୍ଗରସ। ଏହି ନାଟକମାନ ଗଦ୍ୟରେ ଲେଖାଯାଉଥିଲା ଓ ଚତୁର ଭକ୍ତି ଥିଲା ଭାଷା ଚମତ୍କାରିତାର ମାପକାଠି। ଫରାସୀ ମିଳନାନ୍ତ (Commedy) ନାଟକରେ ବିଶେଷତଃ ମୋଲିଏର୍, ରସିନ ପ୍ରଭୃତି ନାଟ୍ୟକାରଙ୍କ ରୀତିର ଛାୟା ଏ ସମୟର ନାଟକରେ ଅତି ପ୍ରାଞ୍ଜଳ। ଏହି ନାଟ୍ୟକାରମାନଙ୍କ ମଧ୍ୟରେ ଡାଇଡେନ୍ ସ୍ରାଡ୍ୱେଲ ଏଥେରେଜ୍, ଉଇଚର୍ଲେ, କନଗ୍ରିଭ୍ , ଡନ୍ୱରୋଲ୍ ନାମ ଉଲ୍ଲେଖଯୋଗ୍ୟ।

ଏହି ସାମାଜିକ ଢ଼ଙ୍ଗଢ଼ାଙ୍ଗ ବିଷୟକ ମିଳନାନ୍ତ ନାଟକ (Commedy of manners) ଶତାବ୍ଦୀର ଶେଷଭାଗକୁ ଅଧିକ ମାର୍ଜିତ ଓ ରୁଚି ସମ୍ପନ୍ନ ହୋଇଯାଇଥିଲା। ଗୋଲ୍ଡସ୍ମିଥ୍ଙ୍କର She stops to conquer ନାଟକ ସାମାଜିକ ବ୍ୟବହାର ନେଇ ସଂଘଠିତ

Powered by Tekons

39

ଜଟାୟୁ

ଅନ୍ୟାନ୍ୟ ରଚନା

ଇଂରାଜୀ ସାହିତ୍ୟର ଗତିଧାରା

କବି ରଘୁନାଥ ଦାସ

ହୋଇଥିଲେ ମଧ୍ୟ ତହିଁରେ ଚରିତ୍ର ଚିତ୍ରଣ ପ୍ରାଞ୍ଜଳ ଓ ସବଳ , ଦୃଶ୍ୟ ସମାବେଶ ସୌଷ୍ଠବ ମଣ୍ଡିତ , ହାସ୍ୟରସ ପରିମାର୍ଜିତ ଓ ରୁଚିକର।

ଅଷ୍ଟାଦଶ ଶତାବ୍ଦୀର ସାମାଜିକ ଜୀବନ ଗଦ୍ୟ -ସାହିତ୍ୟର ବିକାଶ ଓ ପ୍ରସାର ଲାଗିଥିଲା ଏକାନ୍ତ ଉପଯୋଗୀ। ଏଥିପୂର୍ବେ କବିତା ପିପାସୁ ପାଠକମାନେ ଗଦ୍ୟକୁ ବିଶେଷ ଆଦର କରି ଶିଖିନଥିଲେ; ଲେଖକମାନେ ବି ସମସାମୟିକ ଉଚ୍ଛ୍ୱାସମୟ ଜୀବନକୁ ପ୍ରକାଶ କରିବା ଲାଗି ପଦ୍ୟର ଆଶ୍ରୟ ନେଉଥିଲେ। ଏହି ଯୁଗରେ ଜୀବନ ଗଦ୍ୟମୟ ହୋଇଥିଲା ; ଲୋକଙ୍କ ମନରେ ଅଦ୍ଭୁତର ସମ୍ଭାବନା ଲାଗି ସ୍ଥାନ ନାହିଁ , ଆଶ୍ଚର୍ଯ୍ୟ ହେବାର କିଛି ନାହିଁ। ଲୋକେ ପ୍ରତ୍ୟେକ ସମସ୍ୟାର ସମାଧାନ ଲାଗି ଯୁକ୍ତିତର୍କର ଆଶ୍ରୟ ନେଲେ , ସମାଲୋଚନା ମନୋବୃତ୍ତି ସମସ୍ତଙ୍କର , ରାଜନୀତିରେ ସମସ୍ତେ ଭାଗୀଦାର। ଯୁଗର ସମ୍ମୁଖୀନ ସମସ୍ୟାମାନ ମେଣ୍ଟାଇବା ଲାଗି ଗଦ୍ୟ ଆବଶ୍ୟକ।ଲେଖକମାନେ ଦେଖିଲେ ଆଳଙ୍କାରିକ ଭାଷା ଛାଡ଼ି ସମସ୍ତଙ୍କର ବୋଧଗମ୍ୟ,ସରଳ ଭାଷାରେ ସେମାନଙ୍କର ଚିନ୍ତାଧାରା ପ୍ରକାଶ କରିବା ଦ୍ୱାରା ହିଁ ସମାନେ ଅଧିକ ଜନପ୍ରିୟ ହୋଇପାରିବେ। ରାଜନୀତି ଓ ସମାଜରେ ଗଣତନ୍ତ୍ରର ପ୍ରତିଷ୍ଠା ହେତୁ ସମ୍ବାଦପତ୍ରାଦିର ଆବଶ୍ୟକତା ଅନୁଭୂତ ହେଲା। ଫଳରେ ଟାଟ୍ଲର , ସ୍ପେକଟେଟର , ରାବଲର 'ବି ' ପ୍ରଭୃତ ସାମୟିକ ପତ୍ରପତ୍ରିକା ପ୍ରକାଶ ଲାଭ କଲା ଏବଂ ଅଳ୍ପ ସମୟ ମଧ୍ୟରେ ବିଶେଷ ଲୋକପ୍ରିୟ ହୋଇପାରିଲା। ଏହିସବୁ ସାମୟିକ ପତ୍ରପତ୍ରିକା ମାନଙ୍କରେ ନାନା ରଚନା (Eassay) ପ୍ରକାଶ ପାଇଲା। ଚା ଓ କଫିଖଟିରେ ଗରାଖ ପକ୍ଷରେ ଏହିସବୁ ରଚନାର ମୂଲ୍ୟ ଓ ସାର୍ଥକତା ବହୁତ। ରଚନାରେ ଉତ୍ଥାପିତ ନାନା କଥା ଓ ପ୍ରସଙ୍ଗର ଆଲୋଚନା ସହିତ ତାହାର ଶୈଳୀ ଓ ପ୍ରକାଶଭଙ୍ଗୀ ଦ୍ୱାରା ଚିତ୍ତବିନୋଦନ , ଉଭୟେ ମିଳିତ ହେବା ଦ୍ୱାରା ବନ୍ଧୁ ଆଳାପର ସୁଖରେ ପାଠକ ମଜ୍ଜିଯାଉଥିଲା । ଷୋଡ଼ଶ ଶତାବ୍ଦୀରେ ବେକନ୍ ଅଳ୍ପ କେତେବି ରଚନା ପ୍ରକାଶ କରି ଇଂରେଜୀ ସାହିତ୍ୟରେ ଗଦ୍ୟ ରଚନାର ସମ୍ଭାବନା ଲାଗି ଯେଉଁ ଆଭାସ ଦେଇଥିଲେ ସେହି ରଚନା ଏହି ଯୁଗରେ ଏଡିଶନ୍ , ଷ୍ଟିଲ୍ , ଜନ୍ସନ୍ , ଗୋଲ୍ଡସ୍ମିଥ୍ ପ୍ରଭୃତି ଲେଖକଙ୍କ ହାତରେ ପରିପକ୍ୱତା ଲାଭକଲା। ଏଡିଶନ୍ ଆଦି ରଚନା ଲେଖକ ସମସାମୟିକ ଜୀବନର ଦୋଷଗୁଣ ଦର୍ଶାଇ ସାମାଜିକ ଜୀବନ ଲାଗି ନାନା ଉପଦେଶ ଏହି ରଚନାମାନଙ୍କରେ ଲେଖି ଯାଇଛନ୍ତି। କିନ୍ତୁ ଏହି ଉପଦେଶଗୁଡ଼ିକ ହାସ୍ୟରସ ଓ ବ୍ୟଙ୍ଗକଥା ଛଳରେ ଏପରି ରସାୟିତ ହୋଇଯାଇଛି ଯେ ନୀତିଶିକ୍ଷାର ତିକ୍ତତା ସେଥିରେ ଆଦୌ ନାହିଁ।

ଇଂଲାଣ୍ଡର ଗଳ୍ପ ସାହିତ୍ୟ ଏହି ଯୁଗରେ ବିଶେଷ ଉନ୍ନତି ଲାଭ କରିଥିଲା। ଏଥିପୂର୍ବେ ଗଦ୍ୟ ସାହିତ୍ୟର ବହୁଳ ପ୍ରସାର ନଥିବାରୁ ଗଳ୍ପ ଓ ଆଖ୍ୟାୟିକାମାନ କବିତାରେ ଲିପିବଦ୍ଧ ହେଉଥିଲା। ଏହା ଗଳ୍ପସାହିତ୍ୟର ବିକାଶ ଦିଗରେ ବିଶେଷ ଅନ୍ତରାୟ ହୋଇଥିଲା। ଏହି ସମୟରେ ଗଦ୍ୟ ସାହିତ୍ୟର ପ୍ରସାର ହେବା ସଙ୍ଗେ ସଙ୍ଗେ ,ଗଳ୍ପସାହିତ୍ୟ ଗଦ୍ୟର ଆଶ୍ରୟ ଗ୍ରହଣ କଲା। ଗଦ୍ୟର ପରିସର ବୃହତ୍ତର, ବିଷୟବସ୍ତୁ ପ୍ରକାଶ କରିବାକୁ ତହିଁର କ୍ଷେତ୍ର ମୁକ୍ତତର।

Powered by Tekons

40

ଜଟାୟୁ

ଅନ୍ୟାନ୍ୟ ରଚନା

ଇଂରାଜୀ ସାହିତ୍ୟର ଗତିଧାରା

କବି ରଘୁନାଥ ଦାସ

ଏହି କାଳର ଜୀବନର ସମାଲୋଚନନା କଲେ ଜଣାଯାଏ ଯେ, ଲୋକେ କଳ୍ପନାବିଳାସିତା ଛାଡ଼ି ବାସ୍ତବ ଜୀବନରେ ଅଧିକ ଆଗ୍ରହ ପ୍ରକାଶ କରୁଥିଲେ। ସାମାଜିକ ପରିସ୍ଥିତିରେ , ବାସ୍ତବ ପରିସର ମଧ୍ୟରେ ଲୋକେ ଯେଉଁ ଅନୁଭୂତି ଲାଭ କରୁଥିଲେ , ଏ ଯୁଗରେ କବି, ଲେଖକ ଓ ଚିତ୍ରକର ସେହି ଅନୁଭୂତିକୁ ଚିତ୍ରିବାରେ ତତ୍ପର ହୋଇଛନ୍ତି , କାଳ୍ପନିକ , ଅସମ୍ଭବ ରୂପ କାହାଣୀ ଏ କାଳର ବୈଷୟିକ ମନୋବୃତ୍ତିକୁ ସନ୍ତୁଷ୍ଟ କରି ନପାରେ। ତେଣୁ ଗଳ୍ପରଚକମାନେ ସେମାନଙ୍କର ଗଳ୍ପଲାଗି ବାସ୍ତବ ପରିସ୍ଥିତି ସୃଷ୍ଟି କଲେ , ସମ୍ଭବପର ଘଟଣାମାନ କଳ୍ପନା କଲେ , ଚରିତ୍ରଗୁଡ଼ିକ କଲେ ସତ ସତ ନରନାରୀ। ବାସ୍ତବ ଜୀବନକୁ ସ୍ପର୍ଶ କରି , ବାସ୍ତବ ଜୀବନକୁ ଚିତ୍ର କରି ଆଖ୍ୟାୟିକାର ସୃଷ୍ଟି ପ୍ରଥମେ ଏହି ଯୁଗରେ ହେଲା। ଏହି ନୂତନ ଉଦ୍ଭାବନର ନାମ ନଭେଲ୍ ବା ଉପନ୍ୟାସ। ଉପନ୍ୟାସର ପ୍ରଥମ କଳ୍ପନା ଇଂରେଜ ସାହିତ୍ୟିକମାନେ କରଥିବାରୁ ବିଶ୍ୱସାହିତ୍ୟ ଏହି ବିଶିଷ୍ଟ ଦାନ ଲାଗି ଇଂରେଜୀ ସାହିତ୍ୟ ନିକଟରେ ଋଣୀ।

ରୀତିମତ ଉପନ୍ୟାସ ପ୍ରକାଶ ପାଇବା ପୂର୍ବରୁ ଇଂରେଜ ସାହିତ୍ୟର ଏହି ଯୁଗରେ ଦୁଇଟି ପୁସ୍ତକ ପ୍ରକାଶ ପାଇଥିଲା , ଯାହା ଉପନ୍ୟାସ ସାହିତ୍ୟର ଅତି ନିକଟ ହୋଇଆସିଥିଲା। ଡେନିଏଲ୍ ଡିପୋଙ୍କର ପ୍ରସିଦ୍ଧ ପୁସ୍ତକ ରବିନସନ୍ କ୍ରୁଶୋ ୧୭୧୯ ଖ୍ରୀଷ୍ଟାବ୍ଦରେ ପ୍ରକାଶିତ ହେଲା। ରବିନସନ୍ ନାମକ ଜଣେ ଯୁବକ ଘରୁ ପଳାଇ ଯାଇ ଜାହାଜରେ ଯାଉ ଯାଉ ଜାହାଜ ଧ୍ୱଂସ ହେବାରୁ ଅଜଣା ଅଶୁଣା ଏକ ଦେଶରେ ଲାଗି , ବଣୁଆ ଲୋକଙ୍କ ମଧ୍ୟରେ କିପରି ଜୀବନଯାପନ କରି, ଶେଷରେ ନିଜ ଦେଶକୁ ଫେରି ଆସିଲା ତାହାରି ଇତିବୃତ୍ତ ଭ୍ରମଣ ବୃତ୍ତାନ୍ତ ଛଳରେ ପ୍ରକାଶ କରାଯାଇଛି। ଏହି ଗଳ୍ପରେ ପ୍ରତ୍ୟେକ ବିଷୟରେ ଏପରି ଟିକିନିଖି ବର୍ଣ୍ଣନା ଅଛି ଯେ ଘଟଣାଟି ସମ୍ପୂର୍ଣ୍ଣ ସତ୍ୟପ୍ରାୟ ପ୍ରତୀୟମାନ ହୁଏ। ଏହି ଗଳ୍ପ ପଢ଼ି ଇଂଲଣ୍ଡରବହୁ ଲୋକଙ୍କର ବହୁ କାଳ ଧରି ଧାରଣା ଥିଲା ଯେ ରବିନ୍ସନ୍ କ୍ରୁଶୋ ନାମକ ପ୍ରକୃତରେ ଜଣେ ଲୋକ ଥିଲା।

□□□□□□□□(Swift) ଙ୍କର ଗଲିଭର 'ଭ୍ରମଣ କାହାଣୀରେ ' ଖ୍ରୀ ୧୭୨୬ ଗଲିଭର ଜାହାଜ ଡୁବିଯିବାରୁ ସେ ଯାଇ କିମ୍ଭୁତକିମାକାର ଏକ ଦେଶରେ ଲାଗିଲା। ଅତି କ୍ଷୁଦ୍ରକାୟ ଓ ଅତି ବିଶାଳକାୟ ଲୋକମାନଙ୍କ ମଧ୍ୟରେ ତାହାର ଅନୁଭୂତିମାନ ଅଦ୍ଭୁତ ପ୍ରକାରର। ଏହି ଆଖ୍ୟାୟିକାରେ ଗଳ୍ପର ଆବରଣରେ ରାଜନୈତିକ ଓ ସାମାଜିକ କେତେକ ଅନୁଷ୍ଠାନ ପ୍ରତି କ୍ରୁର ଆକ୍ରୋଶ ପ୍ରକାଶ କରାଯାଇଥିଲା। ଏହାର ଗୂଢ଼ାର୍ଥକୁ ଛାଡ଼ିଦେଲେ ବି ଗଳ୍ପଟି ଅତିଶୟ ଚିତ୍ତାକର୍ଷକ ଓ ଆମୋଦଜନକ। ଏଥିରେ ଅବାସ୍ତବ ଓ ଅସମ୍ଭବ ଘଟଣାର ସମାବେଶ ହୋଇଥିଲେ ମଧ୍ୟ ସ୍ୱିଫ୍ଟ କିପରି ଟିକିନିଖି ବର୍ଣ୍ଣନାର ଚମତ୍କାରିତା ବଳରେ ପାଠକ ମନରେ ସତ୍ୟପ୍ରତୀତି ଜାତ କରିପାରୁଛନ୍ତି , ତାହା ଲକ୍ଷ୍ୟ କରିବାର କଥା।

ଉପନ୍ୟାସ ସାହିତ୍ୟର ପ୍ରଥମ ସୃଷ୍ଟି ହେଲା ୧୭୪୦ ଖ୍ରୀଷ୍ଟାବ୍ଦରେ। ସାମୁଏଲ୍ ରିଚାର୍ଡସନ୍ (Samual Richardson) ନାମକ ଛାପାକଳର ଜଣେ ସାମାନ୍ୟ ଅଳ୍ପ ଶିକ୍ଷିତ କର୍ମଚାରୀ ପାମେଲା ବା ଧର୍ମର ଜୟ (Pamela of Virtue Rewarded)□□□□ ଗଳ୍ପ ସାହିତ୍ୟ

Powered by Tekons

41

ଜଟାୟୁ

ଅନ୍ୟାନ୍ୟ ରଚନା

ଇଂରାଜୀ ସାହିତ୍ୟର ଗତିଧାରା

କବି ରଘୁନାଥ ଦାସ

ପ୍ରକାଶ କରନ୍ତି। ଏହି ଗଳ୍ପର ବୈଶିଷ୍ଟ୍ୟ , ଏହାର ଘଟଣା ଗୁଡ଼ିକ ସତ୍ୟପ୍ରାୟ ପ୍ରତୀତ ହେଉଥିଲା, ବାସ୍ତବ ଜୀବନ ନେଇ ଏହା ସଂଗଠିତ ହୋଇଥିଲା। ଅଦ୍ୟାବଧି କେବଳ ଇଂରେଜୀ ସାହିତ୍ୟ ନୁହେଁ , ବିଶ୍ୱର ଯେକୌଣସି ସାହିତ୍ୟରେ ଯେଉଁ ସମସ୍ତ ଗଳ୍ପ ରଚିତ ହୋଇଥିଲା ତହିଁରେ କଳ୍ପନାର ବହୁଲ୍ୟ ପରିଲକ୍ଷିତ ହେଉଥିଲା। ତହିଁର ବର୍ଣ୍ଣିତ ଘଟଣାବଳୀ ବାସ୍ତବ ସାମାଜିକ ଜୀବନଠାରୁ ବହୁତ ଛାଡ଼ଥିଲା। ସେହିସବୁ କାହାଣୀ ଓ ରୂପକଥା ସାଙ୍ଗକୁ ବାସ୍ତବ ଜୀବନର ଚିତ୍ର ଦେଇ ଏ ଯେଉଁ ନୂତନ ପ୍ରକାରର ସୃଷ୍ଟି ହେଲା , ତାହା ଉପନ୍ୟାସ (Novel)□□□□□ ଅଭିହିତ ହୋଇ ସାହିତ୍ୟର ଏକ ବିଶିଷ୍ଟ ଅଙ୍ଗରୂପେ ଗଣ୍ୟ ହେବାକୁ ଲାଗିଲା। ରିଚାଡ଼ସନ୍ଙ୍କ ପ୍ରଥମ ଉପନ୍ୟାସର ପ୍ରକାଶଠାରୁ ଉପନ୍ୟାସ ସାହିତ୍ୟର ଆଦର କ୍ରମାଗତ ଗଢ଼ିଚାଲିଛି।

ରିଚାର୍ଡ଼ସନ୍ ଅତି ଚମତ୍କାର ଚିଠି ଲେଖି ପାରୁଥିଲେ। ତାଙ୍କର ପାମେଲା ଓ ପରବର୍ତ୍ତୀ ଉପନ୍ୟାସମାନଙ୍କରେ ପ୍ରକାଶଭଙ୍ଗୀ ମଧ୍ଯ ପତ୍ରର ଆଦାନପ୍ରଦାନରେ। ପାମେଲାର କଥାବସ୍ତୁ ଦରିଦ୍ର ଏକ ବାଳିକାର ପ୍ରେମ। ଧନି ପ୍ରେମିକ ସହିତ ତା 'ର ପ୍ରେମପଥରେ ପ୍ରଧାନ ଅନ୍ତରାୟ ହୋଇ ଛିଡ଼ା ହୋଇଛି ଦୌଲତ। ପାମେଲା ଏ ସମସ୍ୟାର ସମ୍ମାନଜନକ କରିପାରିଛି ବିବାହ ଦ୍ୱାରା। ପରବର୍ତ୍ତୀ 'କ୍ଲାରିସା 'ଉପନ୍ୟାସରେ ନାୟିକାର ଧନଦୌଲତ ଯଥେଷ୍ଟ କିନ୍ତୁ ନାୟକ ଅତି ଦରିଦ୍ର , ଅପଦାର୍ଥ। କ୍ଲାରିସାର ପ୍ରେମ କ୍ଲାରିସାର ଜୀବନକୁ ଦୁଃଖମୟ କରିଦେଇଛି , ପରିଶେଷରେ ଦୁଃସର ବିରହରେ ତା'ର ମୃତ୍ୟୁ ଘଟିଛି।

ରିଚାର୍ଡସନ୍ଙ୍କର ଉପନ୍ୟାସଗୁଡ଼ିକ ସରଳ ଓ ସୁଖପାଠ୍ୟ। ସାମାଜିକ ପରିବେଷ୍ଟନୀ ମଧ୍ୟରେ ଦୈନନ୍ଦିନ ଜୀବନର ଘଟଣାପ୍ରବାହରେ ଯେଉଁ କ୍ଷୁଦ୍ର ଓ ବୃହତ୍ ଭାବପ୍ରବଣତା ପ୍ରକାଶ ଲାଭ କରିଥାଏ , ଔପନାସିକ ସେଗୁଡ଼ିକୁ ଅତି ଯତ୍ନ ସହକାରେ ଲକ୍ଷ୍ୟ କରିପାରିଥିଲେ। ତେଣୁ ତାଙ୍କର ଲେଖାଗୁଡ଼ିକ ଭାବପ୍ରବଣତାରେ ରସପ୍ଲୁତ ହୋଇଅଛି। ରିଚାର୍ଡସନ୍ଙ୍କ ଦକ୍ଷତା ବହୁ ଔପନ୍ୟ୍ୟାସିକଙ୍କର ଈର୍ଷା ଜନ୍ମାଏ। ରିଚାର୍ଡ଼ସନ୍ଙ୍କର ଦୋଷଦର୍ଶୀମାନେ ତାଙ୍କର ନୀତିଶିକ୍ଷା ଦେବାର ପ୍ରବୃତ୍ତିକୁ ନାପସନ୍ଦ କରିଥାନ୍ତି। କିନ୍ତୁ ମନେ ରଖିବାକୁ ହେବ ଯେ ନୀତିଶିକ୍ଷାକୁ ସାହିତ୍ୟରେ ପ୍ରଧାନ ଏକ ଅଙ୍ଗ କରି ଥୋଇବାରେ ରିଚାର୍ଡ଼ସନ୍ ଯଦି ଦୋଷୀ , ତେବେ ତାଙ୍କ ଯୁଗର ପ୍ରଧାନ ପ୍ରଧାନ କବି ଓ ସାହିତ୍ୟିକ ମଧ୍ଯ ସେହି ଦୋଷରେ ଦୁଷ୍ଟ ; ଏହା ଯୁଗର ପ୍ରଭାବ ମାତ୍ର।

ହେନେରୀ ଫିଲଡିଙ୍ଗ (Henry Fielding) ପ୍ରଥମେ ନାଟ୍ୟକାର ହିସାବରେ ପରିଚିତ ହୋଇଥିଲେ ମଧ୍ଯ ଔପନ୍ୟାସିକ ଭାବରେ ଇତିହାସ ତାଙ୍କୁ ମନେରଖିଛି । ପାମେଲା ଉପନ୍ୟାସର ସାଫଲ୍ୟ ଦେଖି ଫିଲ୍ଡିଙ୍ଗ ଉପନ୍ୟାସ ଲେଖିବାକୁ ମନସ୍ଥ କଲେ। ତାଙ୍କର ଉପନ୍ୟାସମାନଙ୍କରେ ସମସାମୟିକ ଜୀବନର ଆଚାର ବ୍ୟବହାରର ନିଖୁଣ କିନ୍ତୁ ଆମେ ପାଇଥାଉଁ। ଏହି ବ୍ୟବହାରରେ ଯେଉଁ ଚାପଲ୍ୟ ଓ ଅଗଭୀରତା ପରିଲକ୍ଷିତ ହେଉଥିଲା , ବାହ୍ୟ ଆଡ଼ମ୍ବର ଓ ଚାକଚକ୍ୟର ପଶ୍ଚାତରେ ଯେଉଁ କୁତ୍ସିତତା ଲୁକ୍କାୟିତ ଥିଲା ଫିଲ୍ଡ଼ଙ୍ଗ ସେ ସବୁକୁ

Powered by Tekons

42

ଜଟାୟୁ

ଅନ୍ୟାନ୍ୟ ରଚନା

ଇଂରାଜୀ ସାହିତ୍ୟର ଗତିଧାରା

କବି ରଘୁନାଥ ଦାସ

ବ୍ୟଙ୍ଗ ଉପହାସ କରିଛନ୍ତି।ରିଚାର୍ଡ଼ସନ୍ଙ୍କର ଗାମ୍ଭୀର୍ଯ୍ୟପୂର୍ଣ୍ଣ ଉପଦେଶାତ୍ମକ ଉପନ୍ୟାସର ପାଠକମାନେ ଫିଲ୍ଡିଙ୍ଗ୍ଙ୍କର ହାସ୍ୟରସମୟ ପ୍ରକାଶଭଙ୍ଗୀରେ ସଜୀବତା ଓ ସରସତା ଉପଲବ୍ଧି କରିପାରିଥିଲେ ଟମ୍ସ୍ ଜୋନ୍ସ ଓ ଜୋନାଥନ୍ ଓ୍ୟାଇଲ୍ଡ଼ ତାଙ୍କର ବିଶିଷ୍ଟ ଉପନ୍ୟାସ।

ଉପନ୍ୟାସ ଲେଖା ଯେଉଁସବୁ ସାହିତ୍ୟିକମାନଙ୍କୁ ପ୍ରଲୋଭିତ କରିବାକୁ ଲାଗିଲା , ସେମାନଙ୍କ ମଧ୍ୟରେ ଏଠାରେ ସ୍ମୁଲେଟ୍ ଓ ଷ୍ଟାର୍ନେଙ୍କ ନାମ ଉଲ୍ଲେଖଯୋଗ୍ୟ। ବହୁସଂଖ୍ୟକ ଲେଖିକା ମଧ ଉପନ୍ୟାସରେ ହାତଦେଲେ। ଏହି ନାରୀ ଔପନ୍ୟାସିକମାନଙ୍କ ମଧ୍ୟରେ ପଲ୍ଲୀନିବାସୀ ଏକ ଧର୍ମ ପ୍ରଚାରକଙ୍କ କନ୍ୟା ଜେନ୍ ଅଷ୍ଟିନ୍ (Jane Austen)□□□□□□□ ସ୍ଥାନଅଧିକାର କରନ୍ତି। ଗାର୍ହସ୍ଥ୍ୟ ଜୀବନର ଟିକିନିଖି ବିଷୟ ହେବାରେ ,ପଲ୍ଲୀ ଜୀବନରେ କ୍ଷୁଦ୍ର କ୍ଷୁଦ୍ର ଘଟଣା ନେଇ ଯେପରି ପାରିବାରିକ ଓ ସାଂସାରିକ ସୁଖଦୁଃଖ ଆଶା ଓ ବିରହ ଗଠିତ ହୋଇଥାଏ,ତାହାର ନିଖୁଣ ଛବି ଆଙ୍କିବାରେ ଜେନ୍ ଅଷ୍ଟିନ୍ଙ୍କର ବିଶେଷ ଦକ୍ଷତା ଥିଲା। ଅନାସକ୍ତ ଭାବରେ ସେ ଗ୍ରାମବାସୀଙ୍କର ଅଳସ ମନ୍ଥର ଜୀବନର ଗତି ବର୍ଣ୍ଣନା କରିଯାଇଛନ୍ତି। ତାଙ୍କ ଉପନ୍ୟାସରେ ବିରାଟ ରୋମାଞ୍ଚକର କୌଣସି ଘଟଣା ଘଟିନାହିଁ , ପାଠକ ମନରେ ରୋମାଞ୍ଚ ବା ଶିହରଣ ଲାଗି ଉପାଦାନ ନାହିଁ , କିନ୍ତୁ ଉପନ୍ୟାସ ଗୁଡ଼ିକର ସାର୍ଥକତା ଜୀବନର ଅନାବିଳ ଅନତିରଞ୍ଜିତ ଛବି ଆଙ୍କିବାରେ ହିଁ ନିହିତ।

ଅଷ୍ଟାଦଶ ଶତାବ୍ଦୀର ପଦ୍ୟକୁ ଅନେକ ସମାଲୋଚକ କବିତା ବୋଲି ମାନିବାକୁ ନାରାଜ। ସେ ପଦ୍ୟରେ ହୃଦୟକୁ ସ୍ପନ୍ଦିତ କରିବାର ଉପାଦାନ ଅତ୍ୟଳ୍ପ। ଅଷ୍ଟାଦଶ ଶତାବ୍ଦୀର ପଦ୍ୟସାହିତ୍ୟ ଯେପରି ଦରିଦ୍ର , ସମସାମୟିକ ଗଦ୍ୟସାହିତ୍ୟ ସେହିପରି ସମୃଦ୍ଧ ଓ ଉନ୍ନତ। ଅଷ୍ଟାଦଶ ଶତାବ୍ଦୀଠାରୁ ଇଂରେଜୀ ଗଦ୍ୟସାହିତ୍ୟ ନିର୍ଦ୍ଦିଷ୍ଟ ରୂପ ଗ୍ରହଣ କଲା , ଗଦ୍ୟସାହିତ୍ୟ କ୍ରମଶଃ ଜନପ୍ରିୟ ହେବାକୁ ଲାଗିଲା। ଅତଃପର ଯୁଗମାନଙ୍କରେ ଯେଉଁ ଗଦ୍ୟ ସାହିତ୍ୟ ଗଢ଼ିଉଠିଛି ,ତାର ମୂଳଭିତ୍ତି ଏହି ଯୁଗରେ।

ଇଂରେଜୀ ସାହିତ୍ୟର ଗତିଧାରା (୯)

ଭିକ୍ଟୋରିଆ ଯୁଗ (୧୮୩୦-୧୯୦୦)

ଫରାସୀ ବିଦ୍ରୋହପରେ ଫ୍ରାନ୍ସ ନେପୋଲିୟନଙ୍କ ଅଧିନାୟକତ୍ୱରେ ୟୁରୋପରେ ଏକ ବିରାଟ ଶକ୍ତିରୂପେ ପ୍ରତିଷ୍ଠା ଲାଭ କରି ଇଂରେଜ ଜାତିର ବାଣିଜ୍ୟ ଓ ସାମ୍ରାଜ୍ୟ ପଥରେ ପ୍ରଧାନ ପ୍ରତିଦ୍ୱନ୍ଦୀ ହୋଇ ଛିଡ଼ାହେଲା। ଫଳରେ ଇଂଲାଣ୍ଡ ଓ ଫ୍ରାନ୍ସ ମଧ୍ୟରେ ଯୁଦ୍ଧ ଲାଗିଲା। ଯୁଦ୍ଧରେ ଇଂରେଜମାନେ ଜୟଯୁକ୍ତ ହେଲେ (ଖ୍ରୀ :ଅ:-୧୮୧୫) ସେମାନଙ୍କର ବାଣିଜ୍ୟ ପ୍ରସାର ଲାଗି ପଥ ବର୍ତ୍ତମାନ ସୁଗମ ହୋଇଗଲା। ଭିକ୍ଟୋରିଆଙ୍କ ଶାସନ କାଳ (ଖ୍ରୀ :ଅ:୧୮୧୫-୧୯୦୧) ମଧ୍ୟରେ ଯେଉଁ ସମାଜ ପ୍ରତିଷ୍ଠିତ ହେଲା , ସେଥିରେ ମାଲିକ ବା ବୁର୍ଜୟମାନେ ବାଣିଜ୍ୟମାନେ ବାଣିଜ୍ୟରୁ ପ୍ରଚୁର ଧନ ଉପାର୍ଜନ କଲେ , ମଧ୍ୟବିତ୍ତମାନେ ମଧ ତହିଁରୁ ବି ପଇସା

Powered by Tekons

43

ଜଟାୟୁ

ଅନ୍ୟାନ୍ୟ ରଚନା

ଇଂରାଜୀ ସାହିତ୍ୟର ଗତିଧାରା

କବି ରଘୁନାଥ ଦାସ

ପାଇଲେ, ଅବଶ୍ୟ କୁଲି ମଜୁରିଆଙ୍କର ଭାଗ୍ୟ ଲେଉଟିଲା ନାହିଁ ବେଲ ପାଚିଲେ କାଉର କି ଯାଏ?ଏହି ସମାଜରେ ଆମେ ଦେଖୁଁ ବିଜ୍ଞାନ ପ୍ରସାର ଲାଭ କରିଛି , ରାଜନୀତିରେ ଗଣତନ୍ତ୍ର ଆଗେଇଛି। (ରିଫରମ୍ ଆକ୍ଟ , ଫ୍ୟାକ୍ଟରୀ ଆକ୍ଟ ପ୍ରାଥମିକ ଶିକ୍ଷା ଆଇନ ପ୍ରଭୃତି)। ସଂସ୍କାର ଲାଭ ତାକରା ପଡ଼ିଛି। ଚିନ୍ତାଧାରାରେ ମନୁଷ୍ୟ ବିଜ୍ଞାନ ଉପରେ ଅଧିକ ଆସ୍ଥାବାନ ହୋଇପଡ଼ିଛି, ବାସ୍ତବ ଜୀବନ ପ୍ରତି ଅଧିକ ଦୃଷ୍ଟିପାତ କରୁଛି , ଦୁଃଖଦୈନ୍ୟ ଖାଲି ଭଗବାନଙ୍କ ଉପରେ ଲଦିଦେଇ ସେ ନିଦ ଯାଉନାହିଁ , ତାହାର କାରଣ ଅନୁସନ୍ଧାନ କରୁଛି। ଡାରଉଇନ୍ଙ୍କର ବିବର୍ତ୍ତନବାଦ ଅର୍ଥାତ୍ ନୋହାର ନୌକାରୁ ପ୍ରତି ପ୍ରାଣୀର ବଂଶ ଉଦ୍ଭବ ହୋଇ ଏହା କିପରି ଏକ ବିବର୍ତ୍ତନ ମଧ ଦେଇ ଏକରୁ ଅପରର ଉଦ୍ଭବ ହୋଇଅଛି ,-ଏହା ବୈଜ୍ଞାନିକ ମନୋଭାବର ଉଜ୍ଜ୍ୱଳ ଦୃଷ୍ଟାନ୍ତ। ବିଜ୍ଞାନ ହେଉଛି ନବ ଯୁଗର ବାଇବେଲ୍। ସର୍ବହରା ସଂପ୍ରଦାୟ ବର୍ତ୍ତମାନ ସଂଗଠିତ ହୋଇନାହାନ୍ତି , ସେମାନଙ୍କ ମଧରେ ଜାଗରଣ ଦେଖା ଦେଇନାହିଁ , ମଧବିତ୍ତଙ୍କ ଅଧିନାୟକତ୍ୱରେ ଏଠି ସେଠି ସେମାନଙ୍କର ଅବସ୍ଥାର ଉନ୍ନତି ଲାଗି କିଛି କରାଯାଉଛି , ବିଶ୍ୱାସ କରାଯାଉଛି ସଂସ୍କାର ଦ୍ୱାରା ସମାଜରୁ ଦୋଷଦୂଷଣ ସବୁ ଦୂର କରାଯାଇପାରିବ। ଏ ସମାଜରେ ଶିକ୍ଷାର ପ୍ରସାର ହୋଇଛି। ପତ୍ରପତ୍ରିକାର ଅଭାବ ନାହିଁ। ଜ୍ଞାନ କାହାରି ଏକଚାଟିଆ ହୋଇ ରହିନାହିଁ

ପୂର୍ବବର୍ତ୍ତୀ କଳ୍ପନାବହୁଳ ଉଚ୍ଛ୍ୱସିତ ରୂପକବିତାଠାରୁ ଭିକ୍ଟୋରିଆ ଯୁଗର ସାହିତ୍ୟ ସାମାଜିକ ଜୀବନର ନିକଟବର୍ତ୍ତୀ ହୋଇଛି , ସମାଜର ଉନ୍ନତି ଲାଗି ତା ’ର କର୍ତ୍ତବ୍ୟ ଅଛି ବୋଲି ଉପଲବ୍ଧି କରିପାରିଛି , ସାହିତ୍ୟ ବାସ୍ତବ ଜୀବନର ଚିତ୍ର ଆଙ୍କୁଛି , ବିଶ୍ୱାସର କଥା ନ କହି ବିଜ୍ଞାନସମ୍ମତ କଥା କହୁଛି , ସାମାଜିକ ସଂସ୍କାର ଲାଗି ସୁର ଟେକୁଛି , ମାର୍ଗ ନିର୍ଦ୍ଧାରଣ କରୁଛି।

କବିତାରେ ମାତ୍ରଦୁଇଜଣ କବି ଖ୍ୟାତି ଅର୍ଜନ କରିପାରିଥିଲେ -ଆଲ୍ଫ୍ରେଡ୍ ଟେନିସନ୍ ଓ ରବର୍ଟବ୍ରାଉନିଂ। ଜୀବନରେ ଉଲ୍ଲ୍ୱାସ ଓ କଳ୍ପନାବିଳାସ ଲାଗି ଅବସର ନ ଥିବା ହେତୁ କବିତା ପାଇଁ ଏହି ଯୁଗ ଅନୁକୂଳ ହୋଇନଥିଲା। ଯୁକ୍ତି , ବର୍ଣ୍ଣନା , ସାମାଜିକ ଚିତ୍ର , ବିଶଦ ବ୍ୟାଖ୍ୟାନ ଲାଗି ଗଦ୍ୟ ପ୍ରଶସ୍ତ , ଗଦ୍ୟର ହିଁ ଅଧିକ ଆଦର ବଢ଼ିଥିଲା। ତଥାପି ଟେନିସନ୍ ଓ ବ୍ରାଉନିଂଙ୍କ ଲେଖନୀରୁ କବିତାଭଣ୍ଡାରକୁ ଏ ଯୁଗର ଦାନ ଅତ୍ୟଳ୍ପ ବୋଲି ଗଣ୍ୟ ହୋଇନପାରେ। ଉଭୟ କବି କବିତାର ଏକାନ୍ତ ଉପାସକ ଥିଲେ ଏବଂ ସେ ଯୁଗର ଭାବଧାରୀ ସେହିମାନଙ୍କର କବିତା ପ୍ରାଣ ପାଇଛି , ମୂର୍ତ୍ତିମନ୍ତ ହୋଇଛି।

ଟେନିସାନ୍ (ଖ୍ରୀ : ଅ:୧୮୦୯-୧୮୯୨) ଛାତ୍ରାବସ୍ଥାରୁ ସାହିତ୍ୟ ସାଧନାରେ ମନ ବଳାଇଥିଲେ। ତାଙ୍କର ବନ୍ଧୁ ଆର୍ଥର ହାଲାମ୍ଙ୍କର ଅକାଳ ମୃତ୍ୟୁରେ ଗଭୀର ଭାବେ ବ୍ୟଥିତ ହୋଇ ସେ ‘ସ୍ମୃତି ’(In Memorium)□□□□ ଏକ କାବ୍ୟ ଲେଖିବାକୁ ଆରମ୍ଭ କଲେ। ଏହି ଗ୍ରନ୍ଥରେ ଜୀବନ , ମୃତ୍ୟୁ ଓ ତତ୍ପରବର୍ତ୍ତୀ ଜୀବନ ବିଷୟରେ ତାଙ୍କର ଦାର୍ଶନିକ ଚିନ୍ତା ଲିପିବଦ୍ଧ କରିଅଛନ୍ତି। ଅଳ୍ପକାଳ ମଧରେ କବି ରୂପରେ ଟେନିସନ୍ ନିଜର ପ୍ରତିଷ୍ଠା ଲାଭ

Powered by Tekons

44

ଜଟାୟୁ

ଅନ୍ୟାନ୍ୟ ରଚନା

ଇଂରାଜୀ ସାହିତ୍ୟର ଗତିଧାରା

କବି ରଘୁନାଥ ଦାସ

କରି ପାରିଥିଲେ ଏବଂ ଖ୍ରୀ :ଅ:୧୮୫୦ରେ କବି ୱାଡ଼ସ୍‌ଓ୍ୱାର୍ଥଙ୍କ ମୃତ୍ୟୁ ପରେ ସେ ଇଂଲଣ୍ଡର ରାଜକବି ମନୋନୀତ ହେଲେ । ଟେନିସନ୍‌ଙ୍କ ଜୀବନ ବୈଚିତ୍ର୍ୟମୟ ନଥିଲା , ଉତ୍ଥାନ ଓ ପତନ ଦ୍ୱାରା ବନ୍ଧୁର ହୋଇନଥିଲା , ଏକ ଶାନ୍ତିମୟ ଜୀବନ ସେ ନିର୍ବାହ କରିଥିଲେ। ବହୁ କାବ୍ୟର ରଚୟିତା ଟେନିସନ୍‌ଙ୍କ ପ୍ରଥମ କବିତାମାନଙ୍କ ଉପରେ ରୂପ ସାହିତ୍ୟରେ ଛାୟା ପଡ଼ିଛି -ବିଶେଷତଃ କବି କିଟସ୍‌ଙ୍କର ଏକ କାଳ ମଧ୍ୟରେ ଲେଖା ହୋଇଥିବା କବିତାମାନଙ୍କରେ କବି କେବଳ ମାତ୍ର ଆଦର୍ଶ ରାଜ୍ୟରେ ଭ୍ରମିଛନ୍ତି , ସ୍ୱପ୍ନରାଜ୍ୟର କଳ୍ପନା କରିଛନ୍ତି। ପରବର୍ତ୍ତୀ କବିତାମାନଙ୍କରେ (ଖ୍ରୀ :ଅ:୧୮୪୨ପରେ) କବି ସାମାଜିକ ଜୀବନର ସମସ୍ୟା ନେଇ ବ୍ୟସ୍ତ , ସମସାମୟିକ ଚିନ୍ତାଧାରା ପ୍ରତି ଅଧି ଶ୍ରଦ୍ଧା ପ୍ରଦର୍ଶନ କରିଛନ୍ତି। '□□□□□□□□'(The Princess) କବିତାରେ କବି , ଖୋଲାଖୋଲି ଭାବରେ ନାରୀ ସମସ୍ୟା ଉପରେ ତାଙ୍କର କାବ୍ୟକୁ ପ୍ରତିଷ୍ଠିତ କରିଛନ୍ତି। କିନ୍ତୁ କବି ଏ ସମସ୍ତ ସମସ୍ୟା ଉପରେ ଲେଖୁଥିଲା ବେଳେ ବି ସିଧାସଳଖ କଥାଟା କହିବାକୁ ପଛାଇଛନ୍ତି -କଳ୍ପନା ଓ ବାସ୍ତବ ମଧ୍ୟରେ ଏକ ଆପୋଷ ସୃଷ୍ଟି କରିବାକୁ ଚେଷ୍ଟା କରିଛନ୍ତି , ଫଳତଃ କାବ୍ୟଗୁଡ଼ିକର ଅବୟବ ସୁଷ୍ଠୁ ଓ ସୁଗଠିତ ହୋଇପାରିନାହିଁ। ରୂପସାହିତ୍ୟର ଉପଯୋଗୀ କଳ୍ପନା ସହିତ ସମସାମୟିକ ସମସ୍ୟାର ସମ୍ମିଶ୍ରଣ କରିବାରେ ରାଧାନାଥ ଟେନିସସନଙ୍କର ଭକ୍ତ ଥିଲେ ଓ କବି ଯେନିସନ୍‌ଙ୍କ କାବ୍ୟ ଓ ଶୈଳୀ ରାଧାନାଥଙ୍କୁ ଗଭୀର ଭାବେ ପ୍ରଭାବିତ କରିଥିଲା।

ଟେନିସନ୍ ପ୍ରକୃତିକୁ ଜୀବନ୍ତ କରି କଳ୍ପନା କରି ନାହାନ୍ତି। ଘର ସଜାଇବା ଲାଗି ଯେପରି ଫୁଲ ଓ ପତ୍ର ଆମେ ଲୋଡ଼ିଥାଉ , ସେହିପରି ଟେନିସନ୍ ପ୍ରକୃତିକୁ ଆଣି ତାଙ୍କର କାବ୍ୟ ମଧ୍ୟରେ ଖଞ୍ଜିଦେଇ ସୌନ୍ଦର୍ଯ୍ୟ ବୃଦ୍ଧି କରିଛନ୍ତି ମାତ୍ର । ଯହିଁ ଦୁଃଖ ଓ ଶୋକର ଚିତ୍ର ଦିଆଯାଇଛି , ସେଠି ପ୍ରକୃତିକୁ ଦୀନ , ରୁକ୍ଷ ଭାବରେ ଫୁଟାଇ କବି ତାଙ୍କର ରସକୁ ଅଧିକ ଗଭୀର କରିବାକୁ ଚାହିଁଛନ୍ତି। ଟେନିସ୍ନ ପ୍ରକୃତିର ଯେଉଁ ଚିତ୍ର ଆଙ୍କୁଥିଲେ ତାହା ଖାମଖିଆଲି ନୁହେଁ , ବିଜ୍ଞାନ ସମ୍ମତ। ବାହ୍ୟଜଗତରେ ସତ୍ୟମୂଳକ ଘଟଣା ଉପରେ ସେ ଶିଳ୍ପୀର ତୂଳିକା ଚଳାଇ ତାକୁ ରଞ୍ଜିତ କରୁଥିଲେ।

ମଧ୍ୟବିତ୍ତ ସଂପ୍ରଦାୟକ ଦୃଷ୍ଟିକୋଣରୁ କବି ଜୀବନକୁ ଦେଖିଛନ୍ତି। ଏକ ଦିଗରେ ଅଭିଜାତ ପ୍ରତି ସମ୍ମାନ , ଶାନ୍ତିପୂର୍ଣ୍ଣଜୀବନ ପ୍ରତି ଶ୍ରଦ୍ଧା , ଅପର ଦିଗରେ ଦୀନଦରିଦ୍ରଙ୍କ ପ୍ରତି ସହାନୁଭୂତି , ସଂସ୍କାର ଜରିଆରେ ପୃଥିବୀରୁ ଓ ସମାଜରୁ ସମସ୍ତ ଆବର୍ଜନା ଦୂର କରିବାର ଆକାଂକ୍ଷା ତାଙ୍କ ସୃଷ୍ଟିରେ ପ୍ରତିଫଳିତ। ପ୍ରାୟତଃ ସେ ଅଭିଜାତ ଜୀବନର ଚିତ୍ର ଆଙ୍କିଛନ୍ତି ଯଥା-ରାଜା ,ସାମନ୍ତ , ରାଜଜେମା ,ଭଦ୍ରବ୍ୟକ୍ତିମାନଙ୍କ ଚିତ୍ର। ଦରିଦ୍ରର ଦୃଷ୍ଟିକୋଣରୁ ସେ ସଂସାରକୁ ବିଚାର କରିନାହାନ୍ତି।ତାଙ୍କ ଲେଖାରେ ବିଦ୍ରୋହର ଚିହ୍ନ ନାହିଁ , ଆଦର୍ଶର ଉନ୍ମାଦନା ନାହିଁ , ବିପ୍ଳବର ତେଜସ୍ୱିତା ନାହିଁ , ଅଛି ମଧୁର ଶାନ୍ତିମୟ ନିସ୍ତରଙ୍ଗ ଭାବପ୍ରବାହ।

ଭାଷାଶୈଳୀ ଉପରେ ଟେନିସନ୍ ଖୁବ୍ ଜୋର ଦେଉଥିଲେ। ରଞ୍ଜିତ ଭାଷା ଓ ଭାବଦ୍ୟୋତ

Powered by Tekons

45

ଜଟାୟୁ

ଅନ୍ୟାନ୍ୟ ରଚନା

ଇଂରାଜୀ ସାହିତ୍ୟର ଗତିଧାରା

କବି ରଘୁନାଥ ଦାସ

ପ୍ରକାଶଭଙ୍ଗୀ ପ୍ରତି ସେ ଯେଉଁ ପରିମାଣରେ ଯତ୍ନବାନ୍ ଭାଷାର ମାଧୁର୍ଯ୍ୟ , କଥାବସ୍ତୁର ପ୍ରାଞ୍ଜଳତା ପ୍ରତି ବ୍ରାଉନିଂ ସେହି ପରିମାଣର ଯତ୍ନହୀନ। ଟେନିସନ୍ ଯାହାକୁ ଦର୍ଶନ ବୋଲି ଆଖ୍ୟା ଦେଇ ଅତି ଯତ୍ନ ସହକାରେ ଚିତ୍ରିତ ଭାଷାପୁଟରେ ସଂପାଦିଥାନ୍ତି , ଯାହାକୁ ତାଙ୍କର ବାଣୀ ବୋଲି ସମସ୍ତଙ୍କ ଆଗରେ ବାଢ଼ିଥାନ୍ତି ତାହା ଅନେକ ସମୟରେ ଅତି ତୁଚ୍ଛ ଭାବନା ମାତ୍ର। ଅପରପକ୍ଷରେ ବ୍ରାଉନିଂ ଅତି ଉଚ୍ଚ ଆଦର୍ଶକୁ ଅସ୍ପଷ୍ଟ , ଦୀନ ଭାଷାରେ ପ୍ରକାଶ କରିଥାନ୍ତି -ଭାଷା ଚିତ୍ରଣ ଦିଗକୁ ବିଲ୍କୁଲ୍ ଅବହେଳା କରିଥାନ୍ତି।

ବ୍ରାଉନିଂ (ଖ୍ରୀ ;ଅ; ୧୮୧୨-୧୮୮୯) ଶୈଶବ ଅବସ୍ଥାରୁ ତାଙ୍କର ଧୀମତ୍ତା ଓ କବିତ୍ୱର ପରିଚୟ ଦେଇଥିଲେ। ତାଙ୍କୁ ଯେତେବେଳେ ମାତ୍ର ବାରବର୍ଷ ବୟସ , ସେ ତାଙ୍କର ପ୍ରଥମ କବିତାଗୁଚ୍ଛ ଲେଖିଥିଲେ , କିନ୍ତୁ ପ୍ରକାଶକ ଅଭାବରୁ ସେ ସେଗୁଡ଼ିକୁ ଚୁଲିରେ ପକାଇଦେଲେ। ତଥାପି ସେ ଲେଖିବା ଛାଡ଼ି ଦେଇନଥିଲେ। କିନ୍ତୁ ବହୁକାଳ ଧରି ତାଙ୍କ କବିତା ଇଂଲାଣ୍ଡରେ ଆଦୃତ ହୋଇନଥିଲା। ଯୌବନରେ ସେ ଏଲିଜାବେଥ୍ ବାରେଟ୍ ବୋଲି ଜଣେ ବୟୋଜ୍ୟେଷ୍ଠା ନାରୀ କବିଙ୍କର କବିତାରେ ମୁଗ୍ଧ ହୋଇ ତାଙ୍କୁ ବିଚାର କରିବାକୁ ମନସ୍ଥ କଲେ। କିନ୍ତୁ କନ୍ୟାପିତା ବିବାହ ଲାଗି ସମ୍ମତି ନ ଦେବାରୁ ସେମାନେ ଗୋପନରେ ବିବାହ କରି ଇଂଲାଣ୍ଡ ଛାଡ଼ି ଇତାଲୀ ଚାଲିଗଲେ। ଇତାଲୀରେ ବ୍ରାଉନିଂଙ୍କ ଜୀବନର ବହୁବର୍ଷ କଟିଗଲା ଏବଂ ଇତାଲୀ ବ୍ରାଉନିଂଙ୍କର ଜୀବନର କବିପ୍ରତିଭାକୁ ଅନେକାଂଶରେ ପ୍ରଭାବିତ କରିଥିଲା। ଯୌବନ ଓ ପ୍ରେମର ଗୀତିକା କବି କଣ୍ଠଭରି ଗାଇଛନ୍ତି। କବିଙ୍କ ମତରେ ପ୍ରେମର କାଉଁରୀ ସ୍ପର୍ଶ ଧରଣୀର ସବୁ ଦୁଃଖଦୈନ୍ୟ ଦୂରକୁ ଠେଲିଦିଏ , ଜୀବନକୁ ନବଯୌବନରେ ଅଭିଷିକ୍ତ କରେ।

ବ୍ରାଉନିଂ ଅତି ଉଚ୍ଚକୋଟୀର ଚିନ୍ତାବିତ୍ ଥିଲେ। ପ୍ରତ୍ୟେକ ବିଷୟକୁ ସେ ଏକ ନୂଆ ଦୃଷ୍ଟିକୋଣରୁ ଦେଖୁଥିଲେ। ବ୍ରାଉନିଂଙ୍କ ମତରେ ଆମେ ଧର୍ମର ଲଉଡ଼ି ଧରି ଜୀବନର ଗତିପଥରେ ଚାଲି ପାରିବା ନାହିଁ , ପ୍ରକୃତିର ସ୍ରୋତରେ ବି ଆପଣାକୁ ଭସାଇ ଦେଇ ପାରିବା ନାହିଁ। ପ୍ରକୃତିରେ ଭଲ ଓ ମନ୍ଦ ଉଭୟ ଅଛି , ତାହାର ନୀତିଶିକ୍ଷା ବିଷୟରେ କୌଣସି ପ୍ରଶ୍ନ ଉଠିପାରେ ନାହିଁ। ଭାଗ୍ୟ ଉପରେ ବି ନିର୍ଭର କରାଯାଇନପାରେ , କାରଣ ଅନେକ ସମୟରେ ତ ଧର୍ମର ପରାଜୟ ଓ ପାପର ଜୟ ହୋଇଥାଏ। କେବଳ ଆପଣା ଆତ୍ମାର ବାଣୀ ନିଶ୍ଚିତ। ତାହା ଭ୍ରାନ୍ତି ଉପରେ ପ୍ରତିଷ୍ଠିତ ହେଲେ ବି ଆତ୍ମାର ବାଣୀଦ୍ୱାରା ଚାଳିତ ଜୀବନ ଅର୍ଥହୀନ ନୁହେଁ। ଅନ୍ତରର ବାଣୀ ମନରେ ବଳ ଦିଏ , ଅଭିଳାଷର ସଂଚାର କରେ, ହୃଦୟକୁ ଶକ୍ତିମାନ୍ କରେ , ପ୍ରାଣକୁ ଉଦ୍ଦୀପିତ କରେ , ତେଣୁ ତାହା କାମ୍ୟ। ଯେଉଁ ପ୍ରାଣରେ ସ୍ପନ୍ଦନ ନାହିଁ , ଯେଉଁ ଜୀବନରେ ବ୍ୟକ୍ତିତ୍ୱ ଲୋପ ପାଇଛି , ସେ ଜୀବନର ମୂଲ୍ୟନାହିଁ , ଅର୍ଥ ନାହିଁ। ଏହି ମୌଳିକ ଚିନ୍ତା ପ୍ରୟୋଗ କରି ବ୍ରାଉନିଂ କେତେକ ବ୍ୟକ୍ତିଙ୍କର ଚରିତ୍ର ତାଙ୍କର କବିତାରେ ଫୁଟାଇଛନ୍ତି - ଅପାତତଃ ପରାହତ, ଭ୍ରଷ୍ଟ କେତୋଟି ଜୀବନ ; କିନ୍ତୁ ଅନ୍ତରର ବାଣୀଦ୍ୱାରା ପ୍ରଣୋଦିତ ହୋଇଥିବାରୁ ସେହି ପରାଜୟ ମହତ୍ ହୋଇପାରିଛି, ସେହି ଭ୍ରଷ୍ଟ ଜୀବନ ଅର୍ଥପୂର୍ଣ୍ଣ ହୋଇଛି। ଚରିତ୍ରର ନିଜ ଦୃଷ୍ଟିକୋଣରୁ ସେ ଦୁନିଆକୁ ଦେଖିଛନ୍ତି , ସେମାନଙ୍କର ମନୋଭାବ ଓ କ୍ଷଣିକ ଜୀବନକୁ ଫୁଟାଇ ପାରିଛନ୍ତି। ବ୍ରାଉନିଂଙ୍କର କବିତାବଳୀ ମଧ୍ୟରେ ପିପି ପାସେସ୍ (Pippa

Powered by Tekons

46

ଜଟାୟୁ

ଅନ୍ୟାନ୍ୟ ରଚନା

ଇଂରାଜୀ ସାହିତ୍ୟର ଗତିଧାରା

କବି ରଘୁନାଥ ଦାସ

Passes), ନାଟକୀୟ କବିତାବଳୀ ରାଜା ଭିକ୍ଟର ଓ ରାଜା ଚାର୍ଲସ।

ଏ ଯୁଗର ଅନ୍ୟ କବିମାନଙ୍କ ମଧ୍ୟରେ □□□□□□□(Rossetti) ମରିସ୍ (Moris)ସୁଇନିବର୍ଣ୍ଣ (Swinborne) ଓ ବ୍ରାଉନିଂଙ୍କ ପତ୍ନୀ ଏଲିଜାବେଥ୍ , ବ୍ରାଉନିଂ ଉଲ୍ଲେଖଯୋଗ୍ୟ । ରୋଷେଟି ଙ୍କ ସାରଲ୍ୟ , ମାରିସଙ୍କର ସୌନ୍ଦର୍ଯ୍ୟ ପିପାସା , ସୁଇନ୍ବର୍ଣ୍ଣଙ୍କର ଲାଳିତ୍ୟ ସେମାନଙ୍କର ଲେଖାକୁ ଆଦରଣୀୟ କରିଛି। ଏଲିଜାବେଥ୍ ବ୍ରାଉନିଂଙ୍କର ଦାନ , ମୂଲ୍ୟବାନ ଚତୁର୍ଦ୍ଦଶପଦ୍ୟ କବିତାଗୁଚ୍ଛ।

ଜନସାଧାରଣଙ୍କ ମଧ୍ୟରେ ଶିକ୍ଷାର ବହୁଳ ପ୍ରସାର ହେବାରୁ ଗଦ୍ୟସାହିତ୍ୟ ଅଧିକ ଲୋଡ଼ା ହେଲା, ବିଶେଷତଃ ଗଳ୍ପ ଓ ଉପନ୍ୟାସ। ଏହି ସମୟରେ ଇଂଲାଣ୍ଡରେ ଶିଳ୍ପକେନ୍ଦ୍ର ସଂଖ୍ୟା ବହୁତ ବଢ଼ିଯାଇଥାଏ -ଅଧିକାଂଶ ଲୋକେ ନଗରବାସୀ। ସ୍କଟ୍ , ଜେନ୍ ଅଷ୍ଟିନ୍ ପ୍ରଭୃତି ଯେଉଁ ଉପନ୍ୟାସ ଲେଖିଥିଲେ ସେଥିରେ ନଗରବାସୀ ସେମାନଙ୍କର ଜୀବନର ଚିତ୍ର ପାଇଲେ ନାହିଁ - ଗ୍ରାମ୍ୟଜୀବନ ନେଇ ତାହା ରଚିତ ହୋଇଥିଲା। ଚାର୍ଲସ୍ ଡିକେନ୍ସ (Charles Dickens) ସହରର ଜୀବନକୁ ଚିତ୍ରକରି ଉପନ୍ୟାସ ଲେଖିବାରେ ପ୍ରଥମ। ବାଲ୍ୟ ଅବସ୍ଥାରେ ଦାରୁଣ ଦାରିଦ୍ର୍ୟର ସମ୍ମୁଖୀନ ହୋଇ ସେ ସହରତଳି ଜୀବନ ସହିତ ଅତି ଘନିଷ୍ଠ ଭାବେ ଜଡ଼ିତ ଥିଲେ। ଡିକେନ୍ସନ୍ ଉଚ୍ଚଶିକ୍ଷା ପାଇବାର ସୁଯୋଗ ପାଇନଥିଲେ। ପ୍ରଥମେ ମୋହରିର , ତତ୍ପରେ ସଟହ୍ୟାଣ୍ଡ ଲେଖକ ହୋଇ ଆପଣାର ଜୀବିକା ନର୍ବାହ କରିଥିଲେ। କରୁଣ ରସ ସହିତ ହାସ୍ୟରସ ମିଳାଇ ଲେଖିବାର ଅଦ୍ଭୁତ କୌଶଳ। ଡିକେନ୍ସଙ୍କର ଉପନ୍ୟାସକୁ ପାଠକ ନିକଟରେ ଆବୃତ କରିପାରିଥିଲା। ଏକ ଆଖିରେ ହସେଇ,ଆଉ ଆଖିରେ କନ୍ଦେଇ ଡିକେନ୍ସ ସମାଜ ସଂସ୍କାର ଲାଗି ଉପାଖ୍ୟାନ ଛଳରେ ଆତର୍କିତ ଭାବେ ନୀତିଶିକ୍ଷା ଦିଅନ୍ତି। ତାଙ୍କର ଲେଖା ମାନବିକତାର ପୂର୍ଣ୍ଣ , ସବୁରି କଷ୍ଟରେ ତାଙ୍କ ସହାନୁଭୂତି ବିପ୍ଳବ ଓ ଉଦାର। ବର୍ଣ୍ଣିତ ବସ୍ତୁ , ଚରିତ୍ର ଓ ଘଟଣାକୁ ଆଖି ଆଗରେ ନଚେଇ ଦେବାର ଶକ୍ତି ତାଙ୍କର ଥିଲା। ହାସ୍ୟରସର ବାହୁଲ୍ୟ ହେତୁରୁ ଡିକେନ୍ସଙ୍କ ଚରିତ୍ର -ଚିତ୍ରଣ ଅଧିକାଂଶ ସମୟରେ କାର୍ଟୁନ ଚିତ୍ର ଭଳି ହୋଇଥାଏ। ବଳିଷ୍ଠ କଳ୍ପନା , ଅଦ୍ୱିତୀୟ ଶୈଳୀ , ଜୀବନ ବର୍ଣ୍ଣନା ,ଚରିତ୍ର ଚିତ୍ରଣ କରିବାରେ ଚମତ୍କାରିତା ଡିକେନ୍ସଙ୍କୁ ଇଂଲଣ୍ଡର ସର୍ବଶ୍ରେଷ୍ଠ ଔପନ୍ୟାସିକ ଆସନ ଦେଇଅଛି। ତାଙ୍କର ବହୁ ଉପନ୍ୟାସ ମଧ୍ୟରୁ ମାତ୍ର କେତୋଟିର ନାମ ଦିଆହେଲା -ପିକ୍ୱିକ୍ , ଡେଭିଡ୍ କପରଫିଲ୍ଡ , ଓଲିଭର ଟୁଇଷ୍ଟ , ନିକୋଲାସ୍ ନିକୋଲ୍ବି।

ଏ ଯୁଗର ଅପର ଏକ ବଡ଼ ଔପନ୍ୟାସିକ ହେଉଛନ୍ତି ଉଇଲିୟମ୍ ଥେକ୍ରେ (Willam Make Peace Thackeray)□□□□□□ କଲିକତାରେ (ଖ୍ରୀ ;ଅ;୧୮୧୯) ଜନ୍ମ , ତାଙ୍କର ପିତା ଥିଲେ ଇଷ୍ଟ ଇଣ୍ଡିଆ କମ୍ପାନୀରେ ଜଣେ କର୍ମଚାରୀ। ସାତବର୍ଷ ବେଳେ ଥେକରେ ଇଂଲାଣ୍ଡକୁ ଫେରିଯାଇଥିଲେ। ତାଙ୍କ ପ୍ରଧାନ ଉପନ୍ୟାସ ମଧ୍ୟରେ ଏସ୍ମଣ୍ଡ , ଭେନିଟି , ଫେଆର (Vanity Fair),□□□□□□□ ଏବାଉଟ୍ ପେପର୍ସ (Roundabout Papers), ଆଗନ୍ତୁକ। ଥେକରେ ସମାଜର ତଥାକଥିତ ଦୁଶ୍ଚରିତ୍ର , ଠକ ଓ ପାଜିମାନଙ୍କର ମନସ୍ତତ୍ତ୍ୱ ପ୍ରକାଶ କରିବାରେ ବିଶେଷ

Powered by Tekons

47

ଜଟାୟୁ

ଅନ୍ୟାନ୍ୟ ରଚନା

ଇଂରାଜୀ ସାହିତ୍ୟର ଗତିଧାରା

କବି ରଘୁନାଥ ଦାସ

ଦକ୍ଷତା ଦେଖାଇଛନ୍ତି। ଏକ ଦିଗରେ ଡିକେନ୍ସ ଯେପରି ଜାତୀୟ ଦୁର୍ବଳତାକୁ ବ୍ୟଙ୍ଗ କରିଛନ୍ତି , ଥେକରେ ଅପର ଦିଗରେ ସେହିପରି ସାମାଜିକ ପାରମ୍ପରିକ ଜାତିରୁ ବିଦ୍ରୁପ କରିଛନ୍ତି। ଡିକେନ୍ସଙ୍କ ଲେଖାରେ ଅତିରଞ୍ଜନ ବହୁ ସ୍ଥାନରେ ଦେଖାଯାଏ ; ଥେକରେ କିନ୍ତୁ ଅତି ବାସ୍ତବ ଚିତ୍ର ଆଙ୍କିବାର ପକ୍ଷପାତୀ।

ଏହି ଯୁଗର ଅନ୍ୟାନ୍ୟ ବହୁ ଉପନ୍ୟାସ ଲେଖକ ଓ ଲେଖିକା ସାହିତ୍ୟର କଳେବର ବୃଦ୍ଧି ସାଧନ କରିଛନ୍ତି। ଭିକ୍ଟୋରିୟା ଯୁଗର ଶେଷ ଭାଗରେ ଆମେ ଦୁଇଜଣ ଔପନ୍ୟାସିକଙ୍କର ନାମ ଶୁଣିବାକୁ ପାଉଁ -ଜର୍ଜ ମେଗିଡିଥ୍ ଓ ଟୋମସ୍ ହାର୍ଡ଼ି (Thomas Hardy)। ମେଗିଡିଥ୍ ସମସାମୟିକ ଜାତୀୟ ରୀତିନୀତିର ଚିତ୍ରଣ କରି ଜାତୀୟ ଦୋଷଦୁର୍ବଳତା ଓ ଗୁଣପ୍ରତି ପାଠକମାନଙ୍କର ଦୃଷ୍ଟି ଆକର୍ଷଣ କରିଛନ୍ତି। ହାର୍ଡ଼ି କଳ୍ପନା କରିଛନ୍ତି ଏକ ଭାଗ୍ୟଚକ୍ର ; ଅଚେତନ,କଳ ଭଳି-ଯାହା ଧର୍ମାଧର୍ମ ନିର୍ବିଶେଷରେ ମନୁଷ୍ୟର ଜୀବନକୁ ନିୟନ୍ତ୍ରିତ ବା ନିଷ୍ପେସିତ କରୁଛି। ତାଙ୍କର ଉପନ୍ୟାସଗୁଡ଼ିକର ବିଷୟବସ୍ତୁ ଏହି ଦର୍ଶନ ଉପରେ ପ୍ରତିଷ୍ଠିତ। ମେରିଡିଥ୍ ,ଜୀବନରେ ଆନନ୍ଦ ଓ ଆଲୋକ ଦେଖୁଥିଲେ। ହାର୍ଡି ଦୁଃଖ ଓ ନୈରାଶ୍ୟର ଅନ୍ଧକାରରେ ତାଙ୍କର ଉପନ୍ୟାସ ଗୁଡ଼ିକ ଅତି ମର୍ମନ୍ତୁଦ କରିଛନ୍ତି। ତତ୍କାଳୀନ ସମାଜରେ ବହୁ ସତ୍ ଲୋକଙ୍କର ଦାରିଦ୍ର୍ୟ ଓ ଦୂରବସ୍ଥା ଏବଂ ବହୁ ଅସତ୍ ଲୋକଙ୍କର ବୈଷୟିକ ଉନ୍ନତି ଦେଖି ଧର୍ମାଧର୍ମ ଦୃଷ୍ଟିକୋଣରୁ ଏ ବୈଷମ୍ୟର କୌଣସି ସମାଧାନ ନ ପାଇ ଏକ ଦିଗରେ ମେଗିଡିଥ୍ 'ଜୀବନରେ ସୁଖଦୁଃଖ , ଭଲମନ୍ଦ ଲାଗି ରହିଛି , ସବୁ ଉପଭୋଗ କର'ଏହା କହି ସନ୍ତୁଷ୍ଟ ରହିଥିବା ବେଳେ ହାର୍ଡ଼ି ଏକ କାଳ୍ପନିକ ଭାଗ୍ୟଚକ୍ର ଦ୍ୱାରା ସମସ୍ୟାର ଏକ ସରଳ ସମାଧାନ କରିଦେଇଛନ୍ତି।

ଜନ୍ ଇସ୍କିନ୍ ଓ ଟୋମସ୍ କାର୍ଲାଇଲ୍ ନାମକ ଦୁଇ ଜଣ ପ୍ରତିଭାଶାଳୀ ବ୍ୟକ୍ତି ଏହି ଯୁଗରେ ଜନ୍ମଗ୍ରହଣ କରିଥିଲେ।ଏମାନଙ୍କର ସାହିତ୍ୟକୁ ଦାନ ବିପୁଳ ହୋଇନଥିଲେ ବି ଯୁଗର ଚିନ୍ତାଧାରାକୁ ଏମାନେ ବିଶେଷ ଭାବେ ପ୍ରଭାବିତ କରିଥିଲେ। ଇସ୍କିନଙ୍କର ପ୍ରତିଭା ବହୁମୁଖୀ ଥିଲା। ସେ ଏକାଧାରାରେ ଥିଲେ ଚିତ୍ରକଳା କଥା ସାହିତ୍ୟର ସମାଲୋଚକ , ସମାଜ ସଂସ୍କାରକ ଓ ଓ ଶିକ୍ଷାବିତ୍। ଶିଳ୍ପ ସଭ୍ୟତାରେ ଯେଉଁ ଦୋଷ ଦେଖା ଦେଇଥିଲା -ଧନ ହିଁ ମୂଳ - ଏହି ମନୋଭାବ ବିରୁଦ୍ଧରେ ସେ ପ୍ରଚାର କରି କହିଥିଲେ ଯେ କର୍ମ ଜୀବନ ସତ୍ୟ , ଧନ ନିମିତ୍ତ ମାତ୍ର। ନିମିତ୍ତକୁ ଆମେ ଜୀବନର ଉଦ୍ଦେଶ୍ୟ ବୋଲି ଭାବିବା ହେତୁ ସମାଜରେ ଏତେ ଦୈନ୍ୟ,କୁତ୍ସିତତା ସ୍ଥାନ ପାଇଛି , ଯୁଗର କୁଳବୃଦ୍ଧ ଶିକ୍ଷାଗୁରୁ କାର୍ଲାଇଲ୍ ବ୍ୟକ୍ତି ଉପରେ ବଶି ଜୋର୍ ଦେଉଥିଲେ। ବଳଶାଳୀ ବ୍ୟକ୍ତିତ୍ୱ ଦ୍ୱାରା ଯୁଗ ପ୍ରବର୍ତ୍ତିତ ହୁଏ , ସମାଜର ଉତ୍ଥାନ ହୁଏ। ବୀର ମାନବଜାତି ଶ୍ରେଷ୍ଠ ପୁରୁଷ। ତାହାରି ପ୍ରଭାବ ,ବୁଦ୍ଧି ଓ ବ୍ୟକ୍ତିତ୍ୱ ସମାଜରୁ ସବୁ କଳଙ୍କ ଦୂର କରେ। ଏହି ଚିନ୍ତାଧାରା ଉପରେ କାର୍ଲାଇଲ୍ଙ୍କର ଅଧିକାଂଶ ଲେଖା ପ୍ରତିଷ୍ଠିତ। ବୀର ଓ ବୀରପୂଜା , ଫରାସୀ ବିପ୍ଳବ , କ୍ରମବେଲ୍ ପ୍ରଭୃତି ତାଙ୍କର ପ୍ରସିଦ୍ଧ ରଚନା। ଐତିହାସିକ ବଷୟବସ୍ତୁ ନେଇ ସେ ଘଟଣାଗୁଡ଼ିକୁ ପଛରେ ଥିବା ଦାର୍ଶନିକ ସତ୍ୟ ପ୍ରତିଷ୍ଠା କରିଛନ୍ତି ଓ ସମସାମୟିକ ମନସ୍ତତ୍ତ୍ୱ ଦିଗରୁ ବିଷୟର

Powered by Tekons

48

ଇଂରାଜୀ ସାହିତ୍ୟର ଗତିଧାରା

କବି ରଘୁନାଥ ଦାସ

[illegible]

[illegible] (୨୦)

[illegible]

[illegible]

[illegible]

[illegible]

www.jataayu.com

ଅନ୍ୟାନ୍ୟ ରଚନା

ଇଂରାଜୀ ସାହିତ୍ୟର ଗତିଧାରା

କବି ରଘୁନାଥ ଦାସ

[illegible]

[illegible]

[illegible]

ଅନ୍ୟାନ୍ୟ ରଚନା

ଇଂରାଜୀ ସାହିତ୍ୟର ଗତିଧାରା

କବି ରଘୁନାଥ ଦାସ

[illegible]

[illegible]

[illegible]

ThenThe family should come down
Like so many cats after the birds'She always said.
The snowflakes would sway down
and thud,
thud
thud
would sound the fallinng
pleasants
(Mary –Anne Sitwell)

[illegible]

Powered by Tekons

ଜଟାୟୁ

ଅନ୍ୟାନ୍ୟ ରଚନା

ଇଂରାଜୀ ସାହିତ୍ୟର ଗତିଧାରା

କବି ରଘୁନାଥ ଦାସ

ଉଦାହରଣସ୍ୱରୂପ, ପାୱାର ହାଉସ୍ ବିଷୟକ କବିତାର ଛନ୍ଦରେ ହୁଏତ ଆପେ ଆପେ କରିପାରିବା ଗୋଟାଏ ଭସ୍ ଭସ୍ ...ନେତୃତ୍ୱ ଓ ବୈଚିତ୍ର୍ୟ ଆମ ଆଧୁନିକ କବିତାମାନଙ୍କରେ ଦେଖିବାକୁ ପାଇବା।

ଆଧୁନିକ ଇଂରେଜ କବିମାନଙ୍କ ମଧ୍ୟରେ ଟି .ଏସ୍ .ଇଲିୟଟ୍,ଅଡେନ୍,ସ୍ପେଣ୍ଡର ,ସଦ୍‌ୱେଲ୍ , ହପ୍କିନ୍ସ ,ବ୍ଲାଉସ୍ମାନ , ସିସିଲ ଡେଲୁଇସ୍ ପ୍ରଭୃତି ବିଶିଷ୍ଟ କବି। କେତେକ ସମାଲୋଚକଙ୍କ ମତରେ ଟି .ଏସ୍ . ଉଲିୟଟ୍,ମିଲଟନ୍ଙ୍କ ସମକକ୍ଷ କବି -ପାଣ୍ଡିତ୍ୟ , ଗାମ୍ଭୀର୍ଯ୍ୟ ଓ କଳ୍ପନା ଗୁଣରେ।

ଆଧୁନିକ ନାଟକ

ନାଟକ ସାହିତ୍ୟକୁ ଉନ୍ନବିଂଶ ଶତାବ୍ଦୀର ଦାନ ବିଲ୍କୁଲ୍ ନାହିଁ କହିଲେ ଚଳେ। କିନ୍ତୁ ବିଂଶ ଶତାବ୍ଦୀର ବରିବର୍ତ୍ତିତ ଜୀବନ ଦାବି କଲା , ଏହି କୋଳାହଳପୂର୍ଣ୍ଣ ଜୀବନ ତଳେ ଯେଉଁ ଶତସହସ୍ର ମର୍ମନ୍ତୁଦ , ଗଭୀର ବ୍ୟର୍ଥତାର କରୁଣ ନାଟକ ଛପିଯାଇଛି ତାହା ଦୁନିଆ ଆଗରେ ଥରେ ସେ ବଡ଼ ପାଟିକରି କହିବ, ଥରେ ସେ ଦେଖାଇ ଦେବ ଯେ ବଦାନ୍ୟ ବ୍ୟକ୍ତି ବୋଲି ସମସ୍ତେ ଯାହା ଗଳାରେ ମାଳା ଲମ୍ବାଇ ଦିଅନ୍ତି ସେ ପ୍ରକୃତରେ ଜୁଆଖେଳା।

ଆଧୁନିକ ନାଟକ ଜରିଆରେ ଜନତାର ଭ୍ରାନ୍ତି ଦୂର କରାଯାଏ , ନୂତନ ଆଦର୍ଶ ରୀତିମତ ପ୍ରଚାର କରାଯାଏ - ଖୋଲାଖୋଲି ଭାବରେ। ପୁରୁଣା ନାଟକର ମାନଦଣ୍ଡରେ ମାପୁଥିବା ସମାଲୋଚକମାନେ ଆଧୁନିକ ନାଟକକୁ ପସନ୍ଦ କରି ନ ପାରନ୍ତି -ତାହାର ପ୍ରଚାର ଦୋଷ (?) ଲାଗି। କିନ୍ତୁ ମନେ ରଖିବାକୁ ହେବ ପ୍ରଚାର ଆଧୁନିକ ଦର୍ଶକମାଣ୍ଡଳୀ ତଥା ଆଜିକାଲିକାର ଜୀବନଦ୍ୱାରା ଆବୃତ। ନୂତନ ଆଦର୍ଶକୁ ଲୋକଙ୍କ ପଖରେ ପହଞ୍ଚାଇବା ହେଲେ ଏ ଯୁଗରେ ଖବରକାଗଜ ଓ ରଙ୍ଗମଞ୍ଚ ହିଁ ଦୁଇ ଶକ୍ତିଶାଳୀ ଅସ୍ତ୍ର। ରଙ୍ଗମଞ୍ଚରୁ ପୁରାତନ ଜୀର୍ଣ୍ଣ ସମାଜକୁ ସଫଳତା ସହକାରରେ ବ୍ୟଙ୍ଗ ବିଦ୍ରୂପ କରାଯାଇପାରେ , ନୂତନ ଭାବଧାରାର ବାର୍ତ୍ତା ଘୋଷଣା କରାଯାଇପାରେ। ଅନ୍ଧକାରରେ ଥିବା ଦିଗହରା ଜନତା ପାଇଁ ସମାଜର ମଙ୍ଗଳକଳ୍ପେ ଆଧୁନିକ ନାଟ୍ୟକାରମାନେ ନାଟକ ମାଧମରେ ନିଜର କର୍ତ୍ତବ୍ୟ ପାଳନ କରୁଛନ୍ତି। ଏହି ନାଟକମାନଙ୍କର ବ୍ୟକ୍ତି ବ୍ୟକ୍ତି ମଧ୍ୟରେ ସଂଘର୍ଷ ନାହିଁ।

ଭାବ ମଧ୍ୟରେ ସଂଘର୍ଷ ଗୁରୁତ୍ୱପୂର୍ଣ୍ଣ ନୁହେଁ। ଏକ ଆଦର୍ଶ ଓ ଅନ୍ୟ ଏକ ଆଦର୍ଶ , ଏକ ଚିନ୍ତାଧାରା ଏକ ଭାବନା ଅନ୍ୟ ଏକ ଭାବନା ମଧ୍ୟରେ ଯେଉଁ ସଂଘର୍ଷ , ଆଜିକାଲିର ନାଟକ ତାହାକୁ ଘେନି ଗଢ଼ି ଉଠିଥାଏ। ଏ ଯୁଗରେ ବ୍ୟକ୍ତିବିଶେଷ ଦୋଷଗୁଣ ଏତେ କ୍ଷୁଦ୍ର ଓ ନଗଣ୍ୟ ଯେ ତାହା ସମାଜର ଦୋଷଗୁଣ ଆଗରେ ଆହୁରି ତୁଚ୍ଛ। ତାହା ଉପରେ କୌଣସି ଘଟଣାବଳୀକୁ କେନ୍ଦ୍ରୀଭୂତ କରିବା ଅର୍ଥ ଆଧୁନିକ ନାଟକ ବିଷୟରେ ଏକ ମିଥ୍ୟା ପ୍ରଚାର କରିବା। ତେଣୁ ଆମେ ସାଧାରଣତଃ ଦେଖିବାକୁ ପାଉଁ ଯେ ଆଧୁନିକ ନାଟକରେ ଯେଉଁ ଚରିତ୍ର ଚିତ୍ରଣ କରାଯାଉଛି , ~~ସେ ଚରିତ୍ର କୌଣସି ବ୍ୟକ୍ତିବିଶେଷର ନୁହେଁ , ସେ ଚରିତ୍ର ଶ୍ରେଣୀର ପ୍ରତୀକ। ଜନ୍~~

Powered by Tekons

52

ଜଟାୟୁ

ଅନ୍ୟାନ୍ୟ ରଚନା

ଇଂରାଜୀ ସାହିତ୍ୟର ଗତିଧାରା

କବି ରଘୁନାଥ ଦାସ

ଗଲ୍ସବାର୍ଦ୍ଦୀ , ଜର୍ଜ ବାର୍ଣ୍ଣାଡଶ ଓ ଜେମସ୍ ବେରୀ ଆଧୁନିକ ନାଟ୍ୟକାର ହିସାବରେ ପ୍ରତିଷ୍ଠା ଲାଭ କରିଛନ୍ତି। ଗଲ୍ସବାର୍ଦ୍ଦୀ ସାମ୍ୟବାଦୀ ହେଲେ ବି ଉଗ୍ରପନ୍ଥୀ ନୁହନ୍ତି। ତାଙ୍କ ମତରେ ଆମେ ପରସ୍ପରକୁ ବୁଝିବାକୁ ଚେଷ୍ଟା କରୁନଥିବାରୁ ବହୁ ଦୁଃଖ କ୍ଳେଶ ଭୋଗୁଁ ଆପୋଷ ମିଳାମିଶା ଦ୍ୱାରା ଆମେ ବହୁତ କଥା ସୁଧାରି ନେଇ ପାରନ୍ତେ , ଅଥଚ ଆମେ ସେଠି ଏ ଅବୁଝା ହୋଇ ଆପଣାର ଓ ଅନ୍ୟର ଦୁଃଖର କାରଣ ହୋଇଥାଉଁ।

ବହୁ ସାମାଜିକ ନାଟକର ରଚୟିତା ହିସାବରେ ଗଲ୍ସବାର୍ଦ୍ଦୀ ପାଠକମାନଙ୍କର ଅତିପ୍ରିୟ ଥିଲେ। 'ବର୍ଣ୍ଣାଡ଼ଶ 'ଙ୍କର ନାଟକରେ ସେ ଚଳନ୍ତି ସମାଜର ବହୁ ଅନୁଷ୍ଠାନ ଓ ଆଦର୍ଶକୁ ବ୍ୟଙ୍ଗ ବିଦ୍ରୂପ କରରି ଉପହାସରେ ଉଡ଼ାଇ ଦେଇଛନ୍ତି । ସିଗାରେଟ ପାଇପଠାରୁ ମହାସମର , ରାଜତନ୍ତ୍ରଠାରୁ ସମାଜତନ୍ତ୍ର , ସେକ୍ସପିଅରଙ୍କ ଠାରୁ ଇଂଲଣ୍ଡର ପ୍ରଧାନମନ୍ତ୍ରୀ , କେହି ତାଙ୍କର ତୀବ୍ର ସମାଲୋଚନା ଧାରାରୁ ଖସି ନାହାନ୍ତି। ବାକ୍ଚାତୁରୀରେଶଙ୍କର ପ୍ରତ୍ୟେକ ଲେଖା ରସାଣିତ ,ସ୍ଫୂର୍ତ୍ତିମନ୍ତ। ଶ ' ତାଙ୍କର ନାଟକରେ କେତେଗୁଡ଼ିଏ ପ୍ରହସନମୟ ପରିସ୍ଥିତି ଦର୍ଶକଙ୍କ ଆଗରେ ଉପସ୍ଥାପନ କରି , ଆମେ ଯାହାକୁ ସବଳ ବହୁ ତାହାକୁ ବିଲ୍କୁଲ୍ ଫାଙ୍କା ଓ ଦୁର୍ବଳ ବୋଲି ପ୍ରତିପାଦନ କରନ୍ତି। ତାଙ୍କ ନାଟକରେ ମୁଖବନ୍ଧ ଥାଏ ଅବୟବ ଅପେକ୍ଷା ଅଧିକ। ଏହି ମୁଖବନ୍ଧ ଅତି ଉପାଦେୟ , କାରଣ ତହିଁରେ ମୌଳିକ ଚିନ୍ତାଧାରା ସ୍ପଷ୍ଟାକାରରେ ପ୍ରକାଶ ପାଇଥାଏ।

ଗଲିସବର୍ଦ୍ଦୀ ଓ ଶ ' ଉଭୟ ଇବ୍ସନଙ୍କ ନାଟକର ରୀତି ଅନୁସରଣ କରନ୍ତି -ରଙ୍ଗମଞ୍ଚ ଉପରେ ବିଶେଷ କିଛି ଘଟେ ନାହିଁ। ସାଧାରଣତଃ ନାଟକସ୍ଥ ଘଟଣାମାନ ଆଗରୁ ଘଟି ଯାଇଥାଏ। □□□□□(climax)□□ କଥାବସ୍ତୁ ଆରମ୍ଭ ହୁଏ ଓ କଥୋପକଥନ ଦ୍ୱାରା ଭାବକୁ ଉଜ୍ଜୀବିତ କରାଯାଏ। ଜେମ୍ସ ବେରୀ ପଳାୟନପନ୍ଥୀ ; ତାଙ୍କ ଉପରେ ମେଟରଲିଙ୍କ ଛାୟା ଗଭୀର ଭାବେ ପଡ଼ିଛି। ହାସ୍ୟରସ ତାଙ୍କର ଲେଖାକୁ ଉପଭୋଗ୍ୟ କରିବାକୁ ଯଥେଷ୍ଟ ଉପାଦାନ ଯୋଗାଇଛି। କିମ୍ଭୁତ କିମାକାର ଘଟଣାର ଅବତାରଣା କରି ପରୀ ଓ କାଉଁରୀ ଶକ୍ତି ପରିକଳ୍ପନା ଦ୍ୱାରା ବେରୀ ଦର୍ଶକମାନଙ୍କୁ କ୍ଷଣକ ଲାଗି କଳ୍ପନାପୁରୀକୁ ନେଇଯାଆନ୍ତି। ବେରୀଙ୍କ ବିଶେଷତ୍ୱ ଏହିଠାରେ ଯେ ସେ ଏହି ଅପାର୍ଥିବ ଘଟଣାମାନ ଆଧୁନିକ ଜୀବନରେ ବି ସମ୍ଭବ କରାଇ ପାରିଥାନ୍ତି।

ଆଧୁନିକ ଉପନ୍ୟାସ

ଏ ଯୁଗରେ ଉପନ୍ୟାସ ସାହିତ୍ୟରେ ବହୁ ନୂଆ ନୂଆ ପନ୍ଥା ଅନୁସରଣ କରି କଥା ସାହିତ୍ୟ ସୃଷ୍ଟି କରିବାର ପ୍ରୟାସ ଆମେ ଦେଖିବାକୁ ପାଉଁ ଏଚ୍ . ଜି .. ବେଲ୍ସ ବୈଜ୍ଞାନିକ ରୂପକଥାର ସ୍ରଷ୍ଟା। ବୈଜ୍ଞାନିକ ଆବିଷ୍କାର ଫଳରେ ଭବିଷ୍ୟତରେ କିପରି ନୂଆ ରକମର ଜୀବନ ଓ ଅନୁଭୂତିମାନ ସମ୍ଭବିପାରେ , ସେହି କଳ୍ପନା ଉପରେ ଏସବୁ ଉପନ୍ୟାସ ଗଢ଼ି ଉଠିଛି। ଏଚ୍ .ଜି . ବେଲ୍ସ ଏକ ବଳଶାଳୀ ଚିତ୍ର ଆଙ୍କିଛନ୍ତି। ତାଙ୍କର ଟୁନେ ଗେ ' ଉପନ୍ୟାସରେ କିପରି ପୁରୁଣା ସମାଜ ଭାଙ୍ଗି ପଡୁଛି , କିପରି ପ୍ରତିପତ୍ତିଶାଳୀ ପୁଞ୍ଜିପତି ଜନତା ସାଙ୍ଗରେ ଏକ ହୋଇ

Powered by TeRCHS

53

ଜଟାୟୁ

ଅନ୍ୟାନ୍ୟ ରଚନା

ଇଂରାଜୀ ସାହିତ୍ୟର ଗତିଧାରା

କବି ରଘୁନାଥ ଦାସ

ଯାଉଛି, ତାହା ବର୍ଣ୍ଣନା କରିଛନ୍ତି। ଆଖ୍ୟାୟିକା ଭିତରେ ବେଲ୍ସ ବହୁ ସ୍ଥଳରେ ରାଜନୈତିକ, ସାମାଜିକ ଓ ଅର୍ଥନୈତିକ ସମସ୍ୟାର ଚିତ୍ରଣ କରିଥାଆନ୍ତି।

ଏ ବେନେଟ୍ଙ୍କର ଉପନ୍ୟାସର ବିଶେଷତ୍ୱ ଯେ ସେ ଚରିତ୍ରମାନଙ୍କର ନିଜର ଦୃଷ୍ଟି କୋଣରୁ ଦୁନିଆର ଚିତ୍ର ପ୍ରଦାନ। ଆମେ କୃପଣଙ୍କୁ ସାଧାରଣତଃ ଘୃଣା କରିଥାଉଁ ଏବଂ ତାହାରି ଚରିତ୍ର ଚିତ୍ରଣ କଲାବେଳେ ଆମରି ଆଖିରେ ତାକୁ ଦେଖି ତାହାର ଅପବାଦଜନକ ଛବି ଆଙ୍କିଥାଉଁ , କିନ୍ତୁ କୃପଣର ନିଜ ଦୃଷ୍ଟିକୋଣ ଆମଠୁଁ ପୃଥକ୍ -ନିଜ ଆଖିରେ ସେ ନିଜେ ଘୃଣିତ ନୁହେଁ।କୃପଣର ପ୍ରକୃତ ପରିଚୟ ପାଇବାକୁ ହେଲେ ,ସେ କିପରି ଭାବେ ଦୁନିଆକୁ ଦେଖେ , ତାହାହିଁ ଜାଣିବା ଆମର ଦରକାର। ପାଠକର ବା ଲେଖକର ମନୋଭାବ ତା 'ଠାରେ ଆରୋପ କରିବା ଅନୁଚିତ।

ମନସ୍ତତ୍ତ୍ୱବିତ୍ ଫ୍ରୟେଡଙ୍କ ପ୍ରଭାବ ଏ ଯୁଗର ସାହିତ୍ୟମାନଙ୍କ ଉପରେ ବିଶେଷ ଭାବରେ ପଡ଼ିଛି। ଫ୍ରୟେଡଙ୍କର ମନୋବିଜ୍ଞାନ ତଥ୍ୟର ଅନୁସରଣ କରି ଜେମସ୍ ଜୟସ୍ ବହିର୍ଜଗତର ଘଟଣାବଳୀ ଚିତ୍ରଣ କରିବା ଛାଡ଼ି ମନୋଜଗତରେ ଯେଉଁସବୁ ଘଟଣା ଘଟିଯାଉଛି ତାହାର ଚିତ୍ର ଆଙ୍କନ୍ତି। ମନୋଜଗତ ଏକ ଅଦ୍ଭୁତ ରାଜ୍ୟ। ଆମେ ଯାହା ପ୍ରକାଶ କରୁଁ , ମନରେ କେବଳ ସେତିକି ଭାବୁନାହିଁ -ଭାବୁଁ ଢ଼େର ବେଶି। ଔପନ୍ୟାସିକ ତତାଙ୍କର 'ୟୁଲିସେସ୍ 'ନାମକ ହଜାରେ ପୃଷ୍ଠାରୁ ବେଶି ଏକ ଉପନ୍ୟାସରେ ଜଣେ ଲୋକ ସକାଳଠାରୁ ରାତିରେ ଶୋଇବା ପର୍ଯ୍ୟନ୍ତ କ'ଣ କ'ଣ ଭାବିଛି ତାହା ଲିପିବଦ୍ଧ କରିଛନ୍ତି। ମନୁଷ୍ୟର ଅବଚେତନ ମଧ୍ୟରେ ନାନା ଅଶ୍ଳୀଳ ଚିନ୍ତା ମଧ୍ୟ ସ୍ଥାନ ପାଏ। ଉପନ୍ୟାସରେ ସେ ସବୁ ସ୍ଥାନ ଦେଇଥିବାରୁ ଯୁକ୍ତରାଷ୍ଟ୍ରରେ ୟୁଲିସେସ୍ ପୁସ୍ତକର ପ୍ରଥମ ସଂସ୍କରଣ ବାଜ୍ୟାପ୍ତ ହୋଇ ପୋଡ଼ାଯାଇଥିଲା। ପରେ ପରେ ଉପନ୍ୟାସର ମହତ୍ତ୍ୱ ଉପଲବ୍ଧି କରି ତାହା ସାହିତ୍ୟକୁ ଏକ ଅଭିନବ ଓ ମୂଲ୍ୟବାନ ଅବଦାନ ବୋଲି ବୁଝିପାରି ସରକାର ସେ ବହି ଉପରୁ କଟକଣା ଶବ୍ଦ ସୃଷ୍ଟି କରିଛନ୍ତି। ଭାଷା କ୍ୱଚିତ୍ ପ୍ରାଞ୍ଜଳ । ଏହାର କାରଣ , ଅନେକ ସମୟରେ ମନ ମଧ୍ୟରେ ବହୁ ଶବ୍ଦ ଖୋଜିବା ପରେ ସେ ସବୁକୁ ଗୋଟିଏ ବାକ୍ୟରେ ପ୍ରକାଶ କରି ନପାରିବାରୁ ତା ମନ ମଧ୍ୟରେ ବହୁ ଶବ୍ଦର ଚିନ୍ତା ଏକ ସମୟରେ ଖେଳିଯାଉଛି ଏବଂ ଏହି ଚିନ୍ତାକୁ ପ୍ରକାଶ କରିବାକୁ ସେ ସବୁଗୁଡ଼ିକ ଶବ୍ଦ ବା ତହିଁର ନିୟବଂଶ ସଂଯୁକ୍ତ ଭାବରେ ଲିପିବଦ୍ଧ କରିବାକୁ ଦରକାର ବୋଲି ଭାବୁଛି।

ଡି .ଏଚ୍ . ଲରେନ୍ସ ଅନ୍ୟ ଜଣେ ପ୍ରସିଦ୍ଧ ଔପନ୍ୟାସିକ। ତାଙ୍କ ମତରେ ଯୌନ ସମ୍ପର୍କ ଯେଣୁ ମନୁଷ୍ୟର ଖାଦ୍ୟପେୟ ଓ ବିଶ୍ରାମ ପରି ଏକ ଶାରୀରିକ ଓ ଜୀବନମୂଳକ ଆବଶ୍ୟକ ବିଷୟ , ତେଣୁ ସେଥିରେ ଅଯଥା ବା ମିଥ୍ୟାମୂଳକ ରୋମାନ୍ସ ଆରୋପ କରିବା ଦ୍ୱାରା ଆମେ ଭୁଲ୍ କରିଥାଉଁ। ଏହି ମନସ୍ତତ୍ତ୍ୱମୂଳକ ତଥ୍ୟ ଉପରେ ସେ ତାଙ୍କର ଉପନ୍ୟାସ ଗଢ଼ିଛନ୍ତି। ସେଥିରେ ମା ଓ ପୁଅ

Powered by Tekons

54

ଜଟାୟୁ

ଅନ୍ୟାନ୍ୟ ରଚନା

ଇଂରାଜୀ ସାହିତ୍ୟର ଗତିଧାରା

କବି ରଘୁନାଥ ଦାସ

ମଧରେ ବି ନିଃସାଙ୍କୋଚରେ ଯୌନ ବିଷୟ କଥାବାର୍ତ୍ତା ସେ ବାଢ଼ିଛନ୍ତି।

ଏ ଯୁଗର ଅନ୍ୟାନ୍ୟ ବିଶିଷ୍ଟ ଉପନ୍ୟାସ ଲେଖକଙ୍କ ମଧ୍ୟରେ ଜେମ୍ସ ଷ୍ଟିଫେନ୍ , ଇ, ଏମ୍, ଫାଷ୍ଟର୍ ,ଯୋଶେଫ ଜନ୍ରାଡ ପ୍ରଭୃତିଙ୍କ ନାମ ଉଲ୍ଲେଖ ତରାଯାଇପାରେ।

ସମ୍ବାଦପତ୍ର ଏ ଯୁଗର ସାହିତ୍ୟକୁ ବିଶେଷ ଭାବରେ ରୂପ ଦେଇଛି। ଆଧୁନିକ କର୍ମବହୁଳ ଯୁଗରେ ସମ୍ବାଦପତ୍ର ନ ହେଲେ ନଚଳେ। ପାଠକ ଏହି ସମ୍ବାଦପତ୍ର ସବୁ ପଢୁ ପଢୁ ମଧ ମୁହୂର୍ତ୍ତକ ଲାଗି ସାହିତ୍ୟ ଆସ୍ୱାଦନ ପାଇବାକୁ ଚାହେଁ। ତେଣୁ ସମ୍ବାଦପତ୍ରମାନେ ଅନ୍ୟାନ୍ୟ ଖବର ଓ ଆଲୋଚନା ମଧରେ ପ୍ରବନ୍ଧ , ରମ୍ୟରଚନା ଓ କ୍ଷୁଦ୍ରଗଳ୍ପ ଛପାଇଥାନ୍ତି। ଏହିପରି ଫରମାସୀଦିଆ ଲେଖକ ପାଠକ ମନରେ ମାତ୍ର ଅଳ୍ପ କେତୋଟି ଧାଡ଼ିଭିତରେ କି ରସ ବା ସୃଷ୍ଟି କରିପାରିବ ? ଏ.ଜି .ଗାର୍ଡ଼ିନର ,ଜି .କେ. ଚେଷ୍ଟରଟନ୍ ଓ ପ୍ରିଷ୍ଟଲି ଏହିପରି କ୍ଷୁଦ୍ର ରଚନା ଲେଖିବାରେ ପ୍ରସିଦ୍ଧିଲାଭ କରିଛନ୍ତି। ସେଲ୍ସ ଶ ’,ହକ୍ସଲି ପ୍ରଭୃତି ସାହିତ୍ୟିକମାନେ ମଧ ଜଟିଳ ବୈଜ୍ଞାନିକ , ଦାର୍ଶନିକ ,ଅର୍ଥନୈତିକ ବା ରାଜନୈତିକ ତଥ୍ୟମାନ ସାମ୍ବାଦିକ ଭାଷାରେ ଉପସ୍ଥାପନ କରିଛନ୍ତି। ଏହି ପ୍ରକାର ଲେଖାଦ୍ୱାରା ହିଁ ଜନସାଧାରଣଙ୍କର ସାହିତ୍ୟପିପାସା ମେଣ୍ଟା ଯାଇପାରୁଛି।

ଆଧୁନିକ ସାହିତ୍ୟ ଆମୋଦପ୍ରମୋଦ ଲାଗି ସୃଷ୍ଟ ନୁହେଁ , କଳ୍ପନାବିଳାସ ଏହାର ଚରମ ଲକ୍ଷ୍ୟ ନୁହେଁ। ବୈଜ୍ଞାନିକ ଭାବରେ ଜୀବନକୁ ପର୍ଯ୍ୟବେକ୍ଷଣ କରି ସତ୍ୟାସତ୍ୟ ନିରୂପଣ କରିବା, ସମାଜକୁ ଶିକ୍ଷିତ କରାଇବା , ଜ୍ଞାନାଲୋକ ପ୍ରସାର କରିବା ହେଲା ଏହାର ଆଦର୍ଶ। ସମାଜ ପ୍ରତି ଆଜିକାଲିକାର ଲେଖକର ଗୁରୁଦାୟିତ୍ୱ ଅଛି। ତା ’ର ଲେଖନୀରୁ ମିଥ୍ୟା ଝରିବ ନାହିଁ , ସେ ବୈଜ୍ଞାନିକ ସତ୍ୟକୁ ପ୍ରକାଶ କରିବ , ପାଠକକୁ ଭୁଲାଇବ ନାହିଁ।ଆଧୁନିକ ସାହିତ୍ୟ ତେଣୁ ଉଦ୍ଭିଦ ବିଜ୍ଞାନ ବା ପଦାର୍ଥ ବିଜ୍ଞାନ ପରି ସମାଜର ଏକ ଅପରିହାର୍ଯ୍ୟ ବିଷୟ ହୋଇ ପଡ଼ିଛି। ମାନବ ହୃଦୟର ଭାବରାଶିକୁ ତନ୍ନ ତନ୍ନ କରି ପରୀକ୍ଷା କରି ତାହାର ଚିନ୍ତାଧାରା ଓ ସ୍ପନ୍ଦନ କିପରି ଭାବେ ନିୟନ୍ତ୍ରିତ ହେଉଛି , ମିଥ୍ୟାର ମାୟାଜାଲରେ ମନୁଷ୍ୟର ଭ୍ରାନ୍ତ ଧାରଣା କିପରି ଅନ୍ଦୋଳିତ ହେଉଛି ,ମାନବର ଆଦର୍ଶ କ’ଣ , କ’ଣ କଲେ ମନୁଷ୍ୟ ତା ’ର ଦୁଃଖ ଦୁର୍ବଳତାରୁ ରକ୍ଷା ପାଇପାରିବ , ଭବିଷ୍ୟତ ସମାଜର ରୂପରେଖ କ’ଣ ହେବ ଇତ୍ୟାଦି ହେଲା ଏ ଯୁଗର ସାହିତ୍ୟସ୍ରଷ୍ଟାର ପ୍ରଧାନ ଚିନ୍ତା।

Powered by Tekons

55